


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani


ଯା ଦେବୀ ସର୍ବଭୂତେଷୁ............


website : www.dhwanipratidhwani.net

email: pratidhwani.dhwani@gmail.com



ବାଲେଶ୍ୱର ■ ମଙ୍ଗଳବାର, ୩୦ ଅଗଷ୍ଟ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 30 AUGUST 2022

Vol.No. 35 ■ No. 227 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022







ପ୍ରକାଶକ :

ସୁବର୍ଣ୍ଣଶ୍ରୀ ପ୍ରକାଶିନୀ

ବାଲେଶ୍ୱର-୧





ସୃଷ୍ଟିଧର ପରିଡ଼ାଙ୍କର ଏମିତି ଚାଲିଥିବ

ପ୍ରାପ୍ତିସ୍ଥାନ

ସୈରିନ୍ଧ୍ରୀ ସାହୁଙ୍କର ରଫ୍‌ଖାତାର ଚିତ୍ର

ନଲେଜ୍ କର୍ଣ୍ଣର୍, ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡ ସାମନା ବାଲେଶ୍ୱର-୧


# ରାଜନୈତିକ ପୃଷ୍ଠପୋଷକତା ବିନା ୩୩ ବର୍ଷ ଧରି ଗୋଟିଏ ଆଞ୍ଚଳିକ ସମ୍ବାଦପତ୍ର ପ୍ରକାଶନ ଏକ ଐତିହାସିକ ଘଟଣା

## ଧ୍ୱନି ପ୍ରତିଧ୍ୱନି ଓ ସାଗରିକାର ବାର୍ଷିକ ଉତ୍ସବ ଓ ସମ୍ମାନ ପ୍ରଦାନ ସମାରୋହ ଅନୁଷ୍ଠିତ





ବାଲେଶ୍ୱର, ୨୯/୦୮ (ନି.ପ୍ର): ଆଜି ଧ୍ୱନି ପ୍ରତିଧ୍ୱନି ଓ ସାଗରିକାର ୩୩ତମ ବାର୍ଷିକ ଉତ୍ସବ ଆଜି ଭେନିଆ ପାରାଡାଇଜରେ ଅନୁଷ୍ଠିତ ହୋଇଯାଇଛି । ପୂର୍ବତନ ମନ୍ତ୍ରୀ ଶ୍ରୀଯୁକ୍ତ ରଘୁନାଥ ମହାନ୍ତି ସଭାପତିତ୍ୱ କରିଥିବା ବେଳେ ବରେଣ୍ୟ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ଅଧ୍ୟାପକ ବିଶ୍ୱରଂଜନ, ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସଂପାଦକ ଡ. ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟ, ରେଭେନ୍ସା ବିଶ୍ୱବିଦ୍ୟାଳୟର ଓଡିଆ ବିଭାଗ ମୁଖ୍ୟ ଡ. ଜ୍ଞାନୀ ଦେବାଶୀଷ ମିଶ୍ର, ରେବତୀର ସଂପାଦିକା ସୁବାସିନୀ ଜେନା, ଓଡିଶା ସାହିତ୍ୟ ଏକାଡେମୀର ସଦସ୍ୟ କାଳୀପଦ ପଣ୍ଡା, ଉଦଳା ବିଜ୍ଞପିତ ପରିଷଦର ନଗରପାଳ ଶ୍ରୀମତୀ ପ୍ରମିଳା ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଧ୍ୱନି ପ୍ରତିଧ୍ୱନିର ବିଶେଷ ସଂଖ୍ୟାକୁ ଉନ୍ମୋଚନ କରିଥିଲେ । ଏହି ଉତ୍ସବରେ ଧ୍ୱନି ପ୍ରତିଧ୍ୱନିର ପରିଚାଳନା ସଂପାଦକ ସୃଷ୍ଟିଧର ପରିଡା ପ୍ରାକ୍ କଥନ ରଖିଥିବା ବେଳେ ସଂପାଦିକା ସୈରିନ୍ଧ୍ରୀ ସାହୁ ନିଜ ସଂପାଦକୀୟ ବକ୍ତବ୍ୟରେ ସାହିତ୍ୟ, ସମ୍ବାଦ ଓ ସମ୍ପର୍କ ଉପରେ ଗୁରୁତ୍ୱପୂର୍ଣ୍ଣ କଥା ରଖିଥିଲେ । ଅଧ୍ୟାପକ ବିଶ୍ୱରଞ୍ଜନ ଓଡ଼ିଆ ସାହିତ୍ୟରେ ବାଲେଶ୍ୱରର ନିରନ୍ତର ଯେଉଁ ଅବଦାନ ରଖିଛି ସର୍ବୋପରି ଏ ମାଟି ସବୁ ସମୟରେ ପ୍ରେମ, ସହବନ୍ଧନ, ସଂହତି ଓ ସମ୍ପର୍କର ସେତୁକୁ ସୁଦୃଢ଼ କରି ସମସ୍ତଙ୍କୁ ତା' କୋଳକୁ ଟାଣି ଆଣିଥାଏ । ବିବିଧ ମତାନ୍ତର ମଧ୍ୟରେ ବି ଏଠାରେ ଦେଖିବାକୁ ମିଳେ ଏକତ୍ରିକରଣ । ଗୋଟିଏ ମଞ୍ଚରେ ସଭିଏଁ ଏକତ୍ର ହୋଇପାରନ୍ତି, ଯାହା ସମଗ୍ର ଓଡ଼ିଶାର ସାରସ୍ୱତ ପରିମଣ୍ଡଳକୁ ଦେଇଥାଏ ସୌହାର୍ଦ୍ଦ୍ୟର ବାର୍ତ୍ତା । ଅନ୍ୟତମ ଅତିଥି ଡ. ପ୍ରଭାସଚନ୍ଦ୍ର ଆଚାର୍ଯ୍ୟ ଖବରକାଗଜ ପ୍ରକାଶନ ସମ୍ବନ୍ଧୀୟ ସାମ୍ପ୍ରତିକ ସ୍ଥିତିରେ ଯେଉଁ ନୂତନ ସମସ୍ୟାମାନ ଅଭ୍ୟୁଦୟ ହେଉଛି ତାର ଅବତାରଣ କରି ବିନା ରାଜନୈତିକ ପୃଷ୍ଠପୋଷକତାରେ ଗୋଟିଏ ଆଞ୍ଚଳିକ ସମ୍ବାଦପତ୍ର ନିରବଚ୍ଛିନ୍ନ ଭାବେ ୩୩ ବର୍ଷ ଧରି ପ୍ରକାଶ ପାଇବା ନିଶ୍ଚିତ ଭାବେ ଏକ ଐତିହାସିକ ଘଟଣା । ସମଗ୍ର ଦେଶ ଓ ଆମ ରାଜ୍ୟରେ ପ୍ରାୟତଃ କୌଣସି ରାଜନୈତିକ ଦଳର ଜଣେ ଟାଣୁଆ ନେତାଙ୍କ ▶▶ପୃଷ୍ଠା ୭





ଧ୍ୱନି ପ୍ରତିଧ୍ୱନି ଓ ସାଗରିକାର ୩୩ଶ ବାର୍ଷିକ ଉତ୍ସବ ସମାରୋହରେ ଆୟୋଜିତ କବିତା ପାଠୋତ୍ସବ : ସଭାପତିତ୍ୱ ଅଧ୍ୟାପିକା ଡ. ଗୀତାଶ୍ରୀ ପ୍ରିୟମ୍ବଦା, ସଂଯୋଜନାରେ ସୁଶ୍ରୀ ସତ୍ୟଭାମା ମୁଦୁଲି, ଗଗନ ସେଠୀ ଓ ସମ୍ପାଦିକା ସୈରିନ୍ଧ୍ରୀ ସାହୁ ।

# ପୁଣି ମୁହଁ ଖୋଲିଲେ ଗୁଲାମ ନବୀ ଆଜାଦ



ନୂଆଦିଲ୍ଲୀ, ୨୯/୦୮ : ଦୀର୍ଘବର୍ଷ ଧରି କଂଗ୍ରେସର ଜଣେ ସଚ୍ଚୋଟ ନେତା ଭାବେ ରହି ଆସିଥିଲେ ବରିଷ୍ଠ ନେତା ଗୁଲାମ ନବୀ ଆଜାଦ । କିଛି ଦିନ ପୂର୍ବରୁ ବିଭିନ୍ନ କାରଣ ନେଇ ସେ ହାତକୁ ଛାଡିଛନ୍ତି । ଏବେ ଦଳ ବିଷୟରେ ଏଭଳି କିଛି ବୟାନ ଦେଇ ପୁଣି ଚର୍ଚ୍ଚାରେ କଂଗ୍ରେସର ଏହି ପୂର୍ବତନ ନେତା । ଗଣମାଧ୍ୟମକୁ ସାକ୍ଷାତ ଦେଇ ରାହୁଲ ଗାନ୍ଧୀଙ୍କ ବିଷୟରେ ବଡ ବୟାନ ଦେଇଛନ୍ତି ଗୁଲାମ । ରାହୁଲ ଜଣେ ଭଲ ଲୋକ କିନ୍ତୁ ରାଜନୀତି ପାଇଁ ତାଙ୍କର ସ୍ୱଭାବଗତ ଦକ୍ଷତା ନଥିବା କହିଛନ୍ତି ଆଜାଦ । କେବଳ ସେତିକି ନୁହେଁ ଦଳର ଆଭ୍ୟନ୍ତରୀଣ ଅନେକ କଥାର ଖୁଲ୍ଲାସା କରିଛନ୍ତି ଗୁଲାମ । ୧୯୯୮ରୁ ୨୦୦୪ ପର୍ଯ୍ୟନ୍ତ ଯେଉଁ ସମୟରେ ସୋନିଆ ଗାନ୍ଧୀ ଦଳର ଅଧ୍ୟକ୍ଷା ଥିଲେ ସେ ପର୍ଯ୍ୟନ୍ତ ଦଳ ବରିଷ୍ଠ ନେତାଙ୍କ ପରାମର୍ଶ ନେଉଥିଲେ ଓ ଉଚିତ ସମ୍ମାନ ମଧ୍ୟ ମିଳୁଥିଲା । କିନ୍ତୁ ରାହୁଲ ଗାନ୍ଧୀ ଆସିବା ପରେ ସବୁ କିଛି ବଦଳିଯାଇଥିଲା । ତେଣୁ ଦଳପ୍ରତି ଆନୁଗତ୍ୟ ରଖୁଥିବା କିଛି ବରିଷ୍ଠନେତା ବାଧ୍ୟ ହୋଇ କଂଗ୍ରେସ ଛାଡିଥିବା ଗୁଲାମ କହିଛନ୍ତି । ରାଜ୍ୟସଭା କାର୍ଯ୍ୟକାଳର ଶେଷ ଦିନରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଭାଷଣ ଓ ଗୁଲାମଙ୍କ ଭାବବିହ୍ୱଳ ଘଟଣାକୁ ନେଇ ଯେଉଁ ଚର୍ଚ୍ଚା ଏବେ ଜୋର ଧରିଛି ତା ଉପରେ ମଧ୍ୟ ନିଜର ପ୍ରତିକ୍ରିୟା ରଖିଛନ୍ତି ଗୁଲାମ । ଚର୍ଚ୍ଚା ପାଇଁ ଅନ୍ୟ କୌଣସି ଦଳ ନୁହେଁ କଂଗ୍ରେସକୁ ସେ ସିଧାସଳଖ-ଦାୟୀ କରିଛନ୍ତି । କଂଗ୍ରେସର ଭବିଷ୍ୟତକୁ ନେଇ ମଧ୍ୟ ଗୁଲାମ ବଡ ବୟାନ ରଖିଛନ୍ତି । ସେ କହିଛନ୍ତି ବର୍ତ୍ତମାନର ସିଡବ୍ଲୁସି ନିରର୍ଥକ । ଦଳର କାର୍ଯ୍ୟନୀତି ଭୁଲ ଦିଗରେ ଯାଉଛି । ଦଳକୁ ନିର୍ଦ୍ଦିଷ୍ଟ ଦିଶାରେ କାମ କରିବା ଉଚିତ । ଦଳର ମଙ୍ଗ ଜଣେ ଅଭିଜ୍ଞସମ୍ପନ୍ନ ବ୍ୟକ୍ତିଙ୍କୁ ହାତକୁ ଦିଆଯିବା ଉଚିତ ।

# ବିଧାନସଭାରେ ଫ୍ଲୋର ଟେଷ୍ଟ ଦେଲେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ



ନୂଆଦିଲ୍ଲୀ, ୨୯/୦୮ : ଦିଲ୍ଲୀ ଅବକାରୀ ଦୁର୍ନୀତି ଅଭିଯୋଗ ଘେରରେ ରହିଛି ଆମ ଆଦମୀ ପାର୍ଟି । ସିବିଆଇ ସ୍କାନରରେ ଆପର ଉପମୁଖ୍ୟମନ୍ତ୍ରୀ ମନିଷ ସିସୋଦିଆଙ୍କ ସମେତ ଆପର ଅନେକ ନେତା ମଧ୍ୟ ରହିଛନ୍ତି । ଏହି ଘଟଣାକ୍ରମରେ ଏବେ ମୁହାଁମୁହିଁ ହେଉଛନ୍ତି ଆପ ଓ ବିଜେପି । ବିଜେପି କହୁଛି ଦିଲ୍ଲୀ ସରକାର ଅବକାରୀ ନୀତିରେ ବଡ ଦୁର୍ନୀତି କରିଛନ୍ତି । ସେପଟେ ଆପ କହୁଛି ଦିଲ୍ଲୀରେ ସରକାର ଭାଙ୍ଗିବାକୁ ବିଜେପି କରୁଛି ଅପରେସନ ଲୋଟସ । ଏହା ଭିତରେ ସୋମବାର ବିଧାନସଭାରେ ଶକ୍ତି ପ୍ରଦର୍ଶନ କରିଛନ୍ତି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ । ବିଶ୍ୱାସ ପ୍ରସ୍ତାବ ସମୟରେ ବିଜେପି ଉପରେ ଜୋରଦାର ବର୍ଷିଛନ୍ତି କେଜ୍ରିୱାଲ । ମୁଖ୍ୟମନ୍ତ୍ରୀ କେଜ୍ରିୱାଲ ଏକଥା ମଧ୍ୟ କହିଛନ୍ତି ବିଜେପି ଦିଲ୍ଲୀରେ ସରକାର ଭାଙ୍ଗିବା ପାଇଁ ଘୋଡାବେପାର କରୁଛି । ଆପର କିଛି ବିଧାୟକଙ୍କୁ ୨୦କୋଟିରୁ ଅଧିକ ଟଙ୍କାର ଅଫର କରୁଛି। କିନ୍ତୁ ମୋ ବିଧାୟକ ସଚ୍ଚୋଟ, ତେଣୁ ବିଜେପିର ଅପରେସନ ଲୋଟସ ଫେଲ ମାରିଛି । କେଜ୍ରିୱାଲ ବିବୃତି ରଖିବା ସମୟରେ ବିଜେପି ବିଧାୟକ ଗୃହରେ ପ୍ରବଳ ହଟଗୋଳ ମଧ୍ୟ କରିଛନ୍ତି । ଦିଲ୍ଲୀ ଅବକାରୀ ▶▶ପୃଷ୍ଠା ୭

## ୭୨ ଘଂଟାରେ ଡମ୍ପିଂୟାଡ ବିବାଦର ସମାଧାନ ହେବ : ଉଷା ଦେବୀ

ଭୁବନେଶ୍ୱର, ୨୯/୦୮ (ନି.ପ୍ର): ଭୁବନେଶ୍ୱର ଦାରୁଠେଙ୍ଗ ଡମ୍ପିଂୟାଡ ବିବାଦ ପ୍ରସଙ୍ଗକୁ ନେଇ ଆଲୋଚନା ଚାଲିଛି। ମେୟର ଓ କମିଶନର ଘଟଣାକୁ ନେଇ ଆଲୋଚନା କରୁଛନ୍ତି । ଗ୍ରାମବାସୀମାନଙ୍କୁ ବୁଝା ଚାଲିଛି । ୭୨ ଘଂଟା ମଧ୍ୟରେ ସମସ୍ୟାର ସମାଧାନ ହୋଇଯିବ । ବାୟୋ ମାଇନିଂ ପ୍ଲାଂଟ ଉପରେ ବିଚାର କରାଯାଉଛି ବୋଲି କହିଛନ୍ତି ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀ ।

## ନୂଆଖାଇ ଦିନ ବନ୍ଦ ରହିବ ବ୍ୟାଙ୍କ

ଭୁବନେଶ୍ୱର, ୨୯/୦୮ (ନି.ପ୍ର): ଆସନ୍ତା ସେପ୍ଟେମ୍ବର ୧ ନୂଆଖାଇ ଅବସରରେ ବ୍ୟାଙ୍କ ବନ୍ଦ ରଖାଯିବାକୁ ଘୋଷଣା କରିଛନ୍ତି ରାଜ୍ୟ ସରକାର। ଉକ୍ତ ଦିନ ରାଜ୍ୟର ସମସ୍ତ ବ୍ୟାଙ୍କ ଓ ଅନ୍ୟ ବିତୀୟ ସଂସ୍ଥା ବନ୍ଦ ରହିବ ବୋଲି ରାଜ୍ୟ ସରକାର ଘୋଷଣା କରିଛନ୍ତି। ଏସମ୍ପର୍କରେ ରାଜ୍ୟ ରାଜସ୍ୱ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ନୂଆଖାଇରେ ବ୍ୟାଙ୍କ ବନ୍ଦ ରଖିବାକୁ ଦାବି ହୋଇଆସୁଥିଲା।

# ୩୧ରେ ୧୬ ଦେଶର ରାଷ୍ଟ୍ରଦୂତଙ୍କୁ ଭେଟିବେ ନବୀନ

ଭୁବନେଶ୍ୱର, ୨୯/୦୮ (ନି.ପ୍ର): ଆସନ୍ତା ନଭେମ୍ବର ୩୦ରୁ ଡିସେମ୍ବର ୪ ପର୍ଯ୍ୟନ୍ତ ୩ୟ ମେକ୍ ଇନ ଓଡ଼ିଶା ସମ୍ମିଳନୀ ଅନୁଷ୍ଠିତ ହେବ। ଏହି ସମ୍ମିଳନୀକୁ ବିଭିନ୍ନ ଦେଶର ନିବେଶକମାନଙ୍କୁ ଆକୃଷ୍ଟ କରିବା ଲକ୍ଷ୍ୟରେ ଆସନ୍ତା ୩୧ ତାରିଖରେ ନୂଆଦିଲ୍ଲୀଠାରେ ଏକ ସ୍ୱତନ୍ତ୍ର ସମାବେଶର ଆୟୋଜନ କରାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧୬ଟି ଦେଶର ରାଷ୍ଟ୍ରଦୂତମାନଙ୍କୁ ଭେଟି ଓଡ଼ିଶାରେ ନିବେଶ କରିବାକୁ ଆମନ୍ତ୍ରଣ ଜଣାଇବେ। ଏହି ଦେଶ ଗୁଡିକ ହେଲେ ଆମେରିକା, ବ୍ରିଟେନ, ଜାପାନ, ଲକ୍ସମ୍ବର୍ଗ, ଜର୍ମାନୀ, ଫ୍ରାନ୍ସ, ଇଟାଲି, ଦକ୍ଷିଣ କୋରିଆ, ଅଷ୍ଟ୍ରେଲିଆ, ବାହାରିନ, ସିଂଗାପୁର, ବେଲଜିୟମ, ଓମାନ, କାତାର ଓ ୟୁଏଇ । ଏହା ସହିତ ସେ ଶିଳ୍ପପତିମାନଙ୍କୁ ମଧ୍ୟ ଭେଟିବାର କାର୍ଯ୍ୟକ୍ରମ ରହିଛି। ଏହି ସମାବେଶରେ ନବୀନ ମେକ-ଇନ-ଓଡ଼ିଶା ସମ୍ମିଳନୀ ସମ୍ପର୍କରେ ଆଲୋଚନା କରିବେ ବୋଲି ଶିଳ୍ପମନ୍ତ୍ରୀ ପ୍ରତାପ ଦେବ ସୂଚନା ଦେଇଛନ୍ତି। ଶିଳ୍ପ ମନ୍ତ୍ରୀ କହିଛନ୍ତି ଯେ ଏହି ନିବେଶ ସମାବେଶର ବିଜିନେସ ପାର୍ଟନର ହୋଇଛି ଫିକି। ଦୁବାଇରୁ ୨୧ହଜାର ୩ଶହ କୋଟି ଟଙ୍କାର ପୁଞ୍ଜି ଆସିଛି। ଅନେକ ଶିଳ୍ପପତି ୨୦୧୬ରୁ ମେକ ଇନ ଓଡିଶା କାର୍ଯ୍ୟକ୍ରମ ସହ ଯୋଡି ହୋଇଛନ୍ତି। ଓଡିଶାରେ ବ୍ୟାପକ ପୁଞ୍ଜି ନିବେଶ ହେଲେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସହ ବେକାରୀ ସମସ୍ୟା ଦୂର ହେବ। ଏହି କାର୍ଯ୍ୟକ୍ରମରେ ଶିଳ୍ପମନ୍ତ୍ରୀ ପ୍ରତାପ କେଶରୀ ଦେବ, ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର, ଶିଳ୍ପ ସଚିବ ହେମନ୍ତ ଶର୍ମା ଓ ଓଡ଼ିଶା ସରକାରଙ୍କ ବରିଷ୍ଠ ଅଧିକାରୀମାନେ ଯୋଗ ଦେବେ ।

# ଗଣେଶ ମୂର୍ତ୍ତି ବିବାଦ ପ୍ରସଙ୍ଗରେ ହସ୍ତକ୍ଷେପ କଲେନି ହାଇକୋର୍ଟ



ଭୁବନେଶ୍ୱର, ୨୯/୦୮ (ନି.ପ୍ର): ବିକୃତ ଗଣେଶ ମୂର୍ତି ବିବାଦରେ ହସ୍ତକ୍ଷେପ କରିବାକୁ ଓଡ଼ଶା ଉଚ୍ଚ ନ୍ୟାୟାଳୟ ମନା କରିଦେଇଛନ୍ତି। ଓଡ଼ଶା ହାଇକୋର୍ଟ ପୋଲିସ୍ ପ୍ରଶାସନ ଉପରେ ନିଷ୍ପତି ଛାଡ଼ିଛନ୍ତି। ହାଇକୋର୍ଟ କହିଛନ୍ତି, ଚିରାଚରିତ ମୂର୍ତିକୁ ବାଦ ଦେଇ ବିକୃତ ମୂର୍ତି ନିର୍ମାଣ ହୋଇପାରିବ ନାହିଁ। " ହିନ୍ଦୁ ଆଇନ ଅନୁଯାୟୀ ଏଭଳି ମୂର୍ତି ନିର୍ମାଣ ଓ ପୂଜା ଆଇନ ସମ୍ମତ ନୁହେଁ। ଏଭଳି ମୂର୍ତି ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରିବାର ସମ୍ଭାବନା ରହିଛି।"ପୋଲିସକୁ ଏଭଳି ମୂର୍ତି ନିର୍ମାଣ ଓ ପୂଜାମଣ୍ଡପରେ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ବିଚାରପତିଙ୍କ ଖଣ୍ଡପୀଠ ମାମଲାର ଶୁଣାଣି କରି ଏହି ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ପୁରୀଘାଟ ଥାନା ଅଧିକାରୀ ମୂର୍ତି କାରୀଗରଙ୍କୁ ନେଇ ଆଲୋଚନା କରିବେ। ପରବର୍ତୀ ସମୟରେ ଯେପରି ଏଭଳି କୌଣସି ବିକୃତ ମୂର୍ତି ନିର୍ମାଣ ନକରିବେ, ସେନେଇ ସେମାନଙ୍କୁ ଉପଦେଶ ଦେବେ। ଅପରପକ୍ଷରେ ଏହି ପ୍ରସଙ୍ଗରେ ଉଭୟ ମୂର୍ତି କାରିଗର ଓ କ୍ଲବଗୁଡ଼ିକୁ ତାଗିଦ କରିଛନ୍ତି କଟକ ଡିସିପି ପିନାକ ମିଶ୍ର। ମଣ୍ଡପରେ ଏଭଳି ମୂର୍ତି ପ୍ରତିଷ୍ଠା ନକରିବାକୁ ଅପିଲ କରିଛନ୍ତି ଡିସିପି। ସେ କହିଛନ୍ତି ପୋଲିସ ସବୁବେଳେ ଏଭଳି ମୂର୍ତି ନିର୍ମାଣ ନକରିବାକୁ ଅନୁରୋଧ କରିଆସିଛି। ଏଥିରେ ବ୍ୟତିକ୍ରମ ଦେଖିଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ। ଧାର୍ମିକ ଭାବନାରେ ଆଘାତ ପହଂଚାଇବା ଭଳି ପଦକ୍ଷେପକୁ ଗ୍ରହଣ କରାଯିବନି ବୋଲି ଡିସିପି କହିଛନ୍ତି। ସୂଚନାଯୋଗ୍ୟ ଯେ ବିକୃତ ମୂର୍ତି ନିର୍ମାଣ କରିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୋଲିସ ତାଗିଦ କରିବା ପରେ ଏହାକୁ ଚାଲେଞ୍ଜ କରି ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ ମୂର୍ତି କାରିଗର ନାରାୟଣ ମୁଦୁଲି।

# ଅଗ୍ନିଶମବାହିନୀରେ ଗଢାହେବ ଷ୍ଟ୍ରାଇକିଂ ଫାୟାର ଫୋର୍ସ



ଭୁବନେଶ୍ୱର, ୨୯/୦୮ (ନି.ପ୍ର): ବର୍ତ୍ତମାନ ସମୟର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଅଗ୍ନିଶମ ବାହିନୀକୁ ଅଧିକ ଦକ୍ଷ ଓ କ୍ରିୟାଶୀଳ କରାଯିବା ଉପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁତ୍ୱ ଆରୋପ କରିଛନ୍ତି । ବିଭିନ୍ନ ବିପର୍ଯ୍ୟୟ ବିଶେଷକରି ଅଗ୍ନି ଦୁର୍ଘଟଣା ସମୟରେ ଲୋକଙ୍କ ଉଦ୍ଧାର କାର୍ଯ୍ୟ ଯେପରି ତ୍ୱରାନ୍ୱିତ ଭାବରେ କରାଯାଇପାରିବ, ତାକୁ ଦୃଷ୍ଟିରେ ରଖି ୧୪୪ ସଦସ୍ୟ ବିଶିଷ୍ଟ ଏକ ଷ୍ଟ୍ରାଇକିଂ ଫାୟାର ଫୋର୍ସ ଗଠନ କରାଯିବ। ଏ ସଂପର୍କରେ ଆଜି ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଏକ ଉପସ୍ଥାପନା କରାଯାଇ ପ୍ରସ୍ତାବ ଉପରେ ବିସ୍ତୃତ ଆଲୋଚନା କରାଯିବା ପରେ ପ୍ରସ୍ତାବଟି ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ଲାଭ କରିଛି। ନିଷ୍ପତ୍ତି ଅନୁଯାୟୀ ରାଜ୍ୟର କଟକ, ସମ୍ବଲପୁର ଓ ବ୍ରହ୍ମପୁରରେ ଥିବା ୩ଟି ଜୋନରେ ଏହି ଷ୍ଟ୍ରାଇକିଂ ଫାୟାର ଫୋର୍ସର ୩ଟି ରେଞ୍ଜ ହେଡକ୍ୱାଟର ରହିବ। ପ୍ରତ୍ୟେକ ରେଞ୍ଜ୍ ହେଡକ୍ୱାଟର ପାଇଁ ୪୮ଟି ପଦବୀ ସୃଷ୍ଟି କରାଯାଇ ସମୁଦାୟ ୧୪୪ଟି ପଦବୀ ସୃଷ୍ଟି ହେବ। ଏଥିରେ ଆସିଷ୍ଟାଣ୍ଟ ଫାୟାର ଅଫିସର, ଷ୍ଟେସନ ଅଫିସର, ଆସିଷ୍ଟାଣ୍ଟ ଷ୍ଟେସନ ଅଫିସର, ହାବିଲଦାର ମେଜର, ଡ୍ରାଇଭର ହାବିଲଦାର, ହାବିଲଦାର ମେକାନିକ୍, ଲିଡିଂ ଫାୟାରମ୍ୟାନ, ଫାୟାରମ୍ୟାନ ଡ୍ରାଇଭର ଓ ଫାୟାରମ୍ୟାନ ଆଦି ପଦବୀ ରହିବ । ସମସ୍ତ ପ୍ରକାର ପ୍ରାକୃତିକ ବିପର୍ଯ୍ୟୟ କିମ୍ବା ମନୁଷ୍ୟକୃତ ବିପର୍ଯ୍ୟୟ ବା ଦୁର୍ଘଟଣା ସମୟରେ ଓଡିଶା ଅଗ୍ନିଶମ ସେବା କାର୍ଯ୍ୟ କରି ଜନସାଧାରଣଙ୍କୁ ଠିକ୍ ସମୟରେ ସେବା ଯୋଗାଇ ଦେଉଛି । ରିଲିଫ ଓ ଉଦ୍ଧାର କାର୍ଯ୍ୟରେ ମଧ୍ୟ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏପରିକି ରାଜ୍ୟ ବାହାରେ ମଧ୍ୟ ବିଭିନ୍ନ ବିପର୍ଯ୍ୟୟ ସମୟରେ ଅଗ୍ନଶମ ବାହିନୀ ପକ୍ଷରୁ ଉଲ୍ଲେଖନୀୟ ସେବା ଯୋଗାଇ ଦିଆଯାଉଛି । ତେଣୁ ଅଗ୍ନିଶମ ▶▶ପୃଷ୍ଠା ୭

# ବହୁରୂପୀ ଏଣ୍ଡୁଅ ବିକ୍ରି ଅଭିଯୋଗରେ ଅଜା ନାତି ଗିରଫ



ଭୁବନେଶ୍ୱର, ୨୯ ଅଗଷ୍ଟ – ରାଜଧାନୀରେ ବହୁରୂପୀ ଏଣ୍ଡୁଅ ବିକ୍ରି ବେଳେ ସୋମବାର ଦିନ ବନ ବିଭାଗ ଚଢାଉ କରି ୨ ଜଣଙ୍କୁ ଗିରଫ କରିଥିବା ବେଳେ ସେମାନଙ୍କ ଠାରୁ ଏଣ୍ଡୁଅ ଜବତ କରିଛି। ଗିରଫ ୨ ଅଭିଯୁକ୍ତ ହେଉଛନ୍ତି ଜଗତସିଂହପୁରର ରଶ୍ମି ରଞ୍ଜନ ଦାସ ଓ କ୍ଷୀରୋଦ ମହାନ୍ତି । ସେମାନେ ସମ୍ପର୍କରେ ଅଜା ନାତି ବୋଲି ଜଣାପଡିଛି। ଏଣ୍ଡୁଅକୁ ଦେଢ ଲକ୍ଷ ଟଙ୍କାରେ ବିକ୍ରି ପାଇଁ ଡିଲ୍ ହୋଇଥିଲା। ସୋମବାର ମଧ୍ୟାହ୍ନ ସମୟରେ ବହୁରୂପୀ ଏଣ୍ଡୁଅ ବିକ୍ରି କରିବାକୁ ଭୁବନେଶ୍ୱର ବାଣୀବିହାର ନିକଟ ଶ୍ୟାମା ମୁଖାର୍ଜୀ ପାର୍କକୁ ଯାଇଥିଲେ ଅଜା ଓ ନାତି। ବନବିଭାଗ ଟିମ୍ ଗ୍ରାହକ ସାଜି ଏଣ୍ଡୁଅ କିଣିବାକୁ ସେମାନଙ୍କ ସହ କଥା ହେବା ବେଳେ ଉଭୟଙ୍କୁ ମାଡ଼ି ବସିଲେ ବନ କର୍ମଚାରୀ। ଭୁବନେଶ୍ୱର ଏବଂ ମଂଚେଶ୍ୱର ବନ ବିଭାଗ ପକ୍ଷରୁ ମିଳିତ ଭାବେ ଏହି ଚଢ଼ାଉ କରାଯାଇଥିଲା। ସୂଚନା ଅନୁଯାୟୀ, ଉଭୟ ଅଭିଯୁକ୍ତ ଜଟଣୀର ଜଣେ ବ୍ୟକ୍ତିଙ୍କଠାରୁ ୫୦ ହଜାର ଟଙ୍କାରେ ଏକ ବହୁରୂପୀ ଏଣ୍ଡୁଅ କିଣିଥିଲେ। ତାହାକୁ ଗୋଟିଏ ଦିନ ରଖିବା ପରେ ଦେଢ ଲକ୍ଷରେ ବିକ୍ରି ପାଇଁ ଯୋଜନା କରିଥିଲେ। ▶▶ପୃଷ୍ଠା ୭

# ରାଇବଣିଆର ଜଂଗଲ ଅଂଚଳରୁ ପର୍ଶ୍ଚିମବଂଗକୁ ବ୍ୟାପକ ଚୋରା ମୋରମ ଚାଲାଣ

ଜଳେଶ୍ୱର ,୨୯/୦୮ (ନି.ପ୍ର): ରାଇବଣିଆର ବିଭିନ୍ନ ଜଂଗଲ ଅଂଚଳରୁ ପର୍ଶ୍ଚିମବଂଗକୁ ବ୍ୟାପକ ଚୋରା ମୋରମ ଚାଲାଣ ହେଉଥିବା ଅଭିଯୋଗ ହୋଇଛି । ମୋରମ ଖନନ ଓ ପରିବହନ ପାଇଁ କେତେକ ସରକାରୀ କଟକଣା ଥିଲା ବେଳେ କେତେକ ରାକେଟ ଖୁଲମଖୁଲା ଚାଲାଣ କରୁଥିବା କେତେକ ଗ୍ରାମବାସୀ ଅଭିଯୋଗ କରିଛନ୍ତି ।

ରାଇବଣିଆର ଉତ୍ତର ଓ ପୂର୍ବ ଦିଗରେ ସୁବର୍ଣ୍ଣରେଖା ପ୍ରବାହିତ ହେଉଥିବାରୁ ଏହି ଅଂଚଳ ପାହାଡିଆ ଅଟେ । ସେ ଅଂଚଳର ମୋରମ ସରକାରୀ ନିଲାମ ଦିଆଯାଇନଥିବା ବେଳେ ସେଠାରୁ ଚୋରାରେ ଚାଲା ହୋଇ ଆସୁଛି । ବରଡିହା ପଂଚାୟତର ରାଇଶୋଳ ଗ୍ରାମନିକଟରୁ ଚୋରାରେ ମୋରମ ପର୍ଶ୍ଚିମବଂଗକୁ ଚାଲାଣ ହେଉଛି । ଦିବା ରାତ୍ର କେତେକ ଡମ୍ପର ରାଇଶୋଳରୁ ଭାୟା ଅଗ୍ରୱାଲା ଛକ ଦେଇ ୬୦ନଂ ଜାତୀୟ ରାଜପଥରେ ପର୍ଶ୍ଚିମବଂଗକୁ ଚାଲାଣ କରୁଥିବା କୁହାଯାଇଛି । ଏଥିନିମନ୍ତେ ତହସିଲ କାର୍ଯ୍ୟାଳୟର କେତେକ କର୍ମଚାରୀ ସଂପୃକ୍ତ ଥିବା କୁହାଯାଉଛି । କୌଣସିସ୍ଥାନରୁ ଖବର ପାଇ ରାଜସ୍ୱ ବିଭାଗର କର୍ମକର୍ତ୍ତା ଘଟଣାସ୍ଥଳରେ ପହଞ୍ଚିବା ପୂର୍ବରୁ ଅଭିଯୁକ୍ତମାନେ ଜାଣିପାରୁଥିବା ଯୋଗୁଁ କର୍ମଚାରୀଙ୍କ ସଂପୃକ୍ତିକୁ ଅଂଗୁଳି ନିର୍ଦ୍ଦେଶ କରୁଛି । ଡମ୍ପର ଗୁଡିକ ଜଣା ନଯିବା ଲାଗି ନମ୍ବର ପ୍ଲେଟ ଖୋଲି ଏପରି ଚୋରା ଚାଲାଣ ହେଉଥିବା କୁହାଯାଉଛି । କେବଳ ବରଡିହା ନୁହେଁ, ଶ୍ୟାମନଗର, ସର୍ଦ୍ଦାରବନ୍ଧ ଓ ରାଇବଣିଆ ପଂଚାୟତର କେତେକ ଜଂଗଲ ଅଂଚଳରୁ ମଧ୍ୟ ଏପରି ଚୋରା ଚାଲାଣ ହୋଇ ଆସୁଥିବାର କୁହାଯାଇଛି । ଉପରୋକ୍ତ



ପଂଚାୟତ ୩ଟିରୁ ଅଧିକ ମୋରମ୍ ନୟାଗ୍ରାମ ଥାନାକୁ ଚୋରାରେ ଯାଉଥିବା ସ୍ଥାନୀୟ ଲୋକେ କହିଛନ୍ତି । ବାଲି ଓ ମୋରମ ଚୋରା ଚାଲାଣ ରୋକିବା ଲାଗି ଟାକ୍ସଫୋର୍ସ ଗଠନ ଲାଗି ଦାବି ହେଉଛି ।

# ଦୁଇ ଦିବସୀୟ କୌଶିକ ରାୟ ମେମୋରିଆଲ କ୍ୟାରମ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ନୀଳଗିରି,୨୯/୦୮ (ନି.ପ୍ର): ନୀଳଗିରିର ପୂର୍ବତନ ନଗରପାଳ ୰କ୍ଷୀତିଶ ଚନ୍ଦ୍ର ରାୟଙ୍କ ଜ୍ୟେଷ୍ଠ ପତ୍ର ୰କୌଶିକ ରାୟଙ୍କ ସ୍ମୃତିରେ ନୀଳଗିରି ବସ୍‌ଷ୍ଟାଣ୍ଡ ପରିସରରେ କୌଶିକ ରାୟ ମେମୋରିଆଲ ୨ ଦିନିଆ କ୍ୟାରମ ଟୁର୍ଣ୍ଣାମେଂଟ ଅନୁଷ୍ଠିତ ହୋଇଯାଇଛି । ଏହି ଦୁଇ ଦିନିଆ ଟୁର୍ଣ୍ଣାମେଂଟ କୁ ମୁଖ୍ୟ ଅତିଥି ଭାବେ ଏନ.ଏ.ସି. ଅଧକ୍ଷା ଶ୍ରୀମତୀ ଅମ୍ବିକା ଦାସ ଫିତାକାଟି ଖେଳକୁ ଶୁଭାରମ୍ଭ କରିଥିଲେ । ଅନ୍ୟତମ ଅତିଥି ବିଜେପି ନେତା ଗଙ୍ଗାଧର ମିଶ୍ର, ବିଜେପି ନଗର ସଭାପତି ପ୍ରଫୁଲ୍ଲ ଦଳାଇ, ବିଜେଡିର ଅନୁସୂଚିତଜନଜାତିର




ଏନ.ଏ.ସି. ଓ ନୀଳଗିରି ବ୍ଲକ ସଭାପତି ତଥା ସମାଜସେବୀ ଶରତ ଦାସ ଉପସ୍ଥିତ ରହି ଏତାଦୃଶ ଟୁର୍ଣ୍ଣାମେଂଟକୁ ଭୂୟସୀ ପ୍ରଶଂସା କରିଥିଲେ । ଏହି ଦୁଇ ଦିନିଆ କ୍ୟାରମ ଟୁର୍ଣ୍ଣାମେଂଟ ରେ ବାଲେଶ୍ୱର, ମୟୂରଭଂଜ ଓ ଭଦ୍ରକ ଜିଲ୍ଲାର କ୍ୟାରମ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ । ଏହି ଟୁର୍ଣ୍ଣାମେଂଟର ମୋଟ ୬୪ଟି ଟିମ୍ ଅଂଶ ଗ୍ରହଣ କରିଥିଲେ । ବାରିପଦାର ସୌମ୍ୟରଂଜନ ଭଞ୍ଜଦେଓ ଓ ତାଙ୍କ ସାଥୀ ରନର୍ସଅପ ହୋଇଥିବା ବେଳେ ବାରିପଦାର କାହ୍ନା ଓ ଅବିନାଶଙ୍କ ଜୋଡ଼ି ଚମ୍ପିଆନ ହୋଇଛନ୍ତି । ରନସ୍‌ଅପକୁ ୮୦୦୦ ଏବଂ ଚମ୍ପିଆନ ଟିମ୍ ୧୨୦୦୦ ଟଙ୍କା ପ୍ରଦାନ କରାଯାଇଛି । ତୃତୀୟ ବିଜେତା ଟିମ୍‌କୁ ସାନ୍ତ୍ୱନା ମୂଳକ ଭାବେ ୪୦୦୦ ଟଙ୍କା ପ୍ରଦାନ କରାଯାଇଛି । ଉକ୍ତ କ୍ୟାରମ ଟୁର୍ଣ୍ଣାମେଂଟ କୁମାର ରାୟ, ରାଜୀବ ମହାପାତ୍ର, ଭବାନୀଶଙ୍କର ପଣ୍ଡା, ସଂଜୟ ରାଉତ, ପ୍ରୀତିଶଙ୍କର ମହାପାତ୍ର, ପ୍ରମୁଖ ସହଯୋଗ କରିଥିଲେ ।

# ମାରୱାଡି ଯୁବା ମଂଚ ବଲାଙ୍ଗୀର ଶାଖା ପକ୍ଷରୁ ସାଇକେଲ ରେଲି

ବଲାଙ୍ଗିର,୨୯/୦୮ (ନି.ପ୍ର): ବଲାଙ୍ଗୀର ମାରୱାଡି ଯୁବା ମଂଚ ବଲାଙ୍ଗୀର ଶାଖା ପକ୍ଷରୁ ଆଜି ସକାଳେ ସହରରେ ଏକ ସାଇକେଲ ରେଲି ଅନୁଷ୍ଠିତ ହୋଇଯାଇଛି । ଆଜିର ଏହି ଧାଁ ଦୌଡ ଦୁନିଆରେ ଶରୀରକୁ ଫିଟ୍ ରଖିବା ଓ ସୁସ୍ଥ ଜୀବନ ଅତିବାହିତ କରିବା ପାଇଁ ସାଇକେଲିଂ କରିବା ଆବଶ୍ୟକ ଅଟେ । 'ସ୍ୱାସ୍ଥ୍ୟ ହିଁ ସଂପଦ' ଏହି ବାର୍ତାକୁ ଲୋକଙ୍କ ପାଖରେ ପହଂଚାଇବାର ଲକ୍ଷ ନେଇ ମାରୱାଡି ଯୁବା ମଂଚ ପକ୍ଷରୁ ଏହି ସାଇକେଲ ରେଲି ଆୟୋଜିତ ହୋଇଛି ବୋଲି ଆୟୋଜକ କମିଟି ପକ୍ଷରୁ ସୂଚନା ଦିଆଯାଇଛି । ଏଥିରେ ମାରୱାଡି ସମାଜର ବହୁ ସ୍ୱେଚ୍ଛାସେବୀ ଓ ସଦସ୍ୟ ମାନେ ମାନେ ଯୋଗଦେଇ ସାଇକେଲ ରେଲିରେ ସହର ପରିକ୍ରମା କରିଥିଲେ । ଏହି ସାଇକେଲ ରେଲି ଗାନ୍ଧି ନଗର ପଡା ଷ୍ଟେଡିୟମରୁ ଆରମ୍ଭ ହୋଇ ବଲାଙ୍ଗୀର ସହରର ମଧ୍ୟରେ ୯ କିଲୋମିଟର ଅତିକ୍ରମ କରିଥିଲା । ଆଜି ସାରା ଭାରତରେ ମାରୱାଡି ଯୁବା ମଂଚର ମୋଟ ୪୫୦ ଶାଖା ଏହିପରି ସାଇକେଲ ରେଲିର ଆୟୋଜନ କରାଯାଇଥିବା ମାରୱାଡି ଯୁବା ମଂଚର ମୁକେଶ ଅଗ୍ରୱାଲ ସୂଚନା ଦେଇଛନ୍ତି ।

# ବିକାଶ ସାଥୀ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର

ନୀଳଗିରି,୨୯/୦୮ (ନି.ପ୍ର): ବିକାଶ ସାଥୀ ପକ୍ଷରୁ ଶ୍ୟାମସୁନ୍ଦରପୁର ଫଂଚାୟତର ଗୋଡ଼ିଖୁଲା ଗ୍ରାମରେ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ୫୦ଜଣ ରୋଗୀଙ୍କୁ ମାଗଣାରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିବା ବେଳେ ମାଗଣା ଔଷଧ ବଂଟନ କରାଯାଇଥିଲା । ଏହି ଶିବିରରେ ଡ. ଅମରଜ୍ୟୋତି ବେହେରା, ଡ. ମୋନାଲିସା ବେହେରା, ମନୋଜ ପଣ୍ଡା, ବିଶ୍ୱଜିତ ପଣ୍ଡା, ମାନସ ପଣ୍ଡା, ମନୋରଂଜନ ଦାସ, ଶୁଭସ୍ମିତା ପଣ୍ଡା, ଅସୀମା ଜେନା, ଜୟନ୍ତ ପଲେଇ, ଅସ୍ମିତା ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିଲେ ।

# ମୟୂରଭଂଜ ମିରରର ଚତୁର୍ଥ ସ୍ୱନକ୍ଷତ୍ର ଦିବସ ପାଳିତ

ବାରିପଦା ,୨୯/୦୮ (ନି.ପ୍ର): ମୟୂରଭଂଜ ଜିଲ୍ଲାର ପର୍ଯ୍ୟଟନ, ଇତିହାସ ଓ ଐତିହ୍ୟର ପ୍ରଚାର ପ୍ରସାର ନିମେନ୍ତ ୨୦୧୮ ମସିହାରୁ ଆରମ୍ଭ ହୋଇଥିବା କାର୍ଯ୍ୟକ୍ରମ ମୟୂରଭଂଜ ମିରର ର ୪ର୍ଥ ବାର୍ଷିକ ସ୍ୱନକ୍ଷତ୍ର ଦିବସ ବାରିପଦାର ଶ୍ରୀରାମଚନ୍ଦ୍ର ପାଠାଗାର (ଜୁବୁଲୀ ଲାଇବ୍ରେରୀ) ପ୍ରାଙ୍ଗଣେର ପାଳିତ ହୋଇଯାଇଛି । ସବର୍ପ୍ରଥେମ ବାରିପଦାର ପ୍ରସିଦ୍ଧ ଶୈବପୀଠ ବାବା ବୁଢାରାଉଳଙ୍କ ପୀଠେର ପୂଜାର୍ଚ୍ଚନା କରାଯିବା ସହ ସନ୍ଧ୍ୟା ସମୟେର ଜୁବୁଲୀ ଲାଇବ୍ରେରୀ ପ୍ରାଙ୍ଗଣେର ମୟୂରଭଂଜ ମିରରର ଶତାଧିକ ଶୁଭେଚ୍ଛୁ ଓ ଦଶର୍କମାନଙ୍କ ଉପସ୍ଥିତିରେ ମୟୂରଭ ମିରରର ଚାରିବଷର୍ର ଯାତ୍ରା ସମ୍ପକର୍ରେ ଏକ ଭିଡିଓ ପ୍ରଦଶର୍ନ ପୂବର୍କ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା ।



ଏହି କାର୍ଯ୍ୟକ୍ରମେର ମୟୂରଭଂଜ ମିରରର କୁମାରେଶ ନାୟକ, ସନତ ବାରିକ, ଋଷିରାଜ ପଟ୍ଟନାୟକ, ଜୟ ପ୍ରକାଶ ସିଂହ, କଶୋିର କୁମାର ମହାନ୍ତି, ରଂଜିତ ପେଲଇ, ଲୋକେଶ୍ୱର ଭଂଜ, ସୁଶ୍ରୀ ନାୟକ, ସୌମ୍ୟରଞ୍ଜନ ମିଶ୍ର, କ୍ରିଷ୍ଟାଚନ୍ଦ୍ର ମୁଖୀ, କରୁଣାକର ସୋରେନ, ଶ୍ରୁତି ସ୍ୱପ୍ନା, ନିହାର ରଂଜନ ନନ୍ଦ, ଅଂଶୁମାନ ଦାସ, ଶତାବ୍ଦୀ ତେରଇ, ଭବାନୀ ପାତ୍ର, ଚିତା ସୋରେନ, ବାଙ୍ଗୀ ମାଝୀ, ଭାସ୍ୱତୀ ପଣ୍ଡା, ତ୍ରିଷା ପୃଷ୍ଟି, ସ୍ୱାତୀ ସାହା, ଲିଲିମା ସାହୁ, ପ୍ରୀତି ମିସ୍ତ୍ରୀ, ଶୁଭ୍ରା ସୌଭାଗ୍ୟବତୀ ସି, ରଶ୍ମିତା ପରିଡା, ଅପର୍ଣ୍ଣା ସିଂହ, ଜ୍ୟୋତିଶ୍ରୀ ସିଂହ, ଅଭଷେିକ ବେହେରା, ଗୋପାଳ କୃଷ୍ଣ ଦାସ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

# ସାହିତ୍ୟିକ ୰ ପ୍ରଫୁଲ୍ଲ ପଣ୍ଡାଙ୍କୁ ଗାନ୍ଧୀ ବାଳାଶ୍ରମରେ ଶ୍ରଦ୍ଧାଞ୍ଜଳୀ

ଭଦ୍ରକ,୨୯/୦୮ (ନି.ପ୍ର): ବିଶିଷ୍ଟ ସାରସ୍ୱତ ସାଧକ, ନାଟ୍ୟ ଗବେଷକ, କଳାତୀର୍ଥର ପ୍ରଦୀପ ନାଟ୍ୟାଚାର୍ଯ୍ୟ ରଘୁନାଥ ପଣ୍ଡାଙ୍କ ସାର୍ଥକ ଉତରାଧିକାରୀ ପ୍ରଫୁଲ୍ଲ କୁମାର ପଣ୍ଡାଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଗାନ୍ଧୀ ଓଡ଼ିଶା ବାଳାଶ୍ରମ ଠାରେ ସମାରୋହରେ ପାଳିତ ହୋଇଯାଇଛି । ବାଳାଶ୍ରମର ସମ୍ପାଦକ ଅଶୋକ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସ୍ମୃତି ସଭାରେ ତ୍ୟାଗଭୂମିର ସଭାପତି ସମାଜସେବୀ ଅଜୟ ନାୟକ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଦେବେନ୍ଦ୍ର ପୁହାଣ, ଆଡ୍‌ଭୋକେଟ୍ ମନୋରଞ୍ଜନ ମହାନ୍ତି, ସଙ୍ଗୀତଜ୍ଞ ମନୋଜ ପଣ୍ଡା, ଅଧୀକ୍ଷକ ହୃଷିକେଶ ମହାନ୍ତି ଓ ବର୍ଷିୟାନ୍ ସାମ୍ବାଦିକ ପରମାନନ୍ଦ




ଦାସ ପ୍ରମୁଖ ଯୋଗଦେଇ ଦିବଂଗତ ପ୍ରଫୁଲ୍ଲ ପଣ୍ଡାଙ୍କ ସାହିତ୍ୟ ଓ କଳା କ୍ଷେତ୍ରରେ ଅତୁଳନୀୟ ଅବଦାନ ସମ୍ପର୍କରେ ବର୍ଣ୍ଣନା କରିଥିଲେ । ସ୍ୱର୍ଗତ ପଣ୍ଡା ଏକାଧାରାରେ ଜଣେ ସୁସାହିତ୍ୟିକ, ନାଟ୍ୟ ଗବେଷକ, ସୁବକ୍ତା, ସମୀକ୍ଷକ ଓ ଅହଂକାର ଶୂନ୍ୟ ମଣିଷ ଭାବରେ ଜନମାନସପଟରେ ସବୁଦିନ ସ୍ମରଣୀୟ ହୋଇ ରହିବେ ବୋଲି ବକ୍ତାମାନେ କହିଥିଲେ । ପ୍ରାରମ୍ଭରେ ବାଳାଶ୍ରମର ସମ୍ପାଦକ ଅଶୋକ କୁମାର ଦାସ ସ୍ୱର୍ଗତ ପଣ୍ଡାଙ୍କ ସହ ଗାନ୍ଧୀ ବାଳାଶ୍ରମର ନିବିଡ଼ ସମ୍ପର୍କ ବିଷୟରେ ଆଲୋକପାତ କରିଥିଲେ । ସଙ୍ଗୀତ ଗୁରୁ ରାମନାରାୟଣ ପଣ୍ଡାଙ୍କ ନିର୍ଦ୍ଦେଶନାରେ ବାଳାଶ୍ରମର ଅନ୍ତେବାସୀମାନେ ସ୍ମୃତି ସଙ୍ଗୀତ ପରିବେଷଣ କରିଥିଲେ ।

# ଖୋଲମରା ଗ୍ରାମରେ ରିଲିଫ ବାଂଟିଲା ହୋପ୍ ଇଜ୍ ଲାଇଫ

ପୁରୀ ,୨୯/୦୮ (ନି.ପ୍ର): ପୁରୀ ଜିଲ୍ଲା ଗୋପ ବ୍ଲକ ଅଧୀନ ନୂଆ ଖୋଲମରା ଫଂଚାୟତର ଖୋଲମରା ଗ୍ରାମରେ ପୁରୀର ସ୍ୱେଚ୍ଛାସେବୀ ଅନୁଷ୍ଠାନ ହୋପ୍ ଇଜ୍ ଲାଇଫ ପକ୍ଷରୁ ବନ୍ୟା ପ୍ରଭାବିତ ଲୋକମାନଙ୍କୁ ରିଲିଫ ବଂଟନ କରାଯାଇଥିଲା । ଦୀର୍ଘ ସାତ ଦିନରୁ ଅଧିକ ପାଣି ଘେରରେ ରହିଥିଲା ଗ୍ରାମ । ଏହାକୁ ଦେଖି ଅନୁଷ୍ଠାନ ପକ୍ଷରୁ ବିପନ୍ନମାନଙ୍କୁ ଶୁଖିଲା ଖାଦ୍ୟ ବଂଟନ କରାଯାଇଥିଲା । ପୁରୀ ସହରରୁ ଏହି ଅନୁଷ୍ଠାନ ଯାଇ ସେଠାରେ ଗ୍ରାମବାସୀଙ୍କୁ ସାହର୍ଯ୍ୟର ହାତ ବଢେଇଥିବାରୁ ଗ୍ରାମବାସୀମାନେ ଅନୁଷ୍ଠାନକୁ ପ୍ରଂଶାସା କରିଥିଲେ ।

# ନୀଳଗିରି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଜ୍ଞାନ ମେଳା

ନୀଳଗିରି,୨୯/୦୮ (ନି.ପ୍ର): ମିତ୍ରପୁର ସଂକୁଳର ଜ୍ଞାନ ବିଜ୍ଞାନ ମେଳା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ନୀଳଗିରି ଠାରେ ଅନୁଷ୍ଠିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୁବ ଇଂଜିନିୟର ମାନନୀୟ ଶ୍ରୀଯୁକ୍ତ ସୁଜିତ ମହାନ୍ତି ମହୋଦୟ ଯୋଗ ଦେଇଥିଲେ ଏବଂ ମା' ସାରଦାଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ଜ୍ଞାନ ବିଜ୍ଞାନ ମେଳାର ଶୁଭଉଦ୍‌ଘାଟନ କରିଥିଲେ । ମୁଖ୍ୟବକ୍ତା ଭାବେ ମାନନୀୟ ଶ୍ରୀଯୁକ୍ତ ନରୋତମ ପରିଡ଼ା ମହୋଦୟ ଯୋଗ ଦେଇ ମାର୍ଗଦର୍ଶନ କରାଇଥିଲେ । ମାନନୀୟ ଶ୍ରୀଯୁକ୍ତ ଜଗବନ୍ଧୁ ମହାପାତ୍ର ସଂକୁଳ ପ୍ରମୁଖ, ମିତ୍ରପୁର ସଂକୁଳ ଉକ୍ତ କାର୍ଯ୍ୟକ୍ରମର ସଭାପତିତ୍ୱ କରିଥିଲେ । ମାନନୀୟ ଶ୍ରୀଯୁକ୍ତ କମଳଲୋଚନ ମିଶ୍ର ଉକ୍ତ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ



। ସ୍ଥାନୀୟ ଶିଶୁ ବିଦ୍ୟା ମନ୍ଦିର,ନୀଳଗିରିର ପ୍ରଶାସନିକ ସଦସ୍ୟା ମାନନୀୟା ଶ୍ରୀମତୀ ସୁଭାଷିନୀ ଜୀ ଧନ୍ୟବାଦ ଅର୍ପଣ କରିଥିଲେ । ମଂଚାସୀନ ଅତିଥି ଅଧିକାରୀଙ୍କର ପରିଚୟ ପ୍ରଦାନ ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ମାନନୀୟ ଶ୍ରୀଯୁକ୍ତ ଜୟକୃଷ୍ଣ ବାରିକ ମହୋଦୟ କରିଥିଲେ । ଏହି ଜ୍ଞାନ ବିଜ୍ଞାନ ମେଳାରେ ୯ଟି ବିଦ୍ୟାଳୟରୁ ମୋଟ ୨୬୭ଜଣ ପ୍ରତିଭାଗୀ ଅଂଶ ଗ୍ରହଣ କରିଥିଲେ । ଉକ୍ତ ବିଜ୍ଞାନମେଳାରେ ଶିଶୁ ବର୍ଗ, ବାଲବର୍ଗ ଓ କିଶୋରବର୍ଗରେ ବିଜ୍ଞାନପ୍ରକଳ୍ପ, ବିଜ୍ଞାନ ପ୍ରୟୋଗ, ବିଜ୍ଞାନ ପ୍ରଶ୍ନମଂଚ, ବିଜ୍ଞାନ ପତ୍ରବାଚନ, ଗଣିତପ୍ରକଳ୍ପ, ଗଣିତ ପ୍ରୟୋଗ , ଗଣିତ ପ୍ରଶ୍ନମଂଚ, ଗଣିତ ପତ୍ରବାଚନ, ସଂସ୍କୃତିଜ୍ଞାନ ପ୍ରଶ୍ନମଂଚ, ସଂସ୍କୃତିଜ୍ଞାନ ପତ୍ର ବାଚନ ଇତ୍ୟାଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି । ସର୍ବଶେଷରେ ଜ୍ଞାନ ବିଜ୍ଞାନ ମେଳାକୁ ଉଦ୍‌ଯାପନ କରାଯାଇ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଦ୍ୟାଳୟ ସମେତ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଆଚାର୍ଯ୍ୟ ଆଚାର୍ଯ୍ୟମାନେ ପୂର୍ଣ୍ଣ ସହଯୋଗ କରିଥିଲେ ।

# ସଂସ୍କୃତ ଦିବସ ପାଳନ

ମାଲକାନଗିରି,୨୯/୦୮ (ନି.ପ୍ର): ଉତ୍କଳ ସଂସ୍କୃତ ଶିକ୍ଷକ ମହାସଂଘ, ଓଡ଼ିଶା ଆନୁକୂଲ୍ୟରେ ମାଲକାନଗିରି ଜିଲ୍ଲା ଶାଖା ତରଫରୁ ବୁଟିଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ମାଲକାନଗିରି ଠାରେ ଆଜି ସଂସ୍କୃତ ଦିବସ ପାଳନ ହୋଇଯାଇଛି । ଆୟୋଜିତ ସମାରୋହରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ମାନସ କୁମାର ଜେନା ଯୋଗଦେଇ ପ୍ରାଚୀନତମ ଦେବ ଭାଷା ଏବଂ ଭାଷାମାନଙ୍କର ଜନନୀ ସଂସ୍କୃତ ଭାଷା ଏକ ଶ୍ରେଷ୍ଠ ଭାଷାବୋଲି କହିବା ସହ ମାଲକାନଗିରି ଜିଲ୍ଲାର ସଂସ୍କୃତ ଶିକ୍ଷକମାନଙ୍କର ସରକାରୀ ନିୟମ ଆଧାରରେ ଯାହାବି କାର୍ଯ୍ୟ ରହିଛି ବିନା ଦ୍ୱିଧାରେ ସମ୍ପୂର୍ଣ୍ଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ମୁଖ୍ୟବକ୍ତା ଭାବେ ମାଲକାନଗିରି ଜିଲ୍ଲାର ବରିଷ୍ଠ ନାଗରିକ ତଥା ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ଶିକ୍ଷକ ପ୍ରକାଶ ପଟ୍ଟନାୟକ ଯୋଗଦେଇ ସଂସ୍କୃତ ଭାଷା ଏକ ସୁଲଳିତ ଦେବ ଭାଷା ଏବଂ ଭାଷାର ଶିକ୍ଷକ ଶିକ୍ଷୟିତ୍ରୀମାନେ ହିଁ ହେଉଛନ୍ତି ଆମ ସଂସ୍କୃତିର ରକ୍ଷକ ଅଟନ୍ତି । ସରକାରୀ ସ୍ତରରେ ସଂସ୍କୃତ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ସମସ୍ୟା ତୁରନ୍ତ ସମାଧାନ କରି ସେମାନଙ୍କ ଉପଯୁକ୍ତ ଦାବି ପୂରଣ କରିବାକୁ ଅନୁରୋଧ କରିଛନ୍ତି । ସମ୍ମାନୀତ ଅତିଥି ଭାବେ ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ପଣ୍ଡିତ ଭ୍ରମରବର ମଲ୍ଲିକ ଯୋଗଦେଇ ସଂସ୍କୃତ ଭାଷା ସୁରକ୍ଷା ଓ ସଂସ୍କୃତ ଶିକ୍ଷକମାନଙ୍କ ସମସ୍ୟା ଉପସ୍ଥାପନ କରିବା ସହିତ ଏହାର ଆଶୁ ସମାଧାନ କରିବାକୁ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜିଲ୍ଲାର ବରିଷ୍ଠ ସଂସ୍କୃତ ଶିକ୍ଷକ କରୁଣାକର ମଲ୍ଲିକ ଯୋଗ ଦେଇ ଶିକ୍ଷକମାନଙ୍କର ଏକତା ହିଁ ଆମର ବଳ । ଭାଷା ସୁରକ୍ଷା ଓ ପ୍ରଗତି ଆମ୍ଭମାନଙ୍କର ଦାୟିତ୍ୱ ଉପରେ ଆଲୋକପାତ କରିଥିଲେ । ନିଜର ପରିଚୟ ନିଜେ ସୃଷ୍ଟି କରିବା ଉଚିତ । ଏଥିରେ ଜିଲ୍ଲା ସଭାପତି ରଶ୍ମିତା ମହାରଣା ସଭାପତିତ୍ୱ କରିଥିଲେ । ରାଜ୍ୟ ଦକ୍ଷିଣ ସମ୍ଭାଗ ସଂଯୋଜକ ପଣ୍ଡିତ ଗୋଦାବରୀଶ ଦାଶ, ଶରତ କୁମାର ଦାଶ, ବାସୁଦେବ ପଣ୍ଡା, ସୁକୁମାର ପଣ୍ଡା, ପ୍ରଭାତ କୁମାର ବେହେରା, ଶୁଭ ସ୍ମିତା ନନ୍ଦ, ସୁପ୍ରୀତି କର, ରେଣୁବାଳା ସିଆଲ, ମମତା ପରିଡା ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ପଣ୍ଡିତ ସୁକୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ସଫଳ ହେଲା ନରେନ ପଲେଇଙ୍କ ଆନ୍ଦୋଳନ : ଲୋକେ ହେଲେ ଉପକୃତ

ଭଦ୍ରକ ,୨୯/୦୮ (ନି.ପ୍ର): ବ୍ୟବସାୟିକ, ରେଳ ଷ୍ଟେସନ, ସରକାରୀ କାର୍ଯ୍ୟାଳୟ ସହ ଭୌଗଳିକ ଦୃଷ୍ଟିକୋଣରୁ ବେଶ ବ୍ୟସ୍ତ ବହୁଳ ଚରମ୍ପା ବଜାର । ୧୬ ନଂ ଜାତୀୟ ରାଜପଥର ଚରମ୍ପା ବଜାରରେ ଥିବା ଗଳା ପୋଲଟି ପାଇଁ ଖୁବ ଅସୁବିଧାର ସଂମ୍ମୁଖୀନ ହେଉଥିଲେ ଜନସାଧାରଣ । ତେବେ ଲୋକଙ୍କ ସମସ୍ୟାକୁ ଦେଖି ଏହି ଗଳା ପୋଲର ସଂପ୍ରସାରଣା ଦାବି ନେଇ ପୂର୍ବତନ ବିଧାୟକ ନରେନ ପଲେଇ ନେତୃତ୍ୱରେ ଆରମ୍ଭ ହୋଇଥିଲା ଜନଆନ୍ଦୋଳନ ଯାହା ଆଜି ସଫଳ ହୋଇଛି । ଚରମ୍ପା ଗଳା ପୋଲଟି ଆଜି ପୂର୍ଣ୍ଣ ବ୍ରିଜର ରୂପ ନେଇଛି । ପୂର୍ବରୁ ଗଳା ପୋଲଟି ୯ ଫୁଟ ଉଚ୍ଚତା ଥିବା ବେଳେ ଚଉଡ଼ା ୨୦ ଫୁଟ ଥିଲେ । ତେବେ ବର୍ତ୍ତମାନ ସଂପ୍ରସାରିତ ନୂତନ ବ୍ରିଜଟି ୧୮ ଫୁଟ ଉଚ୍ଚତା ସହ ୧୦୦ ଫୁଟ ଲମ୍ବା ହୋଇଛି । ଯାହା ଜନସାଧାରଣ ବୃହତ ସ୍ୱାର୍ଥ ସାଧନରେ ସଫଳ ହୋଇପାରିବ । ଏହି ନୂତନ ବ୍ରିଜଟି ଗତ ୧୯/୬/୨୦୨୦ ତାରିଖରୁ ଆରମ୍ଭ ହୋଇ ମୋଟ ୭୯୨ କାର୍ଯ୍ୟ ଦିବସରେ ସଂପୂର୍ଣ୍ଣ ହୋଇଛି । ଏହି ବ୍ରିଜ ନିର୍ମାଣରେ ୨୩୨ ଟନ୍ ଲୁହା ଛଡ଼, ୧୬୨୦୦ ବ୍ୟାଗ୍ ସିମେଣ୍ଟ ,୯୦୦ ଟନ ଚିପ୍ସ ଓ ୭୨୦ ଟନ୍ ବାଲି ଲାଗିଛି । ତେବେ ନୂତନ ବ୍ରିଜଟି ଔପଚାରକ ଭାବେ ଆଜିଠାରୁ ଜନସାଧାରଣଙ୍କ ପାଇଁ ଖୋଲି ଦିଆ ଯାଇଥିବା ବେଳେ ଏଭଳି ବଡ ପଦକ୍ଷେପ ପାଇଁ ପୂର୍ବତନ ବିଧାୟକ ନିରେନ ପଲେଇଙ୍କୁ ଜନସାଧାରଣରେ ବେଶ ପ୍ରଶଂସା କରାଯାଉଛି । ତେବେ କେବଳ ଜନ ଆନ୍ଦୋଳନର ନେତୃତ୍ୱ ନେଇ ନଥିଲେ ବରଂ କାର୍ଯ୍ୟ ଆରମ୍ଭ ଦିନରୁ କିପରି ବ୍ରିଜ କାମ ଭଲ ହେବ ଏ ନେଇ ସବୁବେଳେ କାମ ତଦାରଖ କରୁଥିଲେ ନରେନ ପଲେଇ ।

# ଦୀର୍ଘ ବର୍ଷଧରି ନିର୍ଦ୍ଦିଷ୍ଟ ବିଭାଗରେ କାମ କରୁଛନ୍ତି ଅମଲା

## *୩୨ଟି ବିଭାଗରେ ବଦଳି ଠପ୍ : ଜନତା ହେଉଛନ୍ତି ହତାଶ*

ପୁରୀ ,୨୯/୦୮ (ନି.ପ୍ର): ବିଶ୍ୱ ଐତିହ୍ୟ ସହର ପୁରୀ । ପରିବର୍ତ୍ତିତ ହେଉଛି ସହରର ସୌନ୍ଦର୍ଯ୍ୟକରଣ । ଜିଲ୍ଲାରେ ଥିବା ୩୨ଟି ବିଭାଗରେ କର୍ମଚାରୀ ଓ ଅମଲାମାନେ ପରିବର୍ତନ ହେଉନଥିବାରୁ ଲୋକେ ନିର୍ମଳ ଶାସନ ପାଇବାରୁ ବଞ୍ଚିତ ହେଉଛନ୍ତି । ଗୋଟିଏ ଗୋଟିଏ ଡ଼ିପାଟମେଂଟରେ କେତେକ କର୍ମଚାରୀ ଓ ଅମଲା ଦୀର୍ଘ ଦିନ ଧରି ରହିବା ସହ ଦୁର୍ନୀତିକୁ ପ୍ରୋତ୍ସାହନ କରୁଥିବା ଅଭିଯୋଗ ହେଉଛି । କମନ କ୍ୟାଡ଼ର ଟ୍ରାନ୍ସଫର ନୀତି ଲାଗୁ ହେଉନାହିଁ । ଓଡ଼ିଶା ଷ୍ଟପ୍ ସିଲକସନ କମିଶନ ଦ୍ୱାରା ଗୋଟିଏ ପରୀକ୍ଷା ଦେଇ ପାସ କରିବା ପରେ ବିଭିନ୍ନ ବିଭାଗରେ ଚାକିରି କରୁଛନ୍ତି । ସେମାନଙ୍କ କାର୍ଯ୍ୟ କରିବା ଶୈଳୀ,ନିୟମ ଓ ଦରମା ସମାନ । ସେହିପରି ଜିଲ୍ଲାସ୍ତରୀୟ ଅମଲାମାନଙ୍କ ପ୍ରତି ମଧ ସେହି ନିୟମ ଲାଗୁ କରାଯାଉନାହିଁ । ସଚିବାଳୟରେ କାର୍ଯ୍ୟରତ ଏସଓଙ୍କ କାର୍ଯ୍ୟ ମଧ ଜିଲ୍ଲା ଅମଲାଙ୍କ ପରି ସମାନ ଶ୍ରେଣୀର ହେଉଥିବା ବେଳେ ବିଭାଗରୁ ବିଭାଗ ବଦଳି ଜିଲ୍ଲାସ୍ତରରେ କମ ଦେଖିବାକୁ ମିଳୁଛି । ସ୍ୱଚ୍ଛ ଶାସନ ଓ ନିର୍ମଳ ପ୍ରଶାସନ ପାଇଁ ରାଜ୍ୟ ସରକାର ଡ଼ିଣ୍ଡିମ ପିଟୁଥିଲେ ମଧ ଜିଲ୍ଲସ୍ତରୀୟ ଅମଲାମାନଙ୍କର ବଦଳି ହେଉନଥିବାରୁ ଜନସାଧାରଣ ଉଚିତ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି । ସଚିବାଳୟରେ ଜଣେ ଜଣେ କର୍ମଚାରୀ ଦୀର୍ଘ ଦିନ ଧରି କାମ କରୁଥିବାବେଳେ ଜିଲ୍ଲାସ୍ତରରେ ମଧ ସେହି ଘଟଣା ଦେଖିବାକୁ ମିଳୁଛି । ଜିଲ୍ଲାରେ ଥିବା ଟ୍ରେଜେରୀ, ତହସିଲ, ଉପଜିଲ୍ଲାପାଳ,ରାଜସ୍ୱ ବିଭାଗ, ପରିବହନ ବିଭାଗ, କୃଷି ବିଭାଗ, ଜନସ୍ୱାସ୍ଥ୍ୟ, ବିଦ୍ୟୁତ ଓ ଅନ୍ୟାନ୍ୟ ବିଭାଗରେ ଜଣେ ଜଣେ ଅମଲା କାର୍ଯ୍ୟରେ ଯୋଗଦେବା ଦିନ ଠାରୁ ଅବସର ନେବା ପର୍ଯ୍ୟନ୍ତ ରହୁଥିବା ନଜିର ରହିଛି । ଲୋକମାନଙ୍କୁ ଶୀଘ୍ର ସେବା ଯୋଗାଇବା ସହ ସ୍ୱଚ୍ଛ ପ୍ରଶାସନ ଓ ଦୁର୍ନୀତି ହଟାଇବା ପାଇଁ କଡ଼ାକଡ଼ି କରିବା ପାଇଁ ସାଧାରଣରେ ଦାବି ହେଉଛି । କେତେକ କର୍ମଚାରୀ ଜିଲ୍ଲା କ୍ୟାଡ଼ର ହୋଇଥିବା ବେଳେ ରାଜ୍ୟ କ୍ୟାଡ଼ର କରାଯାଇ ବଦଳି କରିବା ପାଇଁ ବିଭିନ୍ନ ମହଲରୁ ଦାବି ମଧ ହେଉଛି । ପୁରୀ ଜିଲ୍ଲାରେ କାର୍ଯ୍ୟ ଅଧିକ ଥିବାରୁ ଜିଲ୍ଲାପାଳଙ୍କୁ ସହଯୋଗ କରିବା ପାଇଁ ତିନୋଠି ଅତିରିକ୍ତ ଜିଲ୍ଲାପାଳ କାର୍ଯ୍ୟ କରୁଛନ୍ତି । କିନ୍ତୁ ସେମାନଙ୍କ ପାଖରେ ଅଧିକ କର୍ମଚାରୀ ଓ ଅମଲା ନଥିବାରୁ ଶୀଘ୍ର କାମ ଶେଷ ହୋଇପାରୁନଥିବା ଦେଖାଯାଇଛି । ଅନ୍ୟପକ୍ଷରେ କେତେକ କାର୍ଯ୍ୟାଳୟରେ ଅମଲାମାନେ ବସି ବସି ଦରମା ପାଉଥିଲେ ମଧ ସେମାନଙ୍କୁ ଅନ୍ୟତ୍ର ବଦଳି କରାଯାଉନାହିଁ । ଯେପରି ନିର୍ବାଚନେ ସମୟରେ ସବୁ ବିଭାଗର କର୍ମଚାରୀ ଗୋଟିଏ ବଡ଼ କାମକୁ ଅଳ୍ପ ଦିନରେ ଶେଷ କରି ପାରୁଛନ୍ତି । ସେହିପରି ତହସିଲ ଓ ଅନ୍ୟ ବିଭାଗରେ ବକେୟା କାମ ଗୁଡ଼ିକ ଶୀଘ୍ର ଫଇସଲା ପାଇଁ କର୍ମଚାରୀଙ୍କୁ ଅଣାଯାଇ ଶେଷ କରିବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି । ରାଜ୍ୟ ଓ ଜିଲ୍ଲା ପ୍ରଶାସନରେ ସ୍ୱଚ୍ଛତା ଓ ଦୁର୍ନୀତି ହଟାଇବା ପାଇଁ ବଦଳି ନିୟମକୁ କଡ଼ାକଡ଼ି ଭାବେ ଲାଗୁ କରିବା ପାଇଁ ସାଧାରଣରେ ଦାବି ହେଉଛି ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର,
ମଙ୍ଗଳବାର, ଅଗଷ୍ଟ ୩୦, ୨୦୨୨

# ଯଥେଷ୍ଟ ନୁହେଁ କେବଳ ପାଠ



ସ୍କୁଲରେ ଯେମିତି ପାଠପଢ଼ା ସହିତ ଖେଳକୁଦ, ଚିତ୍ରକଳା, ନାଚଗୀତ, ସଂଗୀତ ଆଦି ଶିକ୍ଷା ଦିଆଯାଉଛି, ପିଲାଙ୍କୁ ସେସବୁ ଶିଖାଇବା ଦାୟିତ୍ୱ ଆପଣଙ୍କର। ପିଲାଙ୍କୁ ପଢ଼ାଇବାର ଅର୍ଥ କେବଳ ପାଠ୍ୟ- ପୁସ୍ତକରେ ଥିବା ବିଷୟକୁ ମୁଖସ୍ଥ କରାଇବା ନୁହେଁ । ଏହି କାରଣରୁ ସ୍କୁଲରେ ପାଠପଢ଼ା ବ୍ୟତୀତ ନାନା ପ୍ରକାର କରିକୁଲାର୍ ଆକ୍ଟିଭିଟିକ୍ ବା ଭିନ୍ନ ଭିନ୍ନ ବିଷୟ ସହିତ ସେମାନଙ୍କୁ ସମ୍ପୃକ୍ତ କରାଯାଇଥାଏ । ମାତ୍ର କରୋନା କାରଣରୁ ବର୍ତ୍ତମାନ ତ ସ୍କୁଲ ବନ୍ଦ ରହିଛି । ପିଲାଏ ଘରେ ରହି ଅନ୍‌ଲାଇନ୍‌ରେ ପାଠ ପଢୁଛନ୍ତି । ଏହା ସହିତ ଅଭିଭାବକମାନେ ମଧ୍ୟ ପିଲାଙ୍କୁ ପଢ଼ାଉଛନ୍ତି । ମାତ୍ର କେବଳ ପାଠପଢ଼ା ସେମାନଙ୍କ ପାଇଁ ଯଥେଷ୍ଟ ନୁହେଁ । ଅନ୍‌ଲାଇନ୍ ପାଠପଢ଼ାରେ ପିଲାଏ ପାଠ୍ୟପୁସ୍ତକରେ ଥିବା ପାଠ ତ ପଢୁଛନ୍ତି, ହେଲେ ଅନ୍ୟାନ୍ୟ ଗତିବିଧି ଦୃଷ୍ଟିରୁ ପଛରେ ପଡ଼ିଯାଉଛନ୍ତି । ତେଣୁ ବହିରେ ଥିବା ପାଠ ପଢ଼ାଇବା ସହିତ ସେମାନଙ୍କୁ ନାଚ ଗୀତ, ସଂଗୀତ, ଖେଳ କସରତ, ଚିତ୍ରକଳା ଆଦି ଶିଖାନ୍ତୁ । ଏହା ଦ୍ୱାରା ସେମାନଙ୍କର ସର୍ବାଙ୍ଗୀନ ବିକାଶ ହୋଇପାରିବ । ପାଠ ପଢ଼ାଇବା ସହିତ ଏହି ସବୁ ଆକ୍ଟିଭିଟିଜ୍ ବା ଗତିବିଧି ଦ୍ୱାରା ଆପଣ ସେମାନଙ୍କୁ ଅନ୍ୟାନ୍ୟ କ୍ଷେତ୍ରରେ ମଧ୍ୟ ପାରଙ୍ଗମ କରିପାରିବେ ।

**କ୍ରୀଡ଼ା :**



ପିଲାଙ୍କୁ ଘରେ ଖେଳକୁଦ ବା କ୍ରୀଡ଼ା ଶିଖାଇବା ନିଶ୍ଚିତ ଭାବେ କଷ୍ଟକର । ଚେସ୍ ଭଳି ଘର ଭିତରେ ଖେଳାଯାଉଥିବା ଖେଳ ବ୍ୟତୀତ ଲକ୍‌ଡାଉନ୍ ପୂର୍ବରୁ ଯଦି ଆପଣଙ୍କ ପିଲାଏ ଟେନିସ୍, କ୍ରିକେଟ୍, ଫୁଟବଲ, ବ୍ୟାଡମିଣ୍ଟନ ଭଳି ଖେଳରେ ନିୟମିତ ଭାଗ ନେଉଥାନ୍ତି, ତା'ହେଲେ ବର୍ତ୍ତମାନ ସେମାନଙ୍କର ଗତିବିଧି ନିଶ୍ଚିତ ଭାବେ ସୀମିତ ହୋଇଯାଇଥିବ । ତେବେ ବ୍ୟସ୍ତ ହୁଅନ୍ତୁ ନାହିଁ, ଏଥିପାଇଁ ମଧ୍ୟ ଆପଣଙ୍କ ନିକଟରେ କିଛି ରାସ୍ତା ଅଛି । ଆପଣ ପିଲାଙ୍କୁ ଘରର ହତା ଭିତରେ ଜଗିଙ୍ଗ୍, ରନିଙ୍ଗ୍ କରାଇପାରିବେ । ସେମାନଙ୍କୁ ସିଡ଼ିରେ ଚଢ଼ିବା ଏବଂ ଓହ୍ଲାଇବାକୁ ଉତ୍ସାହିତ କରନ୍ତୁ । ଏସବୁ ବାଦ୍ ସେମାନଙ୍କୁ ଆପଣ ଷ୍ଟ୍ରେଚିଂ ଏକ୍ସରସାଇଜ୍ ଶିଖାଇପାରିବେ । ଦଉଡ଼ିଡିଆଁ ଖେଳ ଖେଳିବାକୁ ଉତ୍ସାହିତ କରିପାରିବେ । ଏହା ଦ୍ୱାରା ଲକ୍‌ଡାଉନ୍‌ରେ ବି ସେମାନେ ମାନସିକ ଓ ଶାରୀରିକ ଭାବରେ ସୁସ୍ଥ ରହିପାରିବେ । ଏହା ବ୍ୟତୀତ ସେମାନଙ୍କୁ ଅନ୍‌ଲାଇନ୍ ଫୁଟବଲ୍ କ୍ଲାସ୍ ଆଦି ଦେଖାଇବାକୁ ଭୁଲନ୍ତୁ ନାହିଁ ।

**ସଙ୍ଗୀତ :**

ଗୀତ ଗାଇବା ହେଉ କିମ୍ବା ମ୍ୟୁଜିକାଲ୍ ଇନ୍‌ଷ୍ଟ୍ରୁମେଣ୍ଟ ବଜାଇବା; ଉଭୟ କାମରେ ଅନୁଶାସନ, ଶୃଙ୍ଖଳା ଏବଂ ଡେଡିକେଶନ୍ ବା ସମର୍ପଣ ଭାବରେ ଆବଶ୍ୟକତା ରହିଛି । ଯେହେତୁ କରୋନା ସଂକ୍ରମଣ ବ୍ୟାପୁଛି ତେଣୁ ପିଲାଙ୍କୁ ଫିଜିକାଲ୍ ମ୍ୟୁଜିକ୍ କ୍ଲାସ୍ ଦେବା ଅପେକ୍ଷା ଭର୍ଚୁଆଲ୍ ବା ଅନ୍‌ଲାଇନ୍ ମ୍ୟୁଜିକ୍ ଶିଖାଇବା ପାଇଁ ଚେଷ୍ଟା କରନ୍ତୁ । ଉଦାହରଣ ସ୍ୱରୂପ ଆପଣ ଶଙ୍କର ମହାଦେବନ୍ ଏକାଡେମୀର ୱେବ୍‌ସାଇଟକୁ ଯାଇ ନିଜ ପିଲାଙ୍କ ପସନ୍ଦ ଅନୁସାରେ ମ୍ୟୁଜିକ୍‌ର ଅନେକ ବିକଳ୍ପ ମଧ୍ୟରୁ ଗୋଟିଏ ବାଛିପାରିବେ । 'ଦ ମ୍ୟୁଜିକ୍ କ୍ଲାସ୍' ଏଭଳି ଆଉ ଏକ ବିକଳ୍ପ, ଏଠାରେ ମଧ୍ୟ ଅନ୍‌ଲାଇନ୍ ମ୍ୟୁଜିକ୍ ଶିକ୍ଷା ଦିଆଯାଏ । ଯଦି ଆପଣଙ୍କ ପିଲାମାନେ ଘରେ ରହି ରହି ବିରକ୍ତ ହେଉଛନ୍ତି, ତା' ହେଲେ ସେମାନଙ୍କୁ ସଙ୍ଗୀତ ସହ ଯୋଡ଼ନ୍ତୁ । ସେମାନଙ୍କୁ ହାର୍‌ମୋନିୟମ, ଗୀଟାର୍, ଭାଓଲିନ୍, କେସିଓ ଆଦି ବଜାଇବା ଶିଖାନ୍ତୁ । ସେମାନଙ୍କ ମନପସନ୍ଦର ଗାୟକ, ଗାୟିକାଙ୍କ ଗୀତକୁ ମଧ୍ୟ ଅଭ୍ୟାସ କରାଇପାରିବେ । ଏହା ବାଦ୍ ବର୍ତ୍ତମାନ କେଉଁ ସବୁ ଗାୟକ, ଗାୟିକାଙ୍କର ଚାହିଦା ରହିଛି, କେଉଁ ପ୍ରକାରର ଗୀତ ଟ୍ରେଣ୍ଡରେ ଅଛି ସେସବୁ ବାବଦରେ ସେମାନଙ୍କୁ କହିବା ସହିତ ତାହାକୁ ଅଭ୍ୟାସ କରିବା ପାଇଁ ଉତ୍ସାହିତ କରିପାରିବେ ।



**ଡ୍ୟାନ୍ସ :**

ଡ୍ୟାନ୍ସ ବା ନୃତ୍ୟ ପ୍ରତି ପିଲାଙ୍କର ବେଶ୍ ଆଗ୍ରହ ରହିଥାଏ । ସେ ମଡର୍ଣ୍ଣ ହେବା ବା ଅନ୍ୟ କିଛି । ନାଚଗୀତ ପ୍ରତି ପିଲାଏ ସର୍ବଦା ଆଗ୍ରହୀ ହୋଇଥାନ୍ତି । ନୃତ୍ୟ ମଧ୍ୟ ଏଭଳି ଏକ ଗତିବିଧି, ଯାହାର ଅଭ୍ୟାସ ଯେକୌଣସି ସ୍ଥାନରେ କରାଯାଇପାରେ । ଯଦି ଆପଣଙ୍କୁ କେହି ଭର୍ଚୁଆଲ୍ ଡ୍ୟାନ୍ସ ଶିଖାଉଥିବା ଟିଚର୍ ମିଳିଯିବେ, ତା'ହେଲେ ବହୁତ ଭଲ ହେବ । ଯଦି ଅନ୍‌ଲାଇନ୍ ଟିଚର୍ ମିଳୁନାହାନ୍ତି, ତା'ହଲେ ଆପଣ ଡ୍ୟାନ୍ସ ଭିଡିଓ ସହାୟତା ନେଇପାରିବେ । ଅନ୍‌ଲାଇନ୍‌ରେ ଏଭିଳ ଅନେକ ଡ୍ୟାନ୍ସ ଭିଡିଓ ଉପଲବ୍ଧ ରହିଛି, ଯାହା ଦେଖି ପିଲାଏ ନୃତ୍ୟ ଅଭ୍ୟାସ କରିପାରିବେ । ଡ୍ୟାନ୍ସ ଶିଖାଉଥିବା ଭିଡିଓ ଖୋଜିବା ଆପଣଙ୍କ ପାଇଁ ଆଦୌ କଷ୍ଟକର ହେବ ନାହିଁ । ଅନେକ ଭିନ୍ନ ଭିନ୍ନ ପ୍ରକାରର ଡ୍ୟାନ୍ସ ଶୈଳୀର ଭିଡିଓ ୟୁଟ୍ୟୁବ୍‌ରେ ଆପଣଙ୍କୁ ସହଜରେ ମିଳିଯିବ । ମନେରଖିବା ଉଚିତ, ନୃତ୍ୟ କେବଳ ମନୋରଞ୍ଜନର ଏକ ମାଧ୍ୟମ ନୁହେଁ, ଏହା ମଧ୍ୟ ଏକ ଶାରୀରିକ ବ୍ୟାୟାମ, ଯାହା ଶରୀରକୁ ଫିଟ୍ ରଖିବାରେ ଅନେକ ସହାୟତା କରିଥାଏ । ପିଲାଏ ଯଦି ଆଧୁନିକ, ଅତ୍ୟାଧୁନିକ ନୃତ୍ୟରେ ରୁଚି ରଖୁଛନ୍ତି ସେସବୁ ଶିଖିବା ଦିଗରେ ଉତ୍ସାହିତ କରନ୍ତୁ । ଯଦି ସେମାନେ ଶାସ୍ତ୍ରୀୟ ନୃତ୍ୟ ପ୍ରତି ଆଗ୍ରହୀ ତେବେ ସେ ଦିଗରେ ସେମାନଙ୍କୁ କିଛି ଶିଖାଇବା ବ୍ୟବସ୍ଥା କରନ୍ତୁ ।



# ଭିନ୍ନ ଅବସରରେ ଭିନ୍ନ ଫ୍ୟାଶନ୍

ଫ୍ୟାଶନେବଲ୍ ପୋଷାକ ପିନ୍ଧିବା ସମସ୍ତଙ୍କ ଭଲ ଲାଗେ । ତେବେ ସମାନ ଡିଜାଇନ୍‌ର ପୋଷାକ ପରିଧାନ କରି ସବୁ ଜାଗାକୁ ଗଲେ ହୁଏତ ଦୃଷ୍ଟିକଟୁ ମନେ ହୋଇପାରେ । ଉତ୍ସବ, ପାର୍ଟି, ଟୁର୍, ଆଉଟିଙ୍ଗ୍, ପର୍ବପର୍ବାଣୀ ଭଳି ଅବସରକୁ ଦୃଷ୍ଟିରେ ରଖି ସେହି ଅନୁସାରେ ପୋଷାକ ପିନ୍ଧିଲେ ଭଲ ଦେଖାଯାଏ । ବିଶେଷ ଅବସରରେ ଆପଣଙ୍କ ପୋଷାକ କିପରି ହେବା ଦରକାର ଜାଣନ୍ତୁ ଟିପ୍ସ ।



**କଲେଜ ଫେଷ୍ଟ :**

ଡଙ୍ଗରିଜ୍, ଜମ୍ପସୁଟ, ପଲାଜୋ କଲେଜ ପଢୁଆ ଝିଅମାନଙ୍କ ପାଇଁ ଭଲ ଲାଗିବ । ଏହି ଷ୍ଟାଇଲ୍‌କୁ କଲେଜ୍ ଫେଷ୍ଟରେ ସାମିଲ କରାଯାଇପାରିବ । ଡଙ୍ଗରିଜ୍ କୁଲ୍ ଲୁକ୍ ଦେବା ସହିତ ଆରାମଦାୟକ ହୋଇଥାଏ । ଫୁଲ୍ ସ୍ଲିଭ୍ ଟପ୍ କିମ୍ବା ଟି ସାର୍ଟ ସହିତ କ୍ୟାରି କରିପାରିବେ । ଜମ୍ପସୁଟ ପିନ୍ଧୁଥିଲେ, ଫ୍ଲୋରାଲ ଜମ୍ପସୁଟ୍ ନିଅନ୍ତୁ । ଷ୍ଟାଇଲିଶ୍ ଦେଖାଯିବା ପାଇଁ ସନଗ୍ଲାସ୍ ଲଗାଇବା ଭୁଲନ୍ତୁ ନାହିଁ ।

**ବିବାହ :**

ସାଙ୍ଗ ବାହାଘରରେ ଯୋଗ ଦେବା ପୂର୍ବରୁ ପୋଷାକକୁ ନେଇ ବିଭିନ୍ନ ପ୍ରକାର ଏକ୍ସପେରିମେଣ୍ଟ ଆପଣ କରୁଥିବେ । ଯଦି ଅନ୍ୟମାନଙ୍କଠାରୁ ଭିନ୍ନ ଦେଖାଯିବାକୁ ଚାହୁଁଥିବେ କାଜୁଆଲ୍ ବ୍ଲାକ୍ ମ୍ୟକ୍ସି ଡ୍ରେସ୍ ପିନ୍ଧନ୍ତୁ । ଏହାକୁ ଗ୍ଲାଡିଏଟର୍ ସ୍ୟାଣ୍ଡେଲ ସହିତ କ୍ୟାରି କରନ୍ତୁ । ଗ୍ଲାମ୍ ଲୁକ୍ ଦେବାରେ ଏତିକି ଯଥେଷ୍ଟ । ଆଜିକାଲି ଗାଉନ୍ ଟ୍ରେଣ୍ଡ୍ ଅଧିକ । ବିବାହ ପାର୍ଟିରେର ନେଟ୍, ଫିସ୍‌କଟ୍, ଏ ଲାଇନ୍ ଗାଉନ୍ ପିନ୍ଧିପାରିବେ ।

**ଜନ୍ମଦିନ ପାର୍ଟି:**

ଯଦି ପାର୍ଟି ଥିମ୍ ବେସଡ୍ ତା' ହେଲେ ଅଧିକ ଚିନ୍ତା କରିବାର ନାହିଁ । କିନ୍ତୁ ପାର୍ଟି ଯଦି ଥିମ୍ ବେସଡ୍ ନୁହେଁ, ତା'ହେଲେ ଆପଣର କାଜୁଆଲ ୱିୟର ସହିତ ପିନ୍ଧିପାରିବେ । କୁଲ ଲୁକ୍ ଦେଇଥାଏ ।



**ଆଉଟିଙ୍ଗ୍ :**

ଯଦି ସି ବିଚ୍ ବୁଲି ଯାଉଛନ୍ତି ତା'ହେଲେ ଡେନିମ ସାର୍ଟ, ହାଫ୍ ପ୍ୟାଣ୍ଟ, ସର୍ଟସ୍ ଷ୍ଟାଇଲ ଭଲ ମାନିଥାଏ । ହିଲ୍ ଷ୍ଟେସନ୍ ଟୁର୍ କରୁଥିଲେ ଉଲେନ୍ ଟପ୍ ସହିତ ଜିନ୍ସ, ଟ୍ରାଉଜର ଏବଂ ଉଲେନ କୁର୍ତ୍ତି ୱିଥ୍ ଷ୍ଟୋଲ୍ ପିନ୍ଧିପାରିବେ । ସେଇ ସ୍ଥାନ ହିସାବରେ ନିଜକୁ ଷ୍ଟାଇଲିଶ୍ କରିପାରିବେ ।



**ଧ୍ୟାନ ଦିଅନ୍ତୁ:**

-ଅନ୍ୟମାନଙ୍କୁ ଦେଖି ସମାନ ଡିଜାଇନ୍ ପୋଷାକ ପିନ୍ଧନ୍ତୁ ନାହିଁ ।

-ଏମିତି ଆଉଟଫିଟ୍ ପିନ୍ଧନ୍ତୁ ଯାହା ଆପଣଙ୍କୁ ଆରାମ ଦେଉଥିବ । ନହେଲେ ସବୁଥରର ଆପଣଙ୍କ ଧ୍ୟାନ ପୋଷାକ ଠିକ୍ କରିବାରେ ଚାଲିଯିବ ।

-ଡାର୍କ ମେକଅପ୍ କରନ୍ତୁ ନାହିଁ । ଲାଇଟ୍ ମେକଅପ୍‌ରେ ବି ସୁନ୍ଦର ଲାଗିବେ ।

-ଅଧିକ ଟାଇଟ୍‌ଫିଟ୍ ପୋଷାକ ଆଦୌ ନୁହେଁ ।

# ପ୍ରେଞ୍ଚ ପଟାଟୋ ଓମ୍‌ଲେଟ

ବ୍ୟସ୍ତ ଜୀବନରେ ରବିବାରରର ଗୁରୁତ୍ୱ ଯଥେଷ୍ଟ ଅଧିକ । ଏହି ଦିନଟିକୁ ଆଉ ଟିକେ ବିଶେଷ କରିବା ଲାଗି କିଛି ପାଟି ସୁଆଦିଆ ଖାଦ୍ୟ ପ୍ରସ୍ତୁତ କରି ଦେଖନ୍ତୁ ତ !

**ଆବଶ୍ୟକ ସାମଗ୍ର :**

୩ଟି ଅଣ୍ଡା, ବଡ଼ ଚାମଚରେ ୩ ଚାମଚ ବଟର, ୧/୨ ଚାମଚ ଲେଖାଏଁ ଗୋଲମରିଚ ଗୁଣ୍ଡ ଏବଂ ଚାଟ୍ ମସଲା, ୧ ଚାମଚ କଟା ଧନିଆପତ୍ର, ଛୋଟଛୋଟ କଟା ହୋଇଥିବା ୨ଟି କଞ୍ଚାଲଙ୍କା ଏବଂ ଗୋଟିଏ ଆଳୁ, ସ୍ୱାଦାନୁସାରେ ଲୁଣ । ସାଧାରଣ ଭାବେ ଅଣ୍ଡା ଓମ୍‌ଲେଟ୍ ତିଆରି କରି ସମସ୍ତେ ଖାଇଥାନ୍ତି । ଏହି ଖାଦ୍ୟଟି କିନ୍ତୁ ଭିନ୍ନ ସ୍ୱାଦ ଦେଇଥାଏ ।

**ପ୍ରସ୍ତୁତି :**

ଅଣ୍ଡାକୁ ଫୁଟାଇ ଏକ ପାତ୍ରରେ ବାହାର କରିଦେବେ । ସେଥିରେ ଧନିଆପତ୍ର, ଲୁଣ, କଞ୍ଚାଲଙ୍କା ଏବଂ ଗୋଲମରିଚ ଗୁଣ୍ଡ ପକାଇ ଭଲଭାବେ ଗୋଳାଇ ଦିଅନ୍ତୁ । ଏକ ପ୍ୟାନ୍ ଗରମ କରି ସେଥିରେ ବଟର ପକାନ୍ତୁ । ଏହା ତରଳି ଗଲେ କଟା ଆଳୁ ପକାଇ ହାଲ୍‌କା ସୁନେଲି ରଙ୍ଗର ହେବା ପର୍ଯ୍ୟନ୍ତ ଭାଜିବେ । ଏବେ ଫେଣ୍ଟା ହୋଇ ରହିଥିବା ଅଣ୍ଡା ଏହା ଉପରେ ପକାଇ ଦିଅନ୍ତୁ । ଅଣ୍ଡା ଏବଂ ଆଳୁ ପୂରା ସେଟ୍ ହୋଇଯିବା ପରେ ଓମ୍‌ଲେଟ୍‌କୁ ଓଲଟାଇ ୫ରୁ ୧୦ ସେକେଣ୍ଡ ପରେ ଗ୍ୟାସ୍ ବନ୍ଦ କରିଦେବେ । ଏକ ପ୍ଲେଟ୍‌ରେ ଓମ୍‌ଲେଟ୍ ଆଣି ତା' ଉପରେ ଚାଟ୍ ମସଲା ଏବଂ ଧନିଆପତ୍ର ପକାଇ ସଜାଇ ଦିଅନ୍ତୁ । ଏବେ ଏହା ପସନ୍ଦର ସସ୍ କିମ୍ବା ଚଟଣି ସହିତ ପରଷିବାକୁ ପ୍ରସ୍ତୁତ ।



# ଚାପ ମସ୍ତିଷ୍କର ବୃଦ୍ଧି ହ୍ରାସକାରୀ

ଶୈଶବରେ ମସ୍ତିଷ୍କର ଦ୍ରୁତ ବିକାଶ ଘଟିଥାଏ। ଏହି ସମୟରେ ପିଲାଙ୍କୁ ଘରେ କିମ୍ବା ବିଦ୍ୟାଳୟରେ ଗାଳି ଦେଲେ, ସେମାନଙ୍କ ଉପରେ ଅତ୍ୟଧିକ ବିରକ୍ତ ହେଲେ, ଶାରୀରିକ ଦଣ୍ଡ ଦେଲେ ସମାନଙ୍କ ମସ୍ତିଷ୍କ ଉପରେ ନାନା ନକରାତ୍ମକ ପ୍ରଭାବ ପଡ଼ିପାରେ। ଜର୍ନାଲ ଅଫ୍ ବାୟୋଲୋଜିକାଲ୍ ସାଇକିଆଟ୍ରିରେ ପ୍ରକାଶିତ ତଥ୍ୟ ଅନୁଯାୟୀ, ଆମ ମସ୍ତିଷ୍କ ଅନ୍ତର୍ଗତ ଆମିଗ୍‌ଡାଲା ଓ ହିପୋକାମ୍ପସ୍ ଶୈଶବରେ ଭାବନା ଓ ସ୍ମୃତି ଶକ୍ତି ପ୍ରଖର କରାଇବାରେ ସହାୟକ ହୁଅନ୍ତି। ବୟସ ବଢ଼ିବା ସହ ଉପଯୁକ୍ତ ପରିବେଶ ଓ ଯତ୍ନ ମାଧ୍ୟମରେ ଏ ଦୁଇଟିର ବିକାଶ ଘଟେ। ପିଲାଙ୍କ ଉପରେ ଚାପ ପଡ଼ିଲେ, ଆମିଗ୍‌ଡାଲା ଓ ହିପୋକାମ୍ପସ୍ ଠିକ୍ ଭାବେ ବିକଶିତ ହୋଇପାରନ୍ତି ନାହିଁ। ଦାରିଦ୍ର୍ୟ ଓ ଅବହେଳା ଯୋଗୁଁ ମଧ୍ୟ ପିଲାମାନେ ମନସ୍ତାପରେ ରହନ୍ତି। ପରିଣାମସ୍ୱରୂପ ଆମିଗ୍‌ଡାଲା ଓ ହିପୋକାମ୍ପସ୍‌ର ବିକାଶରେ ବାଧା ସୃଷ୍ଟି ହୁଏ। ତେଣୁ, ପିଲାଙ୍କୁ ଚାପମୁକ୍ତ ରଖାଯିବା ଉଚିତ।



# ଇନ୍‌ଡୋର୍ ଗଛର ଦାମ୍ ୪ ଲକ୍ଷ

ଶିରୋନାମାଟି ପଢ଼ି ବିସ୍ମିତ ଲାଗୁଛି କି ? ପ୍ରକୃତରେ ଏହା ସତ୍ୟ । ନ୍ୟୁଜିଲାଣ୍ଡରେ ୪ଟି ପତ୍ର ଥିବା ଗୋଟିଏ ଛୋଟ ଇନ୍‌ଡୋର ଗଛ ୪ ଲକ୍ଷ ଟଙ୍କାରେ ବିକ୍ରି ହୋଇଛି । ଏହା ବିରଳ ରାଫିଡୋଫୋରା ଟେଟ୍ରାସ୍ପାର୍ମା ପ୍ରଜାତିର ଗଛ । ଏହା ମଧ୍ୟ ଫିଲୋଡେନ୍‌ଡ୍ରୋନ୍ ମିନିମା ଭାବେ ପରିଚିତ । ଏହାର ୪ଟି ଯାକ ପତ୍ରରେ ସବୁଜ ରଙ୍ଗ ସହ ହଳଦୀ ରଙ୍ଗ ମିଶିକରି ରହିଛି । ଏଭଳି ଅଦ୍ଭୁତ ରଙ୍ଗ ପାଇଁ ନ୍ୟୁଜିଲାଣ୍ଡର ସବୁଠୁ ବଡ଼ ଟ୍ରେଡିଂ ୱେବସାଇଟ୍ 'ଟ୍ରେଡ୍ ମି'ରେ ନିକଟରେ ଏହାକୁ ନେଇ ଏକ ନିଲାମ ଡକାଯାଇଥିଲା । ଜଣେ ଲୋକ ଭାରତୀୟ ମୁଦ୍ରାରେ ୪ଲକ୍ଷ ଟଙ୍କା ଦେଇ ତାକୁ କିଣିଥିଲେ । ଏ ସଂପର୍କରେ ଏହାକୁ ବିକ୍ରି କରିଥିବା ଲୋକ ଜଣକ ଲେଖିଥିଲେ, 'ଏଭଳି ଇନ୍‌ଡୋର୍ ଗଛ ବିରଳ । ସଂଗ୍ରାହକ ଏବଂ ଉଦ୍ୟାନକୃଷିବିତ୍‌ଙ୍କ ନିକଟରେ ଏହାର ଖୁବ୍ ଚାହିଦା ରହିଛି । ୧୪ ସେଣ୍ଟିମିଟରର ଏକ କୁଣ୍ଡରେ ଏହାକୁ ଲଗାଯାଇଥାଏ । ଖୁବ୍ ଧୀରେ ଧୀରେ ଏହା ବଡ଼ ହୋଇଥାଏ । ଆମେରିକା, କାନାଡ଼ା ଏବଂ ଅଷ୍ଟ୍ରେଲିଆରେ ଏହାର ଚାହିଦା ରହିଛି । 'ସେହିପରି ଏହାକୁ କିଣିଥିବା ବ୍ୟକ୍ତି କହିଛନ୍ତି, 'ମୁଁ ଆମର ଏକ ବଗିଚା ପାଇଁ ଏହାକୁ କିଣିଛି । ମୁଁ ଏବଂ ମୋର



୩ ଜଣ ବନ୍ଧୁ ସେହି ବଗିଚା କରିବାକୁ ଲକ୍ଷ ରଖିଛୁ । ସେହି ବଗିଚାରେ ବିଭିନ୍ନ ପ୍ରକାର ପକ୍ଷୀ ଓ ପ୍ରଜାପତି ବି ରହିବେ । ମଝିରେ ଏକ ରେସ୍ତୋରାଁ ରହିବ । ସେଠାରେ ଦେଶରେ ମିଳୁଥିବା ସବୁ ପ୍ରକାର ବିରଳ ପ୍ରଜାତିର ଗଛ ଦେଖିବାକୁ ମୋର ଲକ୍ଷ୍ୟ ରହିଛି । ଏପରି ଉଦ୍ୟମ ଦେଶରେ ପ୍ରଥମ ହେବ ।'

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୩୦ ଅଗଷ୍ଟ ୨୦୨୨, ମଙ୍ଗଳବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ପ୍ରୋତ୍ସାହନ ଦେବାର ଆବଶ୍ୟକତା...

କର୍ମଶକ୍ତିରେ ମହିଳାମାନଙ୍କ ଅଂଶଗ୍ରହଣକୁ ପ୍ରୋତ୍ସାହନ ଦେବାର ଆବଶ୍ୟକତା ରହିଛି। ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏ ସମ୍ପର୍କରେ ତଥା ଭିଜନ ୨୦୪୭, ଅର୍ଥାତ ସ୍ୱାଧୀନତାର ଶହେବର୍ଷ ପୂର୍ତ୍ତି ବାବଦରେ କହିବାବେଳେ ଏଥିପାଇଁ ମହିଳାମାନଙ୍କୁ ଘରେ ରହି କାମ କରିବାର ବିକଳ୍ପ ସୁଯୋଗ ପ୍ରଦାନ କରିବା ସମ୍ପର୍କରେ ମଧ୍ୟ ସେ ଉଲ୍ଲେଖ କରିଥିଲେ। କର୍ମଶକ୍ତିରେ ଭାରତର ପୁରୁଷମାନଙ୍କର ଯେତିକି ଅଂଶଗ୍ରହଣ ରହିଛି, ମହିଳାମାନଙ୍କର ଯଦି ସେତିକି ରୁହେ, ତା'ହେଲେ ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି) ୪୩ ପ୍ରତିଶତ ବୃଦ୍ଧି ପାଇବ ବୋଲି ଅକ୍ସଫାମ୍ ଆକଳନ କରିଛି। ତେବେ ମହିଳାମାନଙ୍କ ଅଂଶଗ୍ରହଣ ହ୍ରାସ ପାଇବା ପଛରେ ଅନେକ କାରଣ ରହିଛି, ଯେପରି ଉଚ୍ଚଶିକ୍ଷାର ଅଭାବ, କ୍ରମବର୍ଦ୍ଧିଷ୍ଣୁ ଅଭିଳାଷ, କମ୍ ସଂଖ୍ୟକ ଚାକିରି ଇତ୍ୟାଦି। ଏସବୁ କାରଣ ହୁଏତ ସବୁ ପ୍ରକାରର କାର୍ଯ୍ୟ ପାଇଁ ପ୍ରଯୁଜ୍ୟ ହୋଇନପାରେ, ପରନ୍ତୁ ମହିଳାମାନଙ୍କୁ ସୁଯୋଗ ଦେବା ପାଇଁ ପ୍ରଧାନମନ୍ତ୍ରୀ ଯେଉଁ ନମନୀୟତା ପ୍ରସଙ୍ଗ ଉଠାଇଛନ୍ତି, ତାହା ଅବଶ୍ୟ ଗୁରୁତ୍ୱପୂର୍ଣ୍ଣ। ଏହି ପରିପ୍ରେକ୍ଷୀରେ ଗ୍ରାମାଂଚଳରେ ଅଶିକ୍ଷିତ ବା ସ୍ୱଳ୍ପ ଶିକ୍ଷିତ ଏବଂ ଗରିବ ପରିବାରର ମହିଳାମାନଙ୍କ କଥା ମଧ୍ୟ ବିଚାର୍ଯ୍ୟ। ନିକଟରେ ଗ୍ରାମୀଣ ବିକାଶ ଏବଂ ପଂଚାୟତିରାଜ ବାବଦରେ ରହିଥିବା ଏକ ସଂସଦୀୟ ଷ୍ଟାଣ୍ଡିଂ କମିଟି ମହିଳାମାନଙ୍କ ଦ୍ୱାରା କରାଯାଇପାରୁଥିବା ଅତିରିକ୍ତ କାର୍ଯ୍ୟକଳାପଗୁଡ଼ିକୁ ଏହାର ପରିସରକୁ ଆଣି ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାକୁ ଅଧିକ ମହିଳା କୈନ୍ଦ୍ରିକ କରିବା ନିମନ୍ତେ ପ୍ରସ୍ତାବ ଦେଇଛି। କମିଟି ଏଭଳି ପ୍ରସ୍ତାବ ଦେବା ପଛରେ ରହିଛି ବିଗତ ପାଂଚବର୍ଷର ତଥ୍ୟ, ଯାହା ଦର୍ଶାଯାଉଛି ଯେ ଉପରୋକ୍ତ ଯୋଜନା ଅଧୀନରେ ଅଂଶଗ୍ରହଣ କରିଥିବା ଲୋକମାନଙ୍କ ମଧ୍ୟରୁ ୫୦ ପ୍ରତିଶତରୁ ଅଧିକ ସଂଖ୍ୟକ ଥିଲେ ମହିଳା। ଏହିସବୁ କର୍ମନିଯୁକ୍ତିର ସୁଯୋଗ ଉପଲବ୍ଧି କରିବାକୁ ନିର୍ଦ୍ଧାରିତ ଅଂଶ କିନ୍ତୁ ମହିଳମାନଙ୍କ ପାଇଁ ୩୩ ପ୍ରତିଶତ ରହିଛି। କମିଟି ଦ୍ୱାରା ପ୍ରଦତ୍ତ ପ୍ରସ୍ତାବ ମଧ୍ୟ ମହିଳାମାନଙ୍କ ନିମନ୍ତେ ଅଧିକ ଅର୍ଥନୀତିକ ସଶକ୍ତିକରଣର ସୁଯୋଗ ଆଣିବାର ସମ୍ଭାବନା ବହନ କରୁଛି। କମିଟି ପରାମର୍ଶ ଦେଇଛି ଯେ ମହିଳାମାନଙ୍କ ନିମନ୍ତେ ଉନ୍ମୁକ୍ତ ଥିବା ଜୀବିକାର୍ଜନର ସୁଯୋଗଗୁଡ଼ିକ ସହିତ ଦୃଢ଼ ସମ୍ପର୍କ ରକ୍ଷା କରୁଥିବା କର୍ମଗୁଡ଼ିକୁ, ବିଶେଷକରି କୃଷି-ସମ୍ପର୍କିତ କର୍ମଗୁଡ଼ିକୁ ଚିହ୍ନଟ କରାଯିବା ନିମନ୍ତେ ଅଧିକ କାମ କରାଯିବାର ଆବଶ୍ୟକତା ରହିଛି। କମିଟି ଆହୁରି ମଧ୍ୟ କହିଛି ଯେ ବ୍ୟକ୍ତିବିଶେଷ ଭାବରେ କେବଳ ମହିଳାମାନେ ନୁହନ୍ତି, ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ମଧ୍ୟ ସେମାନଙ୍କର ଆୟ ଏବଂ ସମ୍ପଦ ବୃଦ୍ଧି କରିବା ନିମନ୍ତେ ନୂଆ ସୁଯୋଗମାନ ପ୍ରଦାନ କରାଯାଇପାରେ।

ମନରେଗା ହେଉଛି ସରକାରଙ୍କର ଏକ ଚାହିଦା-ପ୍ରଚୋଦିତ ଯୋଜନା। ଏହି ଯୋଜନା ଅଧୀନରେ ପୁରୁଷମାନଙ୍କ ଅପେକ୍ଷା ମହିଳାମାନେ ଅଧିକ ସୁଯୋଗ ଲାଭ କରି ଆସୁଥିବାରୁ ସୂଚନା ମିଳୁଛି ଯେ ଅଧିକ ସଂଖ୍ୟକ ମହିଳାଙ୍କର ଅତିରିକ୍ତ ଆୟ କରିବାର ଜରୁରୀ ଆବଶ୍ୟକତା ରହୁଛି। କହିବା ବାହୁଲ୍ୟ, ଭାରତରେ ଶ୍ରମ ଶକ୍ତିରେ ମହିଳାମାନଙ୍କ ଅଂଶଗ୍ରହଣର ହାର ଅତ୍ୟନ୍ତ ସ୍ୱଳ୍ପ। ଏହି ଅନୁପାତକୁ ବୃଦ୍ଧି କରିବା ନିମନ୍ତେ ତେଣୁ ଏହା ଏକ ସମ୍ଭାବ୍ୟ ଦିଗ ହୋଇପାରେ। ମନରେଗା ଯୋଜନାରେ ମହିଳାମାନଙ୍କର ଅଧିକ ସଂଖ୍ୟାରେ ଅଂଶଗ୍ରହଣ କରିବା ପଛରେ କାରଣ ହେଉଛି, ପୁରୁଷମାନେ ସହରକୁ କାମ କରବାକୁ ଚାଲି ଯାଉଥିବାବେଳେ ଗ୍ରାମାଂଚଳରେ ରହି ଯାଉଥିବା ମହିଳାମାନେ ଏହି ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ସୁଯୋଗ ନେବାକୁ ଆଗ୍ରହ ପ୍ରକାଶ କରୁଛନ୍ତି। ମନରେଗା ଯୋଜନାଗୁଡ଼ିକୁ ଅଧିକ ମହିଳା-କୈନ୍ଦ୍ରିକ କରିବା ନିମନ୍ତେ ଯେ କୌଣି ପ୍ରକାରର ନୂଆ ଆକଳନ ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ଅଧିକ ଶୃଙ୍ଖଳିତ ଓ ବ୍ୟାପକ କରିବାର ସୁଯୋଗ ପ୍ରଦାନ କରିବା ମଧ୍ୟ ଉଚିତ୍। କିନ୍ତୁ ଏ କ୍ଷେତ୍ରରେ ଅନେକ ଆହ୍ୱାନ ରହିଛି। ଉଦାହରଣ ସ୍ୱରୂପ, ଅନେକ ସଂଖ୍ୟକ ମହିଳାଙ୍କର କର୍ମନିଯୁକ୍ତି ଦରକାର ଏବଂ ସେମାନେ ବାହାରକୁ ଯାଇ କାମ କରିବାକୁ ଇଚ୍ଛୁକ, କିନ୍ତୁ ଘରେ ସେମାନଙ୍କ ପିଲାମାନଙ୍କର ଦେଖାରଖା କରିବା ପାଇଁ ସେମାନଙ୍କୁ କେହି ସାହାଯ୍ୟ କରିବା କ୍ଷେତ୍ରରେ ରହିଥିବା ଅଭାବ ଏ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି କରିଥାଏ। ଆହୁରି ମଧ୍ୟ କେତେକ ପ୍ରସଙ୍ଗ ରହିଛି, ଯାହାସବୁ ଆର୍ଥିକ ପାରିଶ୍ରମିକକୁ ନିୟମିତ ତଥା ସ୍ୱଚ୍ଛ କରିବା ସହିତ ସମ୍ପୃକ୍ତ। ପୁନଶ୍ଚ, ଏହା ଏକ କେନ୍ଦ୍ରୀୟ ଯୋଜନା ହୋଇଥିବାବେଳେ ଅନେକ ରାଜ୍ୟ ସେମାନଙ୍କର ଉପଯୁକ୍ତ ପାଣ୍ଠି ଠିକ୍ ସମୟରେ ପାଉନଥିବା ଭଳି ପ୍ରସଙ୍ଗ ରହିଛି। ଏହାବାଦ୍ ପ୍ରତ୍ୟେକ ରାଜ୍ୟ ଯୁକ୍ତିଯୁକ୍ତ ଭାବରେ ସମାନ ବାସ୍ତବ ମଜୁରୀ ପାଉଥିବା ସମ୍ପର୍କରେ ମଧ୍ୟ ସୁନିଶ୍ଚିତ କରାଯିବାର ଆବଶ୍ୟକତା ରହିଛି।

## ବ୍ରିଟେନରେ 'ଗେଟ୍ ଆଉଟ ପାକିସ୍ଥାନୀ'

ସୌମେନ୍ଦ୍ର ଜେନା

ପାକିସ୍ଥାନୀମାନେ କେବଳ ନିଜ ଦେଶରେ ଯେ ଜିହାଦି କାର୍ଯ୍ୟ କରୁଛନ୍ତି, ଅପରାଧ କରୁଛନ୍ତି , ଅନ୍ୟମାନଙ୍କୁ ଘୃଣା ଚକ୍ଷୁରେ ଦେଖୁଛନ୍ତି ତା'ନୁହେଁ,ସାରା ପୃଥିବୀରେ ସେମାନେ ଯେଉଁ ଦେଶକୁ ଯାଉଛନ୍ତି ସେଠାରେ ମଧ ସେହି କାର୍ଯ୍ୟ କରୁଛନ୍ତି । ପାକିସ୍ଥାନୀମୂଳର ଲୋକମାନଙ୍କ ମଧରେ ଏପ୍ରକାର ଅପରାଧପ୍ରବଣତା ଦୃଷ୍ଟିରୁ ପୂର୍ବରୁ ଗ୍ରୀସ ଏବଂ ତୁର୍କୀରେ 'ଗେଟ୍ ଆଉଟ୍ ପାକିସ୍ଥାନୀ' ଟ୍ରେଣ୍ଡ୍ ଜୋର ଧରିସାରିଛି । ଏହି ଦୁଇଦେଶର ଲୋକେ ନିଜ ଦେଶରୁ ପାକ୍ ନାଗରିକଙ୍କୁ ବାହାର କରିବାକୁ ସରକାରଙ୍କ ନିକଟରେ ପୂର୍ବରୁ ଦାବି କରିଛନ୍ତି । କାରଣ ସେଠାରେ ପାକ୍ ମୂଳର ଲୋକେ ସମସ୍ତ ପ୍ରକାର ଅପରାଧରେ ସାମିଲ ରହିଛନ୍ତି । ତୁର୍କୀରେ ୧୨ଦିନ ମଧରେ ୧୦୦୦ ପାକ୍ ଲୋକଙ୍କୁ ଦେଶରୁ ତଡି ଦିଆଯାଇଛି । ନୋଟିସ ଦେବା ସତ୍ତ୍ୱେ ଯେଉଁମାନେ ପାକ୍‌କୁ ଫେରିବାକୁ ପସନ୍ଦ କରୁନଥିଲେ ସେମାନଙ୍କୁ ଘରୁ ଉଠାଇଆଣି ସେଠାକାର ପୁଲିସ ପାକିସ୍ଥାନକୁ ପଠାଇଛି । ସେମିତି ବ୍ରିଟେନରେ ଦିନକୁଦିନ ଅଧିକ ହିଂସାକାଣ୍ଡ ଏବଂ ଅପରାଧ ଘଟୁଥିବା ହେତୁ ସେଠାକାର ସରକାର କଠୋର ହୋଇଛନ୍ତି । ବ୍ରିଟେନର ଗୃହ ସଚିବ ପ୍ରୀତି ପଟେଲ, ପାକ୍ ଗୃହସଚିବ ୟୁସୁଫ ନଦିମ ଖୋକର ଏବଂ ପାକ୍ ହାଇ କମିଶନର ମୋଜାମ ଅହମ୍ମଦ ଖାଁଙ୍କ ମଧରେ ୧୭ଅଗଷ୍ଟ ୨୦୨୨ରେ ଅପରାଧୀଙ୍କ ହସ୍ତାନ୍ତରଣକୁ କେନ୍ଦ୍ରକରି ବୁଝାମଣା ହୋଇଛି । ଏହାକୁ ବିଦେଶୀଙ୍କ ଆଗମନ ପାଇଁ ନୂଆ ଆଇନର ଅଂଶ ବିଶେଷ ବୋଲି କୁହାଯାଇଛି । ୧୫ମାସ ମଧରେ ଦୁଇଦେଶ ମଧରେ ୫ମ ଥର ପାଇଁ ଏହି ବୁଝାମଣା ହୋଇଛି । ବ୍ରିଟେନରେ ପାକ୍ ନାଗରିକମାନେ ହେଉଛନ୍ତି ସେଠାକାର କାରାଗାରରେ ୭ମ ସର୍ବାଧିକ ବିଦେଶୀ ଅପରାଧୀ । ଜାନୁଆରୀ ୨୦୧୯ରୁ ଡିସେମ୍ବର ୨୦୨୧ ମଧରେ ବ୍ରିଟେନ ନିଜ ଦେଶରୁ ୧୦,୭୪୧ ଜଣ ବିଦେଶୀ ଅଭିଯୁକ୍ତଙ୍କୁ ନିଜ ଦେଶରୁ ବିଦା କରିସାରିଛି । ଅକ୍ଟୋବର ୨୦୦୯ରେ ଦୁଇଦେଶ ମଧରେ ଏପ୍ରକାର ବୁଝାମଣା ସ୍ୱାକ୍ଷରିତ ହୋଇଥିଲା । ବ୍ରେକଜିଟ୍ ବା ଇଉରୋପୀୟ ୟୁନିଅନରୁ ବ୍ରିଟେନ ଅଲଗା ହେବା ଯୋଗୁ ନୂଆ ବୁଝାମଣା କରାଯିବା ଦରକାର ଥିଲା । ଦେଶାନ୍ତର ଗମନର ଏହି ନୂଆ ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ବ୍ରିଟେନ ପ୍ରଶାସନ ଅଧିକ ଜୋର ଦେବାକୁ ପ୍ରୟାସ କରୁଛି । କାରଣ ପାକିସ୍ଥାନୀ ଲୋକେ ସେଠାରେ ବହୁ ଅପରାଧରେ ଜଡିତ ରହିଆସିଛନ୍ତି । ସୋହେଲ ଆୟାଜ ନାମକ ପାକିସ୍ଥାନୀକୁ ୨୦୧୯ରେ ୩୦ ନାବାଳିକାଙ୍କୁ ଧର୍ଷଣ କରିବା ଅପରାଧରେ ଗିରଫ କରାଯାଇଥିଲା । ସେ ଜଣେ ଅଭ୍ୟାସଗତ ଧର୍ଷଣକାରୀ ଥିଲା । ୨୦୦୮ରେ ମଧ ସେ ସମାନ ଢଙ୍ଗରେ ଏହିପରି ଅପରାଧ ଘଟାଇଥିଲା ।

ଉତ୍ତର ଇଂଲଣ୍ଡର ୟର୍କସାୟାର ଅନ୍ତର୍ଗତ ହୁଡେଲ ଫିଲ୍ଡ ଥାନା ନାବାଳିକାଙ୍କୁ ଯୌନ ନିର୍ଯ୍ୟାତନା ଦେବା ଅଭିଯୋଗରେ ୨୦ଜଣ ଅପରାଧୀଙ୍କୁ ଜେଲ ପଠାଇଥିଲା । ସେମାନଙ୍କ ମଧ୍ୟରେ ଅଧିକ ପାକିସ୍ଥାନୀ ଥିଲେ । ୧୫ଜଣ ୧୧ରୁ ୧୭ ବର୍ଷର ଝିଅଙ୍କୁ ଏହି ଲୋକେ ୧୨୦ଥର ଖରାପ ବ୍ୟବହାର କରିଥିଲେ । ଗିରଫ ୨୦ ପାକିସ୍ଥାନୀଙ୍କ ମଧରେ ନିସାରତ ହୁସେନ, ସାଜିଦ ହୁସେନ, ଫୈସଲ ଅଜିମ, ୱିକାସ ମେହମୁଦ, ମନଜୁର ହସନ, ନିୟାଜ ଇବ୍ରାର, ଅସିଫ ବସିର, ମହମ୍ମଦ ଅକ୍ରାମ ପ୍ରମୁଖ ରହିଥିଲେ । ଗତ ଜାନୁଆରୀ ମାସରେ ବ୍ରିଟେନର କିଙ୍ଗ୍‌ସଟନ୍ - ଥେମ୍‌ସ କ୍ରାଉନ କୋର୍ଟ ନେଦରଲାଣ୍ଡରେ ରହୁଥିବା ଜଣେ ପାକ୍ ମୂଳର ବ୍ଲଗର ଏବଂ ସାମାଜିକ କର୍ମୀ ଅହମ୍ମଦ ୱକାସ ଗୋରାୟାଙ୍କୁ ହତ୍ୟା କରିବା ଯୋଜନା ପାଇଁ ବ୍ରିଟେନବାସୀ ପାକିସ୍ଥାନୀ ଗୋହିର ଖାଁଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ । ୧୬ ଫେବୃଆରୀ ୧୯୯୦ରେ ଜନ୍ମିତ ଅପରାଧୀ ଖାଁ ବିରୋଧରେ ଗତବର୍ଷ ଜୁନ୍‌ରେ ହତ୍ୟା ଅଭିଯୋଗ ଆସିଥିଲା । ୨୦୧୭ରେ ବ୍ଲଗର ଗୋରାୟାଙ୍କ ସମେତ ଅନ୍ୟ ପାଞ୍ଚ ଜଣ ବ୍ଲଗରଙ୍କୁ ଇସଲାମାବାଦରେ ଅପହରଣ କରାଯାଇ ପରେ ଛଡାଯାଇଥିଲା । ସେହି ଘଟଣା ପରେ ଗୋରାୟା ପାକିସ୍ଥାନ ଛାଡି ନେଦରଲାଣ୍ଡକୁ ଚାଲିଯାଇଥିଲେ । ହେଲେ ପାକ୍‌ରେ ଥିବା ମୂଳ ଅପହରଣକାରୀ ଗୋରାୟାଙ୍କୁ ହତ୍ୟା କରିବାଲାଗି ଖାଁଙ୍କୁ ଦାୟିତ୍ୱ ଦେଇଥିଲା । ଜେରାବେଳେ ଜଣାପଡିଥିଲା ଯେ ଗୋରାୟାଙ୍କୁ ହତ୍ୟା କରିବା ଯୋଜନାରେ ନେଦରଲାଣ୍ଡର ରଟନଡାମ୍‌କୁ ଅପରାଧୀ ଗସ୍ତ କରିଥିଲା । ହତ୍ୟାକାଣ୍ଡ ପାଇଁ ଏକଲକ୍ଷ ପାଉଣ୍ଡ ଦେବାକୁ କଥା ଛିଡିଥିବା ଜଣାପଡିଥିଲା । ଅଦାଲତରେ ଅଭିଯୁକ୍ତ କହିଥିଲା ଯେ ସେ ସେହି ହତ୍ୟାକାଣ୍ଡ ପାଇଁ ବେଶ୍ ଉତ୍ସାହୀ ହୋଇପଡିଥିଲା । ଅର୍ଥପାଇଁ ପରବର୍ତ୍ତୀ ସମୟରେ ସେପରି ଆକ୍ରମଣ ପାଇଁ ମଧ ସ୍ଥିର କରିଥିଲା । ପାକ୍‌ର ମଧସ୍ଥି ମୁଜାମିଲ ନାମକ ବ୍ୟକ୍ତି ୨୦୨୧ରେ ଖାଁ ସହ ଯୋଗାଯୋଗ କରି ୮୦ହଜାର ପାଉଣ୍ଡ ଦେବାକୁ କହିଥିଲା । ଅବଶିଷ୍ଟ ୨୦ହଜାର କମିଶନ ବାବଦକୁ ସେ ନେବ ବୋଲି ବୁଝାଇଥିଲା । ଅପରାଧୀ ଖାଁ ୧୩ବର୍ଷ ବୟସରେ ସ୍କୁଲ ଶିକ୍ଷା ପାଇଁ ବ୍ରିଟେନରୁ ଲାହୋରକୁ ଆସିଥିଲା । ସେଠାରେ ସରିଫ ଏଜୁକେସନ କଂପ୍ଲେକ୍ସରେ ରହି ୨୦୦୭ରେ ପରୀକ୍ଷା ନଦେଇ ଲଣ୍ଡନକୁ ଫେରିଯାଇଥିଲା । ଉର୍ଦ୍ଦୁରେ ପଢାଯାଉଥିବା ହେତୁ ବିଷୟ ବୁଝିବା କଷ୍ଟକର ଥିଲା ବୋଲି ଅପରାଧୀ କହିଥିଲା । ଅପରାଧୀର ପିତାମାତା ୧୯୭୦ବେଳକୁ ଲଣ୍ଡନ ଯାଇଥିଲେ । ସେଠାରେ ଖାଁର ଛଅଜଣ ଭାଇ ଭଉଣୀ ଥିଲେ । ଫରେଷ୍ଟ ଗେଟ୍ ଅଞ୍ଚଳରେ ବହୁ ବର୍ଷ ଧରି ତାଙ୍କ ପରିବାର ବସବାସ କରିଥିଲେ । ଅପରାଧୀ ଖାଁର ୩ରୁ ୧୧ ବର୍ଷ ବୟସର ୬ଟି ପିଲା ରହିଛନ୍ତି ।

ବ୍ରିଟେନର ସରକାର ପାକ୍ -ବ୍ରିଟେନ ମଧରେ ଥିବା ବନ୍ଦୀ ବଦଳ ବୁଝାମଣାକୁ ୨୦୧୯ରେ ରଦ୍ଦ କରିଥିଲେ । ଚୀନ ମଧ ଏପ୍ରକାର ବୁଝାମଣା ପାକ୍ ସହ ନକରିବା ପାଇଁ ପ୍ରକାଶ କରିଥିଲା । ଏପ୍ରିଲ ୨୦୧୮ରେ ପାକ୍ ସରକାର ଥାଇଲାଣ୍ଡରେ ଦୋଷୀ ସାବ୍ୟସ୍ତ ୧୭ପାକ୍ ନାଗରିକଙ୍କୁ ନିଜ ଦେଶକୁ ଫେରାଇ ଆଣିଥିଲେ । ଥାଇଲାଣ୍ଡରେ ଏହି ପାକ୍ ନାଗରିକମାନେ ନିଶା କାରବାରରେ ଧରାପଡିଥିଲେ । ଥାଇଲାଣ୍ଡର ଆଇନ ଅନୁଯାୟୀ ନିଶା ଅଭିଯୁକ୍ତଙ୍କୁ ୪୦ବର୍ଷ କାରାଦଣ୍ଡ ଦେବାର ନିୟମ ରହିଛି । ନିଶାଦ୍ରବ୍ୟ ପରିମାଣ ଅନୁଯାୟୀ ଏହି ସଜା ୧୦ରୁ ୨୫ ବର୍ଷ ମଧରେ ରଖାଯାଇପାରେ । ଥାଇଲାଣ୍ଡରେ ଗତବର୍ଷ ୮୮ଜଣ ପାକିସ୍ଥାନୀଙ୍କୁ ନିଶା କାରବାର ପାଇଁ ସଜା ହୋଇଥିଲା । ସେମାନଙ୍କ ମଧରୁ ୪୮ଜଣଙ୍କୁ ପାକ୍ ଜେଲକୁ ପଠାଯାଇଥିଲା । ପ୍ରଥମ ଦଫାରେ ୧୭ଜଣଙ୍କୁ ଥାଇଲାଣ୍ଡରୁ ପାକିସ୍ଥାନକୁ ଆଣିବା ପାଇଁ ପାକ୍ ସରକାର ୩୫୦୦୦ ଡଲାର ଥାଇ ସରକାରଙ୍କୁ ଦେଇଥିଲେ । ପାକ୍ ସରକାର ଏପ୍ରକାର ବୁଝାମଣା ବ୍ରିଟେନ, ସଂଯୁକ୍ତ ଆରବ ଅମିରାତ, ଶ୍ରୀଲଙ୍କା, ଥାଇଲାଣ୍ଡ ଏବଂ ସ୍ପେନ ସହ କରିଛନ୍ତି । ୧୬ ଡିସେମ୍ବର ୨୦୦୧ରେ ଇଂଲଣ୍ଡର ସରେ ଅଞ୍ଚଳରେ ଜଣେ ପାକ୍ ବ୍ୟବସାୟୀଙ୍କ ପୁଅକୁ ପିଟିପିଟି ହତ୍ୟାକରିବା ପରେ ନଦୀରେ ଫିଙ୍ଗିଦେଇ ରିଜୱାନ ହବିବ ଏବଂ ତାର ସାଥୀମାନେ ବିଦେଶକୁ ଚାଲିଯାଇଥିଲେ । ହତ୍ୟା ପରେ ମୃତ ଯୁବକର ପରିଚୟପତ୍ର ସେମାନେ ଚୋରିକରି ନେଇଥିଲେ । ଉକ୍ତ ମାମଲାର ବିଚାର ହୋଇ ଫେବୃଆରୀ ୨୦୦୪ରେ ଦଣ୍ଡ ଘୋଷଣା ହୋଇଥିଲା । ପରେ ଅପରାଧୀର ସହଯୋଗୀମାନଙ୍କୁ ସଂଯୁକ୍ତ ଆରବ ଅମିରାତ ଏବଂ ପାକିସ୍ଥାନରେ ଗିରଫ କରାଯାଇଥିଲେ ମଧ ମୁଖ୍ୟ ଅପରାଧୀ ଲୁଚି ବୁଲୁଥିଲା । ୨୦୧୫ରେ ଏଫ୍‌ଆଇଏ ଅଧିକାରୀମାନେ ଅପରାଧୀ ହବିବକୁ କାନାଡାରୁ ଗିରଫ କରି ବ୍ରିଟେନକୁ ଆଣିଥିଲେ । ହବିବର ଗୋଷ୍ଠୀ ମୃତ ଯୁବକର କ୍ରେଡିଟ କାର୍ଡ ଚୋରିକରି ଲାସ୍ ଭେଗାସ୍‌ରେ ଲକ୍ଷଲକ୍ଷ ଡଲାର ଖର୍ଚ୍ଚ କରିଥିଲେ ।

ପରେ ସେମାନେ ଅଷ୍ଟ୍ରେଲିଆ, ଦୁବାଇ ଏବଂ କାନାଡାକୁ ଚାଲିଯାଇଥିଲେ । ହବିବ୍ ଏବଂ ତାର ସହଯୋଗୀମାନେ ପାକ୍ ଜେଲରେ ରହିବାକୁ ପୂର୍ବ ବୁଝାମଣା ଅନୁଯାୟୀ ହସ୍ତାନ୍ତରିତ ହୋଇଥିଲେ । ୨୦୧୦ରେ ପିପିପି ସରକାରଙ୍କ ସହ ବ୍ରିଟେନ ସରକାର ଏପ୍ରକାର ଅପରାଧୀ ହସ୍ତାନ୍ତରଣ ବୁଝାମଣା କରିଥିଲେ । ହେଲେ ଅଭିଯୁକ୍ତମାନେ ପାକ୍‌କୁ ଆସିବାପରେ ପଞ୍ଜାବ ପୁଲିସ ସହଯୋଗରେ ସେମାନେ ଖସିଯାଇଥିଲେ । ଅଭିଯୁକ୍ତମାନଙ୍କୁ ବ୍ରିଟେନ ପୁଲିସ ବହୁ ପରିଶ୍ରମ କରି ହବିବ୍‌କୁ କାନାଡାରୁ ଗିରଫ କରି ବ୍ରିଟେନକୁ ଆଣିବା ପରେ ତାକୁ ପାକିସ୍ଥାନକୁ ପଠାଯାଇଥିଲା । ପରେ ପଞ୍ଜାବ ପୁଲିସର ଯେଉଁ ଅଧିକାରୀମାନେ ହବିବ୍‌କୁ ଛାଡିଦେବାରେ ସହଯୋଗ କରିଥିଲେ ସେମାନଙ୍କୁ ଗିରଫ କରାଯାଇଥିଲା । ଏହାପରେ ୨୦୧୨ରେ ଏହି ବୁଝାମଣାକୁ ବ୍ରିଟେନ ରଦ୍ଦ କରିଥିଲା । ପୁନର୍ବାର ୨୦୧୪ରେ ଏଥିରେ ସଂଶୋଧନ ସହ ଲାଗୁ କରାଯାଇଥିଲା ।

ବ୍ରିଟେନରେ ଏବେ ୧୮ଲକ୍ଷ ପାକ୍‌ବଂଶଜ ରହିଥିବା କଥା କୁହାଯାଉଛି । ୨୦୨୦ ମସିହାର ହିସାବ ଅନୁଯାୟୀ ବ୍ରିଟେନରେ ପାକ୍ ଜନ୍ମିତ ୪୭୯୦୦୦ ବ୍ୟକ୍ତି ରହିଛନ୍ତି । ୨୦୧୭ ହିସାବରେ ପାକ୍ ପାସପୋର୍ଟଧାରୀ ୧,୮୮,୦୦୦ ବ୍ୟକ୍ତି ବ୍ରିଟେନରେ ରହୁଥିଲେ । ବ୍ରିଟିସ ନାଗରିକ ପାକିସ୍ଥାନୀଙ୍କ ସଂଖ୍ୟା ୧୪ଲକ୍ଷ ରହିଥିଲା । ବ୍ରିଟେନକୁ ପାକ୍ ଲୋକେ ଦ୍ୱିତୀୟ ଘର ବୋଲି ମନେ କରିଥାନ୍ତି । ତେଣୁ ବ୍ରିଟେନରେ ପାକ୍ ମୂଳର ଲୋକେ ଦ୍ୱିତୀୟ ସଂଖ୍ୟାଲଘୁ ଗୋଷ୍ଠୀ । ୧୯୫୧ରେ ବ୍ରିଟିସ - ପାକିସ୍ଥାନୀ ଗୋଷ୍ଠୀ ୧୦ହଜାର ଥିଲାବେଳେ ୨୦୧୧ରେ ସେମାନଙ୍କ ସଂଖ୍ୟା ୧୧ଲକ୍ଷ ଅତିକ୍ରମ କରିଥିଲା । ସେମାନଙ୍କ ମଧରୁ ୯୦ ପ୍ରତିଶତ ଇଂଲଣ୍ଡ କିମ୍ବା ୱେଲସରେ ବସବାସ କରୁଥିଲେ । ସେମାନଙ୍କ ମଧରୁ ସଂଖ୍ୟାଧିକ ସୁନ୍ନି ମୁସଲମାନ ।

ପ୍ରୀତି ପଟେଲଙ୍କ କହିବାନୁସାରେ ବିଦେଶୀ ଅପରାଧୀମାନଙ୍କୁ ଦେଶରୁ ତଡିବା ପାଇଁ ତାଙ୍କ ମନରେ ଅନୁଶୋଚନା ନାହିଁ ଏବଂ ସେପରି ଲୋକେ ବ୍ରିଟେନରେ ରହିବା ଆବଶ୍ୟକ ନାହିଁ । ହିସାବରୁ ଜଣାଯାଇଛି ଯେ ବ୍ରିଟେନର ପ୍ରତି ୧୦୦୦ଜେଲ ଯାଉଥିବା ଲୋକଙ୍କ ମଧ୍ୟରେ ୧୪ଜଣ ପାକିସ୍ଥାନୀ, ୧୪ଜଣ ବଙ୍ଗଳାଦେଶୀ ରହୁଛନ୍ତି । ଏହି ସଂଖ୍ୟା ବ୍ରିଟେନ ସରକାରଙ୍କ ପାଇଁ ଚିନ୍ତାର କାରଣ ହୋଇଛି । ଦୀର୍ଘ ୬୦ବର୍ଷ ଧରି ବ୍ରିଟେନ - ଆମେରିକାର ସହଯୋଗୀ ରାଷ୍ଟ୍ର ରହିବା ଯୋଗୁ ଏହି ଦୁଇଦେଶରେ ପାକ୍ ଲୋକେ ପ୍ରବେଶ କରିବା ସହଜ ହୋଇଆସିଛି । ପାକିସ୍ଥାନୀ ନିଶା ବ୍ୟବସାୟୀଙ୍କ ବ୍ରିଟେନରେ ୧୭୦ଲକ୍ଷ ପାଉଣ୍ଡ ମୂଲ୍ୟର ୫୯ଟି ସଂପତ୍ତିକୁ ୨୦୨୦ରେ ବ୍ରିଟେନ ପୁଲିସ ଜବତ କରିଥିଲା । ଇଂଲଣ୍ଡର ୱେଷ୍ଟ ମିଡଲାଣ୍ଡ ଅଞ୍ଚଳରେ ସେମାନେ ର୍ୟାକେଟ ଚଳାଇଥିଲେ । ଜୁଲାଇ ୨୦୧୭ରେ ଏହି ର୍ୟାକେଟର ମୁଖ୍ୟ ଅମିରାନ ଜେବ ଖାଁ ଏବଂ ତାର ୭ଜଣ ସହଯୋଗୀଙ୍କୁ ପୁଲିସ ଗିରଫ କରିଥିଲା । ସେମାନଙ୍କୁ ବର୍ମିଂହମ କ୍ରାଉନ କୋର୍ଟ ୧୩୯ ବର୍ଷ ମୋଟରେ ଜେଲଦଣ୍ଡ ଦେଇଛନ୍ତି । ସେମାନଙ୍କ ସଂପତ୍ତି ଘର ଆକାରରେ ଭଡା ଦିଆଯାଇଥିଲା । ବର୍ମିଂହମ୍‌ର ବୋର୍ଡେସଲେ ଗ୍ରୀନ ଅଞ୍ଚଳରେ ଅଧିକାଂଶ ଘର ଥିଲା । ଷ୍ଟୋନୀ ଲେନ୍‌ରେ ୨୩୫୦୦ ପାଉଣ୍ଡ ମୂଲ୍ୟର ଘର ଥିଲା, ଯାହା ଅପରାଧୀ ଆଓରଙ୍ଗଜେବ୍ ଖାଁର ରହିଥିଲା । ଡିସେମ୍ବର ୨୦୧୧ରୁ ଉକ୍ତ ର ଆୟର୍ଲ୍ୟାଣ୍ଡରେ ଅନୁସନ୍ଧାନ ଆରମ୍ଭ ହୋଇଥିଲା । ୨୦ ଜାନୁଆରୀ ୨୦୧୭ରେ ଅମିରାନ ଏବଂ ଆଓରଙ୍ଗଜେବ ବ୍ୟାଙ୍କ ଜମାରୁ ୧୦ଲକ୍ଷ ୭୫ ହଜାର ପାଉଣ୍ଡ ମିଳିଥିଲା । ଅକ୍ଟୋବର ୨୦୧୬ରେ ରିଆଜ ଅଲି ଶାହ, ନମିତ ଅଲି ଶାହ ଏବଂ ସହଯୋଗୀଙ୍କଠାରୁ ୧୦ଲକ୍ଷ ୮୦ ହଜାର ପାଉଣ୍ଡ ଜବତ ହୋଇଥିଲା । ଜୁଲାଇ ୨୦୧୮ରେ ଆଲାମ ଏବଂ ଅମିରାନ ଜେବ ଖାଁଠାରୁ ସେଲିପାର୍କ ସୋଲିହଲରୁ ୯ଲକ୍ଷ ପାଉଣ୍ଡର ସଂପତ୍ତି ଜବତ ହୋଇଥିଲା । ନଭେମ୍ବର ୨୦୧୮ରେ ୧୨୦ଲକ୍ଷ ୫୦ହଜାର ପାଉଣ୍ଡ ମୂଲ୍ୟର ୩୩ଟି ସଂପତ୍ତି ଜବତ ହୋଇଥିଲା । ଏବେ ବ୍ରିଟେନ ସରକାର ପାକ୍ ଅପରାଧୀଙ୍କୁ ଦେଶରୁ ତଡିବା ସହ ସେମାନଙ୍କ ସଂପତ୍ତି ଜବତ କରିବା ଏବଂ ବ୍ୟାଙ୍କ ଜମା ଜବତ କରିବା ଉପରେ ଅଧିକ ଜୋର ଦେଉଥିବା ଜଣାପଡିଛି । ଏହି ବୁଝାମଣା ପରେ ଏବେ ପାକ୍ ମିଡିଆରେ ଚିନ୍ତା ବଢିଯାଇଛି ।

+ଭାରତୀୟ ସମ୍ବାଦ ସେବା (ଭାସ୍)
ଭୁବନେଶ୍ୱର-୭୫୧୦୦୩

## ସରକାରୀ କର୍ମଚାରୀମାନେ ଏତେ ଅମାନିଆ କାହିଁକି ?



ସୁବ୍ରତ କର

ଅଧିକାଂଶ ସରକାରୀ କର୍ମଚାରୀମାନେ ସରକାରଙ୍କ ଆଦେଶନାମାକୁ ବାରମ୍ବାର ଏଡ଼େଇ ଯାଉଛନ୍ତି । କାର୍ଯ୍ୟରତ ସମସ୍ତ କର୍ମଚାରୀମାନେ ଜାଣନ୍ତି ଯେ ସରକାରଙ୍କ ନିୟମାନୁସାରେ ପ୍ରତିବର୍ଷ ଜାନୁଆରୀ ୩୧ ତାରିଖ ସୁଦ୍ଧା ତାଙ୍କର ବର୍ଷସାରାର ଆୟବ୍ୟୟର ହିସାବ କିତାବ ସରକାରଙ୍କଠାରେ ପାଇଠ କରିବେ । ଏହାର ବ୍ୟତିକ୍ରମ ବାରମ୍ବାର ଘଟୁଛି । ଏହି ବର୍ଷ ମଧ ସରକାରୀ କର୍ମଚାରୀମାନେ ଜାନୁଆରୀ ୩୧ ସୁଦ୍ଧା ତାଙ୍କର ହିସାବ କିତାବ ପଇଠ କରି ନାହାନ୍ତି । ଏହା ଭିତରେ ପ୍ରାୟ ୮ମାସ ବିତି ଯାଇଛି କିନ୍ତୁ ଫଳ ଶୂନ୍ୟ । ଚଳିତବର୍ଷ ସରକାର ୪ଥର ସମ୍ପତ୍ତି ତାଲିକା ଦେବାପାଇଁ କହି ସାରିଲେଣି । ଜାନୁଆରୀ ୩୧ ତାରିଖ ପରେ ଜୁନ ୩୦କୁ ବୃଦ୍ଧି କରାହେଲା । ପରେ ପୁଣି ଏହାକୁ ଜୁଲାଇ ୧୩ ତାରିଖକୁ ନିଆଗଲା, ତଥାପି ଶୁଣିବାର ନାହିଁ । ଏବେ ପୁଣି ସାଧାରଣ ପ୍ରଶାସନ ବିଭାଗ ଆଉ ଏକ ଚିଠି କଲେକ୍ଟର, ଆର.ଡି.ସି ଏବଂ ସମସ୍ତ ଶାସନ ଶଚିବମାନଙ୍କୁ ଚିଠି ମାଧମରେ ଆଉଥରେ ଜଣାଇ ଦେଇଛନ୍ତି ଯେ ସେପ୍ଟେମ୍ବର ୩୦ ସୁଦ୍ଧା ପାଇଁ କରିବା ପାଇଁ । ଦେଖିବା ଭବିଷ୍ୟତ କଣ କହୁଛି ?

ଏବେ ଆସିବା ଏମାନେ କାହିଁକି ଦେଉନାହାନ୍ତି । ଏବଂ ସରକାରଙ୍କ ଅମାନିଆ କର୍ମଚାରୀ ପରିଚୟ ଦେଉଛନ୍ତି । ପୁଳା ପୁଳା ଟଙ୍କା ମାସ ଶେଷକୁ ନେବେ ଏବଂ ସରକାରଙ୍କୁ ବେଖାତିର କରିବା କଣ ସମ୍ଭବ? ହଁ ସମ୍ଭବ । ଏହାର ମୂଳ କାରଣ ହେଲା ୮ମାସ ବିତିଗଲା ପରେ ସରକାର କଣ କଣ କାହା ବିରୁଦ୍ଧରେ ପଦକ୍ଷେପ ନେଇଛନ୍ତି ? ସରକାରଙ୍କ ଢିଲାମନ ଭାବ ହୋଇପାରେ ବା ସରକାର ସରକାରୀ କାର୍ମଚାରୀମାନଙ୍କୁ ଡରୁଛନ୍ତି । ଡରିବାର କାରଣ ମଧ ଅଛି । ପ୍ରଥମ କଥା ହେଲା ସରକାରଙ୍କଠୁ ଯେଉଁମାନେ ମାସକୁ ମାସ ଦରମା ନେଉଛନ୍ତି ସେମାନେ ହେଲେ ସରକାରୀ କର୍ମଚାରୀ । ଏହାକୁ ଦେଖିଲେ ସମସ୍ତ ମନ୍ତ୍ରୀଙ୍କଠୁ ଆରମ୍ଭ କରି ଏମ.ଏଲ.ଏ ମାନେ ମଧ ଏହାର ଅକ୍ତିଆରରେ ଆସୁଛନ୍ତି । ଏହାଛଡ଼ା ସମସ୍ତ ଆଇ.ଏସ, ଆଇ.ପିଏସ ମଧ ଅନ୍ତର୍ଭୁକ୍ତ । ଏବେ ଦେଖିବା ଏମାନେ ସମସ୍ତେ ତାଙ୍କର ବାର୍ଷିକ ରୋଜଗାର, ବଢ଼ାଇଥିବା ବା କମାଇଥିବା (ଅସମ୍ଭବ) ସମ୍ପତ୍ତିର ତାଲିକା ଦେଇଛନ୍ତି କି? ଏମାନେ ତ ସଂଖ୍ୟାରେ ବହୁତ କମ୍ । ଏମାନଙ୍କ ନାଁ ପ୍ରକାଶ କରିବାରେ ଅସୁବିଧା କେଉଁଠି ରହିଲା ? ଏହା ପରେ ଆସିବା ଅନ୍ୟ କର୍ମଚାରୀଙ୍କ କଥାକୁ । ଏ ପର୍ଯ୍ୟନ୍ତ ସରକାର ଖାଲି ଚିଠି ଲେଖି ତାଙ୍କ ଦାୟିତ୍ୱ ଶେଷ କରୁଛନ୍ତି । ୨୦୦ ଭ୍ରଷ୍ଟାଚାର ଅଫିସରଙ୍କୁ ଚାକିରୀରୁ ବହିଷ୍କାର କରି ତାଙ୍କର ପାରିବା ପଣିଆ ଲୋକଙ୍କ ଆଗରେ ଥୋଇଛନ୍ତି । ମୂଳରେ କହିବାକୁ ଗଲେ ଏବେ ସରକାରଙ୍କ ଶାସନ କଳ ଠିକ୍‌ସେ କାମ କରୁନାହିଁ, ଯେ ଯାହା ବାଟରେ ଚାଲୁଛନ୍ତି । ଏହା ଉପରେ ଥରେ ମୁଖ୍ୟମନ୍ତ୍ରୀ ଚିନ୍ତା କରିବା ଦରକାର କାରଣ ସେ ତାଙ୍କର ସମ୍ପତ୍ତିର ତାଲିକା ଦେଇ କାମ ଶେଷ କରିଲେ ହେବନାହିଁ । ଏମାନେ କାହିଁକି ମାନୁ ନାହାନ୍ତି ଏହାକୁ ମଧ ତଦାରଖ କରିବା କଥା । ଏମିତି ହେଲେ ଧିରେ ଧିରେ ଲୋକଙ୍କ ଆସ୍ଥା ସରକାରଙ୍କ ଉପରୁ ତୁଟିଯିବ । ଏହା ଏକ ସତର୍କ ଘଣ୍ଟି ।




### ସ୍ମୃତି ଏକ ରୂପା ଜହ୍ନ

ସୁଭାଷ ଚନ୍ଦ୍ର ଭୂତିଆ

ସ୍ମୃତି ତୁମେ ଅତୀତର
ଗ୍ରୀଷ୍ମ ଜ୍ୱାଳା ବିନାଶକ
ଶୀତଳ ମୌସୁମୀ ବର୍ଷା ,
ପୁଣି ସାଜ ବର୍ତ୍ତମାନର
ଛାତିଥରା ଦୁଃଖର
ବନ୍ୟା ବିଭୀଷିକା ଦଶା ।
ଇଛାହୁଏ ଖୋଲିବାକୁ
ପୂର୍ବ ସୁଖ ଅନୁଭୂତି
ମନର ସୂକ୍ଷ୍ମ ତନ୍ତ୍ରରୁ
ପୁଣି କାହିଁକି ଡରଲାଗେ
ଖୁସିର ଯବନିକା
ଭରିବ ନୟନେ ଅଶ୍ରୁ ।
ଅଭିମାନି ତୁମେ ଆସ
ମେଘୁ ଚାନ୍ଦ ଦୃଶ୍ୟ ପରି
ଦେଇ ଜ୍ୟୋସ୍ନା ମିଶା ଛାଇ
ପୁଣି ଜଣାପଡ଼ ଯେହ୍ନେ
କୋମଳ ଦୁର୍ବାଦଳୁ
କାକର ମୋତି ଝଡଇ ।
ତୀବ୍ର ମାଦକତା ତୁମେ
ମନେ ଦୁର୍ବଳତା ନିଶା
ଝୁରେ ପ୍ରତି ଜୀବ କୋଷ
ପୁଣି ହାରେ ନିୟନ୍ତ୍ରଣ
ବାସ୍ତବର ପୀଡନରେ
ସ୍ୱପ୍ନ ଭାଙ୍ଗି ହୁଏ ନାଶ ।
ଅତୀତ ସାଉଁଟି ଆଣି
ଜୀବନ ପଥ ସାଧନେ
ତୁମେହି ଦେଖାଅ ରାହା
ଭଙ୍ଗା ହୃଦୟରେ ଦମ୍ଭ
ହୋଇ ଭରଷର ସ୍ତମ୍ଭ
ତୁମେ ଏକମାତ୍ର ଶାହା ।

+ଡିହଡୋଳ ,ଢେଙ୍କାନାଳ

### ଜୀବନ

କୁନା ସେଠୀ

ତାକୁ ବୁଝୁ ବୁଝୁ ଦିନ ସରିଯାଏ
ଦେଖୁ ଦେଖୁ ରାତି ପାହିଯାଏ
କହୁ କହୁ କଥା ସରେନା
ହେଲେ ଉଡା ପକ୍ଷୀ ଉଡିଯାଏ ।
ବିଜ୍ଞାନ ଖୋଜୁଛି ତାର ରାସ୍ତା
ଇତିହାସ ଖୋଜେ ପଥ
ସାହିତ୍ୟକ କରେ ବ୍ୟାଖ୍ୟା
ହେଲେ ପାଏନି ତା ଟେର ।
କିଏ କହେ ତାକୁ ମଧୁଶାଳା
କିଏ କହେ ଜଟିଳ ଗଣିତ
କାହାପାଇଁ ନିରବ ଭଗ୍ନାଶ
ହେଲେ ତା ନିଜ ପରି ସିଏ ।
କିଏ କହିବ ତାର ଚରିତ୍ର
କିଏ କହିବ ତାର ଜୀବନୀ
କିଏ ଗାଇବ ତାର ଗୀତ
କାରଣ ସେ କାହାର ନୁହେଁ
ସେ ନିଜେ ତାର ।
ସେ ରକ୍ତ ହାଡ଼ ମାଂସ ର
ପିତୁଳାରେ ସ୍ଥାନ ନିଏ
କେତେ ଦିନ ପାଇଁ କେଜାଣି
ପୁଣି ତାକୁ ଛାଡି ଚାଲି ଯାଏ ।
ଆଶା ପୁରି ନଥାଏ ସ୍ୱପ୍ନ
ସରି ନ ଥାଏ
କର୍ମ କରୁ କରୁ
କିନ୍ତୁ ଦିନ ସରିଯାଏ
ସେ ଚାଲିଯାଏ ।

+ଭୁତସରସିଙ୍ଗି,
ପୁରୁଷୋତ୍ତମପୁର, ଗଞ୍ଜାମ

### କଳ୍ପବୃକ୍ଷର ଧ୍ୱନି ପ୍ରତିଧ୍ୱନି

ଦୀପକ କୁମାର ମିଶ୍ର

ଓହଳ ଆଜି ତା ସ୍ୱତନ୍ତ୍ରତା ହେଲି
ନିଜ ଚେରକୁ ଧରେ ଜାବୁଡି
ବର୍ତ୍ତମାନ କାହିଁ ଅତୀତକୁ ସତେ
ସ୍ନେହେ ଧରି ରହିଥାଏ ଭିଡି ।
ଚାନ୍ଦିନୀ ବେଢାରେ କଳ୍ପବୃକ୍ଷ ମୂଳେ
ଏ ବିଚିତ୍ର ଚିତ୍ର ଦେଖିଲି
ଅସହାୟ କେବେ ନୁହେଁ ମହାଦ୍ରୁମ
ଶାଖା ବୃକ୍ଷକୁ ଯାଇନି ଭୁଲି ।
ଧନ୍ୟ ବଟବୃକ୍ଷ ଅଟୁ ବାଟ ଚାହିଁ
ଶହେ ବରଷର ଦ୍ରୁମ
ମହାବାତ୍ୟାର ପ୍ରଭାବ ଗ୍ରହଣ କରିନୁ
ହତ ଚକିତ ଏ ଅଧମ ।
ପରିବାର ଯେବେ
କୋଳାକୋଳି ହୋଇ
ଦିଏ ପରସ୍ପରେ ପ୍ରତିରକ୍ଷା
ବାହ୍ୟ ଶତ୍ରୁ କେବେ ଛୁଇଁ ପାରିବନି
ମିଳେ ମରଣଠୁ ନିଶ୍ଚେ ରକ୍ଷା ।
ଦେଉଛୁ ତୁ କେତେ ଜୀବଙ୍କୁ ଶରଣ
ଧନ୍ୟ ତୋର ବଡ଼ପଣ
ଗ୍ରାମ ଦେବତୀ ବି ତୋ ଛାଇରେ ରହନ୍ତି
ଅଟୁ ତୁ କେତେ ମହାନ ।
ଗ୍ରାମ ମୁଣ୍ଡେ ଅବା ଦେବଙ୍କ ଦେଢାରେ
ରହିଅଛୁ ଧନ୍ୟ ହୋଇ
କଳ୍ପବୃକ୍ଷ ପରା ନାମ ତୋର ସତେ
ହୁଏ ଧ୍ୱନି ପ୍ରତିଧ୍ୱନି ଭାଇ।

+ଭୁବନେଶ୍ୱର
ମୋ: ୮୨୮୦୨୧୧୦୦୦

### ଅଭିଶପ୍ତ ଯାଯାବର

ଦୀପକ କୁମାର ନାଏକ

ମୁଁ ସେଇ ଅଭିଶପ୍ତ ଯାଯାବର
ଯିଏ ଆଦୌ। ଦରକାର ନଥିଲା ଦୁନିଆଁର
ମୁଁ ସେଇ ଅଭିଶପ୍ତ ଯାଯାବର
ଜେଜେଙ୍କର ଭଲ ନାତି ହୋଇପାରିଲିନି
ଭଲ ପୁଅ ହେଇପାରିଲିନି
ବାପା ମାଆଙ୍କର
ମୁଁ ସେଇ ଅଭିଶପ୍ତ ଯାଯାବର
ଦାଦା ଖୁଡିଙ୍କର ଭଲ
ପୁତୁରା ହୋଇପାରିଲିନି
ଭଲ ଭଣଜା ହେଇପାରିଲିନି
ମାମୁଁ ମାଇଁଙ୍କର
ମୁଁ ସେଇ ଅଭିଶପ୍ତ ଯାଯାବର
ଭାଉଜଙ୍କର ଭଲ
ଦିଅର ହୋଇପାରିଲିନି
ଭଲ ଭାଇ ହେଇପାରିଲିନି
ଭାଇ ଭଉଣୀର
ମୁଁ ସେଇ ଅଭିଶପ୍ତ ଯାଯାବର
ମୋ ସ୍ତ୍ରୀ ର ଭଲ ସ୍ୱାମୀ ହୋଇପାରିଲିନି
ଭଲ ବାପା ହେଇପାରିଲିନି
ମୋ ଛୁଆଙ୍କର
ମୁଁ ସେଇ ଅଭିଶପ୍ତ ଯାଯାବର
ଗୁରୁଙ୍କର ଭଲ ଶିଷ୍ୟ ହୋଇପାରିଲିନି
ଭଲ ସାଙ୍ଗ ହେଇପାରିଲିନି
ସାଙ୍ଗ ସାଥିଙ୍କର
ମୁଁ ସେଇ ଅଭିଶପ୍ତ ଯାଯାବର
ଦୁନିଆଁରେ ଭଲ ମଣିଷ ହୋଇପାରିଲିନି
କି ଭଲ ଚରିତ୍ର ହେଇପାରିଲିନି ସମାଜର
ମୁଁ ସେଇ ଅଭିଶପ୍ତ ଯାଯାବର
ଯଦି କିଛି ଲୋକ ଭଲପାଉ
ଥାଆନ୍ତି ମୋତେ
ବଡ଼ ପଣ ସେଇ ମହାନ୍‌ଙ୍କର
ମୁଁ ସେଇ ଅଭିଶପ୍ତ ଯାଯାବର
ସେମାନଙ୍କ ବଡ ପଣ ଭାବି
ଖୁସି ଆନନ୍ଦରେ
ନତମସ୍ତକ ହୋଇ ଯାଏ ମୋର
ମୁଁ ସେଇ ଅଭିଶପ୍ତ ଯାଯାବର
ମୁଁ ଏମିତି ଅଭିଶପ୍ତ ଯାଯାବର
ସ୍ୱର୍ଗତ ତ ସ୍ୱର୍ଗ ନର୍କରେ
ଯାଗା ନାହିଁ ମୋର
ମୁଁ ସେଇ ଅଭିଶପ୍ତ ଯାଯାବର
ଯଦି କିଛି ମୋହର ଦୋଷ ତୃଟି ରହିଥାଏ
କ୍ଷମା ଦେବ ଭାବି ମୋତେ ନିଜର
ମୁଁ ସେଇ ଅଭିଶପ୍ତ ଯାଯାବର ।

+ଗଣ୍ଡାନାଳୀ, ହିନ୍ଦୋଳ,
ଢେଙ୍କାନାଳ
ମୋ:୮୬୩୭୨୬୧୮୨୮

### ଭୋଦୁଅ

ନିରଞ୍ଜନ ସାହୁ

ନ ଥାଏ କାଦୁଅ ସତେ କି ସୋଦୁଅ
ଏହି ଯେ ଭୋଦୁଅ ମାସେ
ନଈର ପଠାରେ ଫୁଟି ଆଖିମାରେ
କାଶତଣ୍ଡି ଦରହାସେ ।
ଶରତ ଆସଇ ବରଷା ଖସଇ
ଦିଗ ଦିଶେ ନିରିମଳ
ଜଳ ଦର୍ପଣରେ ଯେ ସନ୍ତର୍ପଣରେ
ମୁହଁ ଦେଖଇ କମଳ
ସୁନୀଳ ଆକାଶ କରେ ପରକାଶ
ଧବଳ ବଉଦ ଭାସେ ।
ଖରାଛାଇ ଖେଳ ହେଲେ ଖରାବେଳ
ଖରା ହୁଏ ଟିକେ ଟାଣ
ଜନ୍ମାଷ୍ଟମୀ ସାଥେ ପୂଜା ଗଜମାଥେ
ଖୁଦୁରୁକୁଣୀ ଯେ ଜାଣ
ନୂଆଖାଇ ପର୍ବ ପାଳେ କରି ଗର୍ବ
ଚାଷୀ ବ୍ୟସ୍ତ ରହେ ଚାଷେ ।
ଜ୍ୱର , ସର୍ଦ୍ଦି ହୁଏ ରୋଗୀ
ଶେଜେ ଶୁଏ
ପଥି ଲୋଡ଼ା ହୋଇଥାଏ
ଫୁଟଇ ଟଗର , ଯୁଇ , କନିଅର
ହରଗୌରୀ ତୋଳାଯାଏ
ଜହ୍ନି , ଭେଣ୍ଡି , ବରଗଡା , ବାଇଗଣ
ଛତୁ ତୋଳାହୋଇ ଆସେ ।

+ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ-୭୫୯୦୧୬
ମୋ : ୯୯୩୮୭୪୧୫୮୩

## ଅନ୍ତିମ ଷ୍ଟେସନର ଟ୍ରେନ୍
### ଭରତ ଚନ୍ଦ୍ର ଦାଶ



ଏମିତି ବେଳେ ବେଳେ
ଟ୍ରେନ ଅଟକିଯାଆନ୍ତା ନାହିଁ
ମୋ ଇପ୍ସିତ ଇଲାକାରେ
ସବୁବେଳେ ତ
ଘଣ୍ଟାକଣ୍ଟା ପରି ଚାଲୁଛି
ମୋ ଆଗରେ
ମୋ ଘର ସାମ୍ନାରେ
କୋଇଲା, ପାଣି ବାଷ୍ପ
ଏସବୁ ଅତୀତ ହେଲାଣି
ହେଲେ ବାଷ୍ପ ଇଞ୍ଜିନର
ସେ ମାଦକତା ଛୁକ୍ ଛୁକ୍ ଶବ୍ଦ
ନା ଡିଜେଲ ନା ବିଦ୍ୟୁତଚାଳିତ
ଟ୍ରେନରେ ମିଳେ
ଜନତା ଏକ୍ସପ୍ରେସର
ହୁସିଲ ବାଜିଲେ ସ୍କୁଲ ବେଳ ହୁଏ
ଆଉ ଆସନସୋଲ ଆସିଲେ
ଗୃହବଧୂ ସଞ୍ଜବତୀ ଲଗାଏ
ବୃନ୍ଦାବତୀକୁ ଗୁହାରି କରେ
ସୁଖ ମନାସେ ତା’ ପରିବାର ପାଇଁ ।

କଳମକାଣ୍ଡରେ ଏକଟଙ୍କିଆ
ମୁଦ୍ରା ଭର୍ତ୍ତି କରି ବଢାଏ ଦେଲେ
ଟ୍ରେନ ଚାଳକ କାହିଁ କେତେକଣ
କୋଇଲା ପକାଇଦିଏ ତଳକୁ
ଟ୍ରେନ ଚାଲେ ତା ପଛରେ ପଡିଥାଏ
ମୁଣ୍ଡା ମୁଣ୍ଡା ଖଣ୍ଡ କୋଇଲା
ତାକୁ ଖୁଣ୍ଟିବାରେ
ଗୋଟାଇବାରେ
ବାଲ୍ୟକଳର ଦିବ୍ୟ ସନ୍ତୋଷ
ଆଜି ଦିବାସ୍ୱପ୍ନ
ବେଳେ ବେଳେ ଖିଆଲି ମନ
ଅଳି କରେ ଅଝଟ ହୁଏ
ଟ୍ରେନ ସହ କଥାହେବାକୁ
ପଚାରନ୍ତା ତା’ର ଇତିବୃତ୍ତି
ଜନ୍ମ ଜାତକର କଥା ।
କେତେ ପଥ
ଅତିକ୍ରମ କରିଛି ସେ
ଷ୍ଟିଫେନସନଙ୍କଠାରୁ
ଲର୍ଡ ଡେଲହାଉସୀଙ୍କ ପର୍ଯ୍ୟନ୍ତ
ଏକ ସ୍ୱର୍ଣ୍ଣିମ ଇତିହାସ
ବିସ୍ମୟର ସପ୍ତାଶ୍ଚର୍ଯ୍ୟ ନଥି ।

ତୁମେ ସେହି ଟ୍ରେନ ନା
ପିଟରମରିଜବର୍ଗ ଷ୍ଟେସନ
ବର୍ଣ୍ଣାନ୍ଧ ଇଂରେଜମାନଙ୍କ
ପୀଡନର ଶିକାର
ହୋଇଥିଲେ ମୋହନ ଦାସ
ରେଳ ଡବାରୁ ଫିଙ୍ଗିଦେଇ
କଳଙ୍କିତ ହୋଇଥିଲା ଜାତି
ମୋହନ ମହାତ୍ମା ହେଲେ
କଳଙ୍କର କାଳିମାରେ
ଲିପିବଦ୍ଧ ତୁମ କଳା କରାନାମା
ଇତିହାସ ଆଜି ତାର ମୂକସାକ୍ଷୀ ।
ଟ୍ରେନ ମାନବବାଦର
ଜୟଗାନ କରେ ଧ୍ୱଜା ଉଡାଏ
ସଂପ୍ରୀତିର ମିତ୍ରତାର
ଡୋରିରେ ବାନ୍ଧିରଖେ
ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ
ଆପଣାର କରେ
ପହଞ୍ଚାଇ ଦିଏ ଆମ ଗନ୍ତବ୍ୟସ୍ଥଳୀରେ ।

ଜୀବନ
ଏକ ଟ୍ରେନ ନୁହେଁ ତ ଆଉ କ’ଣ
ସୃଷ୍ଟିର ଆରମ୍ଭରୁ ଚାଲିଛି
ଏଇମିତି ଚାଲିଥିବ
ଥକି ପଡିବାପୂର୍ବରୁ ତାକୁ
ପହଞ୍ଚିବାକୁ ହେବ
ଅନ୍ତିମ ଷ୍ଟେସନରେ
ନିର୍ବାଣ ତା ନାମ ।


♥ ସଦସ୍ୟ, ଓଡିଶା ସାହିତ୍ୟ ଏକାଡେମୀ
ମାର୍କୋଣା, ବାଲେଶ୍ୱର -୭୫୬ ୧୨୬
ମୋ: ୯୪୩୭୩୭୨୧୬୬


## ମାଟି କାନ୍ଥ
### କବି ବିପ୍ଳବ



ଶ୍ରାବଣର ବତୁରା କାନ୍ଥ
ପିଠି ସଳଖି ଠିଆ ହେଲାଣି
ଭଦ୍ରବରେ ଶୋଭା ପାଇଲେଣି
ଭାଲୁକୁଣୀ ପଟ୍ଟଚିତ୍ର
ପୁଣି ମଗୁଶିର ଆସିବ
ବୋଉ ଲିପିଦେବ ରଙ୍ଗ ମାଟିରେ
ଆଙ୍କିବ ରକମ ରକମ ଝୋଟି
ଆଉ ଲକ୍ଷ୍ମୀ ପାଦ
ନଈ ପଠା କାଶତଣ୍ଡୀ ବଣ ପରି
ହସିବ ମାଟି କାନ୍ଥ ।

କାନ୍ଥ ଅଛି ବୋଲି
ଦମ୍ଭରେ ଠିଆ ହେଇଚି ଆଟୁ
ଶେଣୀ ଓରା ଉପରେ
ଛାତି ପାତିଛି ଚାଳ
ଚାଳ ଖଞ୍ଜାରୁ ଶୁଭୁଚି
ଘର ଚଟିଆଙ୍କ କିଚିରି ମିଚିରି
ଶୀତ ସୁଆଡି ଅଦଉଡିରୁ
ମିଳୁଚି ମୁକ୍ତି
ନିଶ୍ୱାସ ମାରୁଛୁ ଶାନ୍ତିରେ
ହେଁସ ପକେଇ
ଗଡ ଗଡୋଉଛୁ ମାଟିରେ ।

ବୋଉ ବି କମ୍ ବିନ୍ଧାଣୀ ନୁହେଁ
କାନ୍ଥରେ କଣ୍ଟା ପିଟି
ଶୁଖୁଆ ନଳା ପରି
ଟଙ୍ଗେଇଦିଏ ଯାବତୀୟ ହିଂସା, ଦ୍ୱେଷ
ମାଟି କାନ୍ଥ ପରି
ସହଜରେ ନେସିଦିଏ
ଭଙ୍ଗା ମନ
ସଜାଡିଦିଏ ଉଜୁଡ଼ା ଘର ।

ଏବେ ସାତ ସପନ
ବାପ ଗୋସି ବାପ ଅମଳ ମାଟି କାନ୍ଥ
ମାଟି କାନ୍ଥ ହଜିଛି ବୋଲି
ହଜିଛି
ଆବେଗ
ଆପଣାପଣ
କିଚିରି ମିଚିରି
ଶ୍ୟାମଳ ସମ୍ପର୍କ
ଶୁଖିଚି ଆମ ଭିତର
ଭଲ ପାଇବା ନଈ
ଫେରିବକି ମାଟି କାନ୍ଥ
ଆଞ୍ଜୁଳାଏ ପ୍ରେମ ନେଇ !


♥ ମକୁନ୍ଦ ପୁର, ବାଙ୍କି
ମୋ : ୯୪୩୭୪୬୮୦୧୬


## ଅନ୍ଧ ଆଇନ୍
### ବିଶ୍ୱଜିତ ପୁହାଣ



ବଦଳି ନାହିଁ ଲୋକଙ୍କ ଦୃଷ୍ଟି ଭଙ୍ଗୀ
ସ୍ୱାଧୀନତାର ବହୁ ବର୍ଷ ପରେ,
ନାରୀ ଆଜିବି ନିର୍ଯାତିତ, ଅବହେଳିତ
ଏ ଦେହଲୋଭୀ ପୁରୁଷ ଆଗରେ ।

ଗୋଟେ ସୁନ୍ଦର ଜୀବନ ଦଳି ଦେଲା ବେଳେ
ଜାଗି ନାହିଁ ତା ମାନବିକତା,
ସତରେ କଣ ଆମ ଆଇନ୍ ଏତେ ଅନ୍ଧ ଅଟେ
ଫାଶୀ ବଦଳେ ଦୋଷୀକୁ କରେ ରକ୍ଷିତା ! ।

କହିବୁଲେ ଏଠି ଆମ ଦେଶ ସରକାର
ଆମେ ଲୋକଙ୍କ ପାଇଁ ଓ ଲୋକଙ୍କର,
ତେବେ କାହିଁ ବଢେ ହତ୍ୟା,
ଲୁଟ୍ ଆଉ ଧର୍ଷଣ ?
ଲୁଣ୍ଠିତ ଏଠି ମଣିଷର ଅଧିକାର ।

କୁଆଡେ ଗଲେ ସବୁ ମାନବାଧିକାରୀ କର୍ମୀ
ପଛ ଘୁଞ୍ଚା କାହିଁ ଏତେ ?
ଏ/ସି ଘରେ ବସି ସ୍ୱାଦିଷ୍ଟ ଖାଉଛି ଦୋଷୀ
ଏଠି ଭିତିରିଆ ଚାଲେ କିଛି ବୋଧେ ! ।

ଜାଗହେ ଜନତା ଜାଗହେ ସରକାର
ଦୋଷୀକୁ ଦେବାକୁ ଦଣ୍ଡ,
ଆଉ କି ବଳିଷ୍ଠ ପ୍ରମାଣ ଦରକାର
କଣ ଆମ ଆଇନ୍ ହେଲାକି ଅନ୍ଧ ? ।


♥ ସ୍ନାତକୋତ୍ତର ଗ୍ରନ୍ଥାଗାର ବିଜ୍ଞାନ ଛାତ୍ର
ଫକୀରମୋହନ ବିଶ୍ୱବିଦ୍ୟାଳୟ,
ବ୍ୟାସବିହାର, ବାଲେଶ୍ୱର
ମୋ - ୮୦୧୮୪୩୫୩୬୪


## ଭଲଲାଗିବା
### ଆନନ୍ଦ କୁମାର ମାଇତି



ଆଜି ନିଶାତୁର ହୋଇ ପଡ଼ିଛି ମହାପ୍ରକୃତି ।

ଏଇଯେ
ପ୍ରେମିକା ଛାତିର ଅଭିମାନୀ ଦଗ୍ଧ ଉପତ୍ୟକା
ଏକ ଅମାନିଆ ଅବିଶ୍ୱାସ ନଗ୍ନ ପରି
ଜଳିବାର ଭିନ୍ନ ସୁଖରେ
ଉଷ୍ମ ବିଚ୍ଛେଦର ଗଳ୍ପ ଲେଖିଚାଲିଛି ।

ବିଚ୍ଛେଦ ଏକ କନ୍ଦଳର ରୂପରେଖ ଅବା ପ୍ରତିବିମ୍ବ
ଯାକୁ ସହିବାରେ ମାତ୍ରା ଅଣନିଶ୍ୱାଶି ହୋଇ
ହୃଦୟରେ ଛିଞ୍ଚି ପଡ଼ିଥିବା ମୁହୂର୍ତ୍ତକ
ବେଦେନମୟ ଉପୋଭୋଗରେ
ଅନାବିଳ ସଂପର୍କ ପେଟରେ ଗୋଟେ ଅଲଗା
ନର୍କ ଗଢ଼େ ।

ଏମିତି ପ୍ରତିଥର ତୁଟିଲା ପରେ ଯୋଡ଼ା ହୁଏ
ସେବେ ଅନ୍ତରଙ୍ଗତା ଗୋଟେ ବଡ଼ ଈଶ୍ୱରରେ
ବଦଳି ଯାଏ
ସେ ଈଶ୍ୱରକୁ ଛୁଇଁବାର ଉପଲବ୍ଧିରେ
ଜଗତର ବଡ଼ ବଡ଼ ସୁଖ ଯେମିତି ଉପସ୍ଥିତିର
ଉପସ୍ଥାନ ପକାଏ ଧୀରେ ଧୀରେ
ଦିଗନ୍ତ ଆଉ ଉଦ୍ଦାମ ବତାସରେ ।

ଏ ଗୋଟେ ଅବଧାରିତ ସମୟର ବାସ୍ତବତା
କିଛି କାଙ୍କ୍ଷିତ ଆଉ କିଛି ଆପଣା ମୁହୂର୍ତ୍ତରେ
ଅଲଗା ସୁଖ ।


♥ ଏରସମା, ଜଗତସିଂହପୁର
ମୋ: ୯୪୩୯୦୭୭୩୯୫


## ଅବଶୋସ
### ଡ଼ଃ. କିଶୋର ମହାନ୍ତି



ଗୋଟାଏ ବିରଳ ଅଥଚ
ଅପୂର୍ବ ମୁହୂର୍ତ୍ତଟିଏ ପାଇଁ
ଅସରନ୍ତି ଅପେକ୍ଷା
ଆନ୍ତରିକ୍ଷ ର ତାରା ପୁଞ୍ଜରେ
ତୁମେ ଡାକୁଥିବ ପ୍ରିୟତମ ବୋଲି
ଅନ୍ଧାର ଚିରି କିଛି ଶବ୍ଦ ଶବ୍ଦୟିତ ହୋଇ
ଆମ ନୀରବତା ଭିତରେ ଧ୍ୱନିତ ହେଉଥିବ
ଅହରହ
ଗୋଟାଏ ପ୍ରଲମ୍ବିତ ରାଗ ସେ ଧୂନର
ଆରୋହ ଅବରୋହରେ
ତମ ନୂପୁର ଲଗା ପାଦଶବ୍ଦ ମିଶିଯାଉଥିବ
ଚେତନା ର ଚଉହଦୀରେ ଭେଦି ଯାଉଥିବ
ପ୍ରେମାସକ୍ତ ମନ... ସ୍ନାୟୁରେ ସ୍ନାୟୁରେ ଏକି
ସତେ କି ଉଚ୍ଚାଟନ
ଅସମାପ୍ତ କାବ୍ୟର ପୃଷ୍ଠାରେ
ଆଙ୍କି ହେଇଯାଉଥିବ ଚିତ୍ରିତ ପ୍ରଜାପତି
ଭାବର ସାନ୍ଦ୍ରତରେ ତାଲ୍ଲୀନ ହେଉଥିବ
ଆକାଶ ଓ ମାଟି
ଏମିତି ସତେ ଏକ ବର୍ଣ୍ଣମୟ ପର୍ବ
ତୃଷ୍ଣା ଅପ୍ରମିତ
ଶେଷ ହୀନ ପଥ.. ଦିଗବଳୟ ଛୁଇଁବାର
ଏଯେ ଅନ୍ତିମ ଅଭିଳାଷା..


♥ ସିଡିଏ, କଟକ-୧୪
ମୋ: ୯୪୩୭୭୨୮୪୭୫


## ପ୍ରିୟତମା
### କମଳ ଲୋଚନ ପଣ୍ଡା



ସଜେଇ ହେଲେ ଲାଗୁଛି ଯେମିତି
ପ୍ରେମରେ କରିଛି ବାସ
ମୋତି ପରି ତାର ସୁନ୍ଦର ଓଠଟି
ଝରିପଡେ ମଧୁ ରସ ।

ପ୍ରଜାପତି ପରି ସୁନ୍ଦର ମନଟି
ଢାଳିଦିଏ ପ୍ରେମରସ
ତା ଅଲରା କେଶର ରମ୍ୟତା ଏଠି
କରୁଥାଏ ଝଟମଟ ।

ମେଘ ରାଇଜର ଇନ୍ଦ୍ରଧନୁ ତୁମେ
ଫଗୁଣର ପହିଲି ହସ
ମନରେ ମହକେ ସ୍ମୃତିର ସମ୍ପର୍କ
ଏବେ ବି ସରିନି ବାଟ ।

ସରଳ ସେ ଏମିତି
ଯେମିତି ଝରଣାରୁ ବାହାରିଛି ଗତି
ବସ୍ତ୍ର ପରିଧାନ ଏମିତି
ଯେମିତି ଚାଉଳରେ ଗଢା ମୂର୍ତ୍ତି ।

ମୁହଁ ଟି ତୁମର ପଦ୍ମ ପାଖୁଡ଼ା
ହସରେ ଝରଇ ମହୁ
ନୟନରେ ବୋଳି କଜଳର ଗାର
ସ୍ମିତହାସ୍ୟ ପୁଣି ଦେଉ ।


♥ ନୀଳଗିରି, ବାଲେଶ୍ୱର
ମୋ: ୭୩୨୭୦୨୮୯୭୮


## ଚିଠି ତୁମେ...
### ମିନାକ୍ଷୀ ଦ୍ୱିବେଦୀ



ଚିଠି ତୁମେ କେତେବେଳେ...
ପ୍ରେମ ର ବାହକ
ସ୍ମୃତି ର ସନ୍ତକ
ଭାବର ଦୀପକ
ଅନ୍ଧାରରେ ଆଲୋକ

ଚିଠି ତୁମେ କେତେବେଳେ....
ସଂପର୍କ ର ବନ୍ଧନ
ଆଶା ର ଇନ୍ଧନ
ଶାନ୍ତି ର ଚନ୍ଦନ
ହୃଦୟର ସ୍ପନ୍ଦନ

ଚିଠି ତୁମେ କେତେବେଳେ....
ଫଗୁଣର ରଙ୍ଗ
ଖୁସିର ତରଙ୍ଗ
ଜୀବନର ମଙ୍ଗ
ଭରିଦିଅ ଉମଙ୍ଗ

ଚିଠି ତୁମେ କେତେବେଳେ....
ହୋଇଯାଅ ଦୁଷ୍ଟ
ମନେ ଦିଅ କଷ୍ଟ
ଚରିତ୍ର ତୁମ ବିଶିଷ୍ଟ
ଥିଲ ତୁମେ ଶ୍ରେଷ୍ଠ

ଚିଠି ତୁମେ ଆଜି .....
ହୋଇଗଲ ସାତ ପର
ଭୁଲିଗଲୁ ମମତାର
ତୁମ ସମ୍ପର୍କର ଡୋର
ତୁମ କାୟା କଙ୍କର ।


♥ ମୋ: ୭୯୭୮୦୮୨୮୩୪


## ତୁମେ
### ସୀମାଞ୍ଚଳ ରଣା



ହରିତ ନିମନ୍ତ୍ରଣରେ
ମୁଁ ବି ପକ୍ଷୀ ହୋଇଛି ତୁମପାଇଁ,
ଛୁଇଁଛି ଈଷତ ବିଷର୍ଣ୍ଣ ସନ୍ଧ୍ୟାର ଅବଢ଼ା ଅନ୍ଧାରକୁ/
ଛାତିରେ ମେଷଲୋମୀ ଆକସ୍ମିକ
ଆକାଶକୁ ଚିରି ।

ତୁମେ
ସେ ହଳଦୀପତ୍ରର ସେକା ପିଠାପରି
ମୋ ଅଗଣାର କାଠଚୁଲିରେ ସିଝୁଥାଅ/
ସକାଳର ନିଆଁପୁଆଁ ଗୁଲିଗପ ଭେଟିଦେଇ,
ଉଷ୍ମତା ପରି ଓଠରେ ନେପେଟିଯାଅ
ଜିଭରେ ତତଲା ନାଲି ଚା ପରି ।

ଧୂ ଧୂ ଖରାଟିଏ ପରି
ତୁମେ ସର୍ପିଳ ସ୍ୱେଦ ନେଇ ଆସ/
ମୋ ପିଠିରେ ଚୁମା ଦେଇ ବିଶ୍ରାମର,
ଫେରିବାକୁ କଥା ଦିଅ ପ୍ରଣୟିନୀ/
ଅଧରାତି ଗୁଲୁଗୁଲିରେ ମନଯୋଖି ଅବଶିଷ୍ଟ ।

ପାପର ରାତିରେ
ପୁଣ୍ୟତୀର୍ଥ ତୁମେ ହିଁ ପବିତ୍ରର,
ତୁମ ଉଷୁମ ଦେହ ଓ ଥଣ୍ଡା ମସୃଣ ଚିବୁକ,
ତୁମେ ହିଁ ଏକ ଆଦ୍ୟ ନାମାନଙ୍କ/
ରତି, ତାତି, ତୃପ୍ତିର ଭିନ୍ନ ଉପଖ୍ୟାନ ।


♥ ବାଙ୍ଗାଲୋର,କର୍ଣ୍ଣାଟକ
ମୋ: ୮୨୮୦୯୧୩୯୬୬




## ବାହାନା... !
### ଲକ୍ଷ୍ମୀପ୍ରିୟା ମାଇତି

ଖୋଜେ ମୁକ୍ତି ପାଇଁ
ସେ ଯେ କୌଣସି ପ୍ରକାରର ହେଉ ।

କେବେ ବ୍ୟସ୍ତ ଜୀବନରୁ
ଟିକେ ବିରତି ପାଇଁ
କେବେ ଶାନ୍ତି ଲାଗି ।

କେବେ ଅନ୍ୟକୁ ଠକିବାକୁ
କେବେ କାହାଠୁ ଦୂରେଇବାକୁ ।

ବାହାନା... !
ବଢେଇ ଦିଏ
ବ୍ୟକ୍ତିର ଉଦ୍ଦେଶ୍ୟ
ବୁଝେଇ ଦିଏ
ନାରାଜ ଜୀବନକୁ
ମୁଁ ଅଛି ତ ...ତୁମେ ନାହଁ
ତୁମେ ଅଛ ତ... ମୁଁ ନାହିଁ ।

ବାସ୍ ... ଚମତ୍କାର ଏ ବାହାନା
ଯାହା ଏ ଜୀବନ ପାଇଛି ।


♥ ଏରସମା, ଜଗତସିଂହପୁର


## ନଈ, କଦମ୍ବ ଓ ମୁଁ
### ଭବାନୀ ଶଙ୍କର ନାୟକ



ବର୍ଷା ଥମିଗଲା ପରେ
ମୁଁ ଦେଖିଲି, ଭରା ନଈର
ତୀକ୍ଷ୍ଣ ସୁଅରେ
ଭାସି ଯାଉଥିଲା
ହଳଦି ରଙ୍ଗ କଦମ୍ବଫୁଲ ଟିଏ
ବିଜୁଳିର ଗାର କାଟି
ଅଚିହ୍ନା ଅନ୍ଧାର ଆଡ଼କୁ ।

ଖୁବ୍ ଅବୁଝା ଲାଗୁଥିଲା
ନଈର ଘୋ ଘୋ ଗର୍ଜନ ଓ
କୂଳର ସିର୍ ସିର୍ ପବନ,
କେଜାଣି ମୁଁ
ଲମ୍ଫ ଦେଲି
ନଈ ସୁଅ ସହ ତାଳ ଦେଇ
ସାଉଁଟିଲି କଦମ୍ବଫୁଲର
ଟିକି ଟିକି କୋମଳତା
ଅବା ବାସ୍ନାର ସତେଜପଣ ।
ଏତିକି ବେଳକୁ ମୁଁ ଦେଖିଲି
ପାଣିରେ ମିଶିଯାଉଥିବା
ପୃଥିବୀର ଶେଷ ଦୃଶ୍ୟ
ପାଉଁଶିଆ ଆକାଶରେ
ଉଡୁଥିଲେ ପକ୍ଷୀ ଇତସ୍ତତ ।

କାହାର ଚାପା ଡ଼ାକରେ
ମେଘ ଯେତେ
ଉଭେଇଯାଏ ଉଭେଇଯାଏ
ସୂର୍ଯ୍ୟର ରୁପେଲି କିରଣରେ
ତାରାମାନେ ହସନ୍ତି
ଫିକ୍ ଫିକ୍ ନୀଳ ଆକାଶରେ,
ମୋର ଆଉ ସମୟ ନଥାଏ
ସେକଥା ଦେଖିବାକୁ
କୂଳ ଆଡ଼କୁ ମୋର
ପ୍ରତିଟି ଆହୁଲାକୁ କିଏ ଜଣେ
ଓଲଟେଇ ଦେଉଥାଏ
ମଝି ନଈକୁ ।

ତଥାପି ହାତରୁ ମୋ
ଖସିବାକୁ ଦିଏନି
କଦମ୍ବର ପାଖୁଡ଼ା
କାଳେ କିଏ ମତେ ପଚାରିଦେବ
ଭରା ନଈକୁ ଡେଇଁବାର
ନିଛକ କାରଣ
ସେତେବେଳେ ମୋ ପାଖରେ
କିଛି ଉତ୍ତର ନଥିବ
ନା ଥିବ କିଛି ପ୍ରମାଣ
ମୋ ମୁହଁ ତଳକୁ ନଇଁଯାଉଥିବ
ହ୍ୟାଣ୍ଡକପ୍ ଲାଗିଥିବା
ଆତତାୟୀ ପରି ।

ଯଦିବା ନଈ ସୁଅ
ବାଲିଚର ପାଲଟିଯାଏ
ମୁଁ ଖୁସିରେ
ନାଚି ଉଠିବିନି
କାଳେ କଦମ୍ବର ଫୁଲ
ଫେରିଯିବ ତା ସବୁଜ ନୀଡ଼କୁ
ମୋ ଆୟୁଷକୁ ଶୂନ୍ୟ କରି ।


♥ ଲାଡ଼, କୁଚିଣ୍ଡା, ସମ୍ବଲପୁର
ମୋ- ୯୯୩୮୩୪୪୬୮୧


## ମହାଦାନ
### ଅଜିତ କୁମାର୍ ଦାସ

ନବ ଆଲୋକର ନବ ଆଶା ଦେଲ
ହେ ମହାପୁରୁଷ ଗଣ
ଦେଶ ମୁକ୍ତ କଲ ବିଦେଶୀଙ୍କୁ ତଡି
ସ୍ୱାଧୀନତା ମହାଦାନ ।
ତୁମ ଶକ୍ତି ବଳେ ରକତ ନିଗାଡି
ଶତ୍ରୁ ଆଗେ ଛାତି ପାତି
ତୁମ ତ୍ୟାଗ ଆଉ ଆତ୍ମ ବଳିଦାନେ
ଗର୍ବିତ ହେଲା ଏ ଜାତି ।
ଅସହଯୋଗ ଏ ଆଇନ ଅମାନ୍ୟ
ଭାରତ ଛାଡର ଡାକେ
ସହି ନପାରିଲେ ଗୋରା ବିଦେଶୀଏ
ଛାଡ଼ିଗଲେ ନିମିଷକେ ।
ଏବେ ଦେଖି ସବୁ ଚକିତ ହେଲେଣି
ଅଖଣ୍ଡ ଭାରତ ଦେଖି
ବିଦେଶୀ ଭାବୁଛି ଏତେ ଲୁଟିନେଲୁ
ତଥାପି ଭାରତ ସୁଖୀ ।
ଜାତି ଧର୍ମ ବର୍ଣ୍ଣ ଭାଷା ବେଶଭୁଷା
ଭିନ୍ନ ହେଲେ ବି ଏଠି
ଜାତୀୟ ଧ୍ୱଜାର ଆଶ୍ରିତ ସଭିଏ
ଏକତାର ଚାବି କାଠି ।
ମହାନ ଭାରତ ମହାନ ସଂସ୍କୃତି
ଯାର ଅଟେ ପରିଚୟ
ସ୍ୱାଧୀନ ଭାରତ ନାଗରିକ ଗର୍ବେ
କରିଥାଉ ଜୟ ଜୟ ।
ଜୟ ହେ ଯବାନ ଜୟ ହେ କିଷାନ
ତୁମେ ମହାବୀର ଦେଶେ
ତୁମ କର୍ମ ବଳେ ମୋ ଭାରତ ଧନ୍ୟ
ଚିର ରମଣୀୟ ଦିଶେ ।
ପ୍ରଣତି ଘେନ ହେ ସହିଦ ଯବାନ
ଚିର ବନ୍ଦନୀୟ ତୁମେ
ଦେଶ ଜାତି ପାଇଁ ତୁମ ବଳିଦାନ
ଭୁଲି ନପାରିବୁ ଆମେ ।


♥ କଙ୍କଡାସୋଡା, ପର୍ଜଙ୍ଗ, ଢେଙ୍କାନାଳ
ମୋ-୯୩୩୭୯୦୫୩୫୪


## ସମର୍ପଣ
### ପୁସ୍ତମ ଯୁଆଡି



ଫେରିବି ବୋଲି ଭାବିଲି
ହେଲେ କୋଉ ଫେରିହେଲା ଯେ !
ତା ମାୟାରାତ୍ରିର ସମ୍ମୋହନ
ତା ଆପ୍ୟାୟିତ ପ୍ରେମର ଚୁମ୍ବନ
ତା ଅନୁପସ୍ଥିତିର ଶିହରଣ
ମୋତେ କାବୁ କରିଦେଲା ।

ଗୋଲାପ ଗଛରୁ କଣ୍ଟାଘାତ ଖାଇ
ଡେମ୍ଫରୁ ଫୁଲକୁ ଅଲଗା କଲି
ସାଗର ମୁହାଁ ନଦୀମାନଙ୍କୁ
ଭୂତେଇ ଡାକି ଆଣିଲି ତା ଦୁଆରକୁ
କାଳେ ରାଗିଯିବ ଭାବି
ଜହ୍ନରାତିକୁ ମାଗିଲି ଧାରେ ସ୍ୱପ୍ନ,
ତା ପାଇଁ ସାଜିଲି ଯୋଗୀ, ଭୋଗୀ, କବି
ଉଜାଗର ରହିଲି ସାରାରାତି,
ଉପବାସ କରି ନିରୋଳାରେ ବସିଲି,
ବର୍ଷାକୁ ବେଖାତିର କରି
ଭିଜିଲି, ତିନ୍ତିଲି ଝରି ଶ୍ରାବଣରେ ।

ଏତକ ପରେ ବି ସେ ବୁଝିଲାନି,
ଜିଦ କଲା ଅହରହ ନ ଯିବାକୁ
ରାତ୍ରିର ତୃତୀୟ ପ୍ରହରେ
ଚା’ ଖାଇଲା, ସିଗାରେଟ ପିଇଲା
ନିଜ ସହ ନିଜେ ଗପିଲା
ମୁଁ ନିର୍ବାକ, ନିସ୍ତବ୍ଧ ।

ଫେରିବାଟା କୋଉ ବଡ଼ କଥା ଯେ
ଥରେ ସମର୍ପି ଦେଇ ନିଜକୁ
ଫେରି ଆସିବା
ନିଜ ଆୟତ୍ତରେ ନାହି ପରା ।


♥ ଭୁତିବାହାଲ, ଗାଇସିଲାଟ,
ବରଗଡ଼- ୭୬୮୦୩୭
ମୋ-୬୩୭୧୪୧୯୩୩୪

# ବିଡିଏର ଦୁଇଜଣ ଅଫିସର ଭୁବନେଶ୍ୱରରେ କୃତ୍ରିମ ବନ୍ୟା ପାଇଁ ଦାୟୀ : ୟାସିର ନୱାଜ

ଭୁବନେଶ୍ୱର,୨୯/୦୮ (ନି.ପ୍ର): ରାଜଧାନୀରେ ବନ୍ୟା ବିଡିଏ କୃତ ବୋଲି ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ ଅଭିଯୋଗ କରିଛନ୍ତି। କୁଆଖାଇ, ଦୟା ନଦୀରେ ଯେତିକି ପାଣି ଭୁବନେଶ୍ୱରର ରାସ୍ତାଘାଟରେ ସେତିକି ପାଣି ଜମିଯାଉଛି। ଘରେ ଘରେ ପାଣି ପସୁଛି। ରାସ୍ତା ଘାଟରେ ଗାଡ଼ି ମୋଟର ଭାସୁଛି। ଏ ଭୁଲ ବିଡିଏର ବୋଲି ଭୁବନେଶ୍ୱର ମେୟର ଗଣମାଧ୍ୟମରେ ମଧ୍ୟ ପ୍ରକାଶ କରିଛନ୍ତି। ନବୀନ ସରକାର ବିଡିଏକୁ ଖୋଲା ଛାଡ଼ିଦେବା ଫଳରେ ଗୃହ ନିର୍ମାଣ ପାଇଁ ବିଡ଼ିଏ ମନମୁଖି ଅନୁମତି ଦେଲା। ଭୁବନେଶ୍ୱରର ୧୦ ରୁ ଉର୍ଦ୍ଧ୍ୱ ପ୍ରାକୃତିକ ଡ୍ରେନ ଉପରେ ଏବଂ ବିଭିନ୍ନ ଜାଗାରେ ଅନ୍ୟାନ୍ୟ ଡ୍ରେନ ଉପରେ ଉଚ୍ଚ ଅଟ୍ଟାଳିକା ନିର୍ମାଣ ପାଇଁ ଅନୁମତି ଦେବା ଫଳରେ ଜଳ ନିଷ୍କାସନ ବନ୍ଦ ହୋଇଗଲା।

ଯେଉଁ ଅଫିସରମାନେ ଏଠାରେ ୧୫ ରୁ ୨୦ ବର୍ଷଧରି ଚକା ପକାଇ ବସିଥିଲେ ସେଇମାନେ ହିଁ ଭୁବନେଶ୍ୱର ସହରକୁ ବିକୃତ କରିଦେଇଛନ୍ତି। ଏଠାରେ ଦାୟିତ୍ୱରେ ଥିବା ଅଣଓଡ଼ିଆ ଅଫିସରଙ୍କୁ ଭୂଲ ତଥ୍ୟ ଦେଇ ନିଜେ ଉତ୍କୋଚ ନେବା ସହ ସଂପୂର୍ଣ୍ଣ ଭୁବନେଶ୍ୱର ସହରର ଭୌଗଳିକ ବ୍ୟବସ୍ଥାକୁ ବିଗାଡ଼ି ଦେଇଛନ୍ତି। ଏ ବନ୍ୟା ଏବଂ କ୍ଷୟକ୍ଷତି ପରିସ୍ଥିତି ପାଇଁ କେବଳ ସେଇ ଦୁଇଜଣ ଅଫିସର ହିଁ ଦାୟୀ। ସେଇ ଦୁଇ ଅଫିସର ହେଲେ ଗୌରୀଶଙ୍କର ଭୂୟାଁ ଏବଂ ମହମ୍ମଦ ଇକବାଲ ଅଲ୍ଲୀ। ଗୌରୀଶଙ୍କର ଭୂୟାଁ ଭୁବନେଶ୍ୱରରେ ପ୍ଲାନିଂ ମେମ୍ବର ଥିବାବେଳେ ମହମ୍ମଦ ଇକବାଲ ଅଲ୍ଲୀ କଟକରେ ପ୍ଲାନିଂ ମେମ୍ବର ଅଛନ୍ତି। ଏମାନଙ୍କ ବିରୁଦ୍ଧରେ ଭିଜିଲାନ୍ସ ତଦନ୍ତ ଚାଲୁଥିଲେ ମଧ୍ୟ ସରକାର ତାଙ୍କୁ ସେହି ପଦବୀରେ ରଖିବା ଆଶ୍ଚର୍ଯ୍ୟ ଏବଂ ଦୁର୍ଭାଗ୍ୟର ବିଷୟ। ଏଠାରେ ସୂଚନାଯୋଗ୍ୟ ଡମଣାଛକର କ୍ଲବଟାଉନ, ଜୟଦେବ ବିହାର ଛକ ବିଲିଡିଂ, ଦୱାର୍ଲଡ ପାଖରେ ଥିବା ଲେକଭିୟୁ, ଇସ୍କନ ମନ୍ଦିର ପାର୍ଶ୍ୱବର୍ତ୍ତି ପ୍ରଭୃତି ଅଟ୍ଟାଳିକା ପ୍ରଭୃତିକୁ ବେଆଇନ ଭାବେ ଅନୁମତି ଦିଆଯାଇଛି। ସରକାରଙ୍କର ବିଧିବ୍ୟବସ୍ଥାକୁ ଏଥିରେ ଉଲ୍ଲଙ୍ଘନ କରାଯାଉଛି। ତୁରନ୍ତ ଏହି ଦୁଇ ଅଫିସରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ନହେଲେ ଛାତ୍ର କଂଗ୍ରେସ ପକ୍ଷରୁ ଦୁର୍ବାର ଓ ଦୃଢ଼ ଆନ୍ଦୋଳନ କରାଯିବ ଏବଂ ବିଡିଏ କାର୍ଯ୍ୟାଳୟ ଘେରାଉ କରାଯିବ।

## ବାଚସ୍ପତିଙ୍କୁ ଅଭିନନ୍ଦନ ଜଣାଇଲା ଉତ୍କଳ ସମ୍ମିଳନୀ

ଭୁବନେଶ୍ୱର,୨୯/୦୮ (ନି.ପ୍ର): ଓଡିଶା ବିଧାନସଭାର ଉଦ୍ୟମ ଫଳରେ ଦୀର୍ଘ ୧୦୦ ବର୍ଷ ତଳର ବିବରଣୀ ବିହାର ବିଧାନସଭାରୁ ଅଣାଯାଇ ପାରିଥିବାରୁ ବିଧାନସଭାର ବାଚସ୍ପତି ବିକ୍ରମ କେଶରୀ ଆରୁଖ, ପୂର୍ବତନ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର, ସଚିବ ଦାଶରଥି ଶତପଥୀ, ଯୁଗ୍ମ ନିର୍ଦ୍ଦେଶକ ଶିବ ପ୍ରସାଦ ପଟ୍ଟନାୟକ, ଗବେଷଣା ଅଧିକାରୀ ଜୟକୃଷ୍ଣ ପ୍ରଧାନ ଓ ସ୍ୱତନ୍ତ୍ର କାର୍ଯ୍ୟକାରୀ ଅଧିକାରୀ (ଗବେଷଣା) ଅମୂଲ୍ୟ କୁମାର ସ୍ୱାଇଁଙ୍କୁ ଉତ୍କଳ ସମ୍ମିଳନୀ କୃତଜ୍ଞତା ଜ୍ଞାପନ କରିଛି। ଆମ ପାଖରେ ଆମ ରାଜ୍ୟର ୧୯୨୨ ମସିହାରୁ ୧୯୩୬ ମସିହା ପର୍ଯ୍ୟନ୍ତ ତଥ୍ୟ ନଥିଲା। ଏହି ତଥ୍ୟ ମିଳିବା ପରେ ଓଡିଶାର ଇତିହାସ ଲେଖାରେ ସହାୟକ ହେବ ବୋଲି ଉତ୍କଳ ସମ୍ମିଳନୀ ପକ୍ଷରୁ ସମ୍ମିଳନୀର ମଂଚେଶ୍ୱର ଶିକ୍ଷାଂଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା କହିଛନ୍ତି। ଏହି ତଥ୍ୟକୁ ଆଧାର କରି ଏକ ତଥ୍ୟ ଭିତିକ ପୁସ୍ତକ ରଚନା କରିବା ପାଇଁ ଶ୍ରୀ ଦାଶଶର୍ମା ବାଚସ୍ପତିଙ୍କୁ ଅନୁରୋଧ କରିଛନ୍ତି।

## ବଢୁଛି ତାପମାତ୍ରା

ଭୁବନେଶ୍ୱର,୨୯/୦୮ (ନି.ପ୍ର): ମୌସୁମୀ ନିମ୍ନ ଚାପରେଖା ତାର ସାଧାରଣ ଅବସ୍ଥାନ ଠାରୁ ଉତର ରେ ରହିଛି। ଏଥିସହ ବର୍ତମାନ ହିମାଳୟ ପାଦଦେଶ ଦେଇ ଅତିକ୍ରମ କରୁଥିବାରୁ ରାଜ୍ୟରେ ମୌସୁମୀ ନିଷ୍କ୍ରିୟ ରହିଛି । ଏହାର ପ୍ରଭାବରେ ତାପମାତ୍ରାରେ ବୃଦ୍ଧି ହୋଇଛି ଏବଂ ଗୁଳୁଗୁଳି ଅନୁଭୂତ ହେଉଛି। ଅନ୍ୟପକ୍ଷରେ ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟରେ କିଛି ଅଂଚଳରେ ବିଜୁଳି-ଘଡଘଡି ସହ ବର୍ଷା ସମ୍ଭାବନା ରହିଥିବା ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।

ପାଣିପାଗ କେନ୍ଦ୍ର ପକ୍ଷରୁ ଜାରୀ ସତର୍କ ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧ୍ୟରେ ଝାରସୁଗୁଡା, ସୁନ୍ଦରଗଡ, ସମ୍ବଲପୁର, ଦେବଗଡ, ଅନୁଗୁଳ, କେନ୍ଦୁଝର, ମୟୁରଭଂଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, ଢେଙ୍କାନାଳ, କନ୍ଧମାଳ, ବୌଦ୍ଧ, ଗଜପତି, ରାୟଗଡା, ମାଲକାନଗିରି, କୋରାପୁଟ ଓ ବରଗଡ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ବଜ୍ରପାତ ସହ ବର୍ଷା ସମ୍ଭାବନା ରହିଛି। ଏଥିପାଇଁ ଏହି ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣି ଜାରି କରାଯାଇଛି। ଅପରପକ୍ଷରେ ଆଗାମୀ ୨ ଦିନ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା ସମ୍ଭାବନା ନଥିବା ପାଣିପାଗ ବିଭାଗ ସୂଚନା ଦେଇଛି।

# ରାଜ୍ୟ ଅଣସଂଗଠିତ ଶ୍ରମିକ ଏବଂ କର୍ମଚାରୀ କଂଗ୍ରେସର ସମୀକ୍ଷା ବୈଠକ

ଭୁବନେଶ୍ୱର,୨୯/୦୮ (ନି.ପ୍ର): ଅଣସଂଗଠିତ ଶ୍ରମିକ କର୍ମଚାରୀ କଂଗ୍ରେସର ରାଜ୍ୟ ସଭାପତି ବିଦ୍ୟାଧର ମହାନ୍ତିଙ୍କ ଅଧକ୍ଷତାରେ ରବିବାର କଂଗ୍ରେସ ଭବନ ଠାରେ ରାଜ୍ୟ ଅଣସଂଗଠିତ ଶ୍ରମିକ କର୍ମଚାରୀ ମାନଙ୍କୁ ତୃଣମୂଳ ସ୍ତରରୁ ସଂଗଠିତ କରାଯିବା ନେଇ ଏକ ରାଜ୍ୟସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା।

ଏହି ବୈଠକରେ ପିସିସି ସଭାପତି ଶରତ ପଟ୍ଟନାୟକ ଯୋଗଦେଇ ତୃଣମୂଳ ସ୍ତରରେ କାର୍ଯ୍ୟକରୁଥିବା ସମସ୍ତ କର୍ମୀ ଓ ନେତୃତ୍ୱକୁ ଗୁରୁତ୍ୱ ଦେବା ସହ ଆଗାମୀ ଦିନରେ ଅଣସଂଗଠିତ ଶ୍ରମିକ କଂଗ୍ରେସର ଗୁରୁତ୍ୱପୂର୍ଣ୍ଣ ଭୂମିକା ସଂପର୍କରେ ଆଲୋକପାତ କରିଥିଲେ। ଏହା ସହିତ ରାଜ୍ୟର ପ୍ରତ୍ୟେକ ଖଟିଖିଆ ଗରିବ ମେହନତି ମଣିଷ ଏବଂ ଚାଷୀ ମୂଲିଆଙ୍କୁ ସାମାଜିକ ସୁରକ୍ଷା ନିଶ୍ଚିତ କରିବାପାଇଁ ବିଗତ ଦିନରେ କଂଗ୍ରେସ କରିଥିବା ସମସ୍ତ ଆଇନ ଓ ଯୋଜନାକୁ ଅଣଦେଖା କରାଯାଉଥିବା ବେଳେ ବର୍ତମାନ ଆମକୁ ଏ କ୍ଷେତ୍ରରେ ସଂଗ୍ରାମ କରିବାକୁ ପଡ଼ିବ। ଆଗାମୀ ସେପ୍ଟେମ୍ବର ୪ ତାରିଖ ମହଙ୍ଗାଇ ବିରୋଧରେ ଦିଲ୍ଲୀ ଚଲୋ ଅଭିଯାନକୁ ସଫଳ କରିବାପାଇଁ ଆହ୍ୱାନ ଦେଇଥିଲେ।

ସଭାରେ ସାଧାରଣ ସଂପାଦକ ତ୍ରିଲୋଚନ ମହାନନ୍ଦ, ଉପାଧ୍ୟକ୍ଷ ଜ୍ୟୋତ୍ସ୍ନା ସେନାପତି, ରାଜ୍ୟ ନିର୍ମାଣ ଶ୍ରମିକ ମୁଖ୍ୟ କୃଷ୍ଣ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ଆଗାମୀ ଦିନରେ ରାଉରକେଲା ଠାରେ ଅଣସଂଗଠିତ ଶ୍ରମିକ କଂଗ୍ରେସ ପକ୍ଷରୁ ଏକ ବିରାଟ ସଭା ଆୟୋଜନ ସହିତ ଏକଲକ୍ଷ ଡିଜିଟାଲ ସଭ୍ୟ ସଂଗ୍ରହ କରିବାକୁ ସଭାପତି ଆହ୍ୱାନ ଦେଇଥିଲେ। ବାଲେଶ୍ୱର ବିକାଶ ଦାସ, ଭଦ୍ରକ ଗଣେଶ ମଲ୍ଲିକ, ବଲାଙ୍ଗିର ଭୁଦେବ ବାରିକ, ଯାଜପୁର ପଦ୍ମନାଭ ନାୟକ, ସମ୍ବଲପୁର ରାଗିଣୀ ଜାଲ, କେନ୍ଦ୍ରାପଡ଼ା ଶିବ ପ୍ରସାଦ ନାଥ, ମୟୁରଭଞ୍ଜ ରୂପକ, ଜଗତସିଂହପୁର ନିରଞ୍ଜନ ଲେଙ୍କା, ଗଞ୍ଜାମ ରଞ୍ଜନ ତରାଇ, ଢ଼େଙ୍କାନାଳ ରୁକ୍ମଣୀ ଦଳାଇ, ଖୋର୍ଦ୍ଧା ପୁଷ୍ପଲତା କୁମାରୀ, ଭୁବନେଶ୍ୱର ଭାରତୀବାଳା ଦାସ ଆଦି ଜିଲ୍ଲାରେ ଅଣସଂଗଠିତ ଶ୍ରମିକ କଂଗ୍ରେସ ପକ୍ଷରୁ ସାଂଗଠନିକ ଦାୟିତ୍ୱ ଦିଆଯାଇଛି। ୧କୋଟି ୬୨ ଲକ୍ଷ ଅଣସଂଗଠିତ ଶ୍ରମିକ କଂଗ୍ରେସକୁ ସଂଗଠିତ କରିବାପାଇଁ ପିସିସି ସଭାପତି ଆହ୍ୱାନ ଦେଇଥିଲେ।

# ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ ଜାତୀୟ କର୍ମଶାଳା

ଭୁବନେଶ୍ୱର,୨୯/୦୮ (ନି.ପ୍ର): ରାଜ୍ୟରେ ଦୀର୍ଘ ଦିନରୁ ଏକ ହେଲଥ୍ ୟୁନିଭରସିଟିର ଆବଶ୍ୟକତା ରହିଥିଲା, ଯାହାକି ଏବେ ପୂରଣ ହେବାକୁ ଯାଉଛି । ଏହା ଦେଶର ୧୭ତମ ହେଲଥ୍ ୟୁନିଭରସିଟି ଭାବେ ପରିଗଣିତ ହେବ। ରାଜ୍ୟ ସରକାର ସମସ୍ତଙ୍କୁ ହାତପାଆନ୍ତାରେ ଚିକିତ୍ସା ସେବା ଯୋଗାଇଦେବାକୁ ପ୍ରତିଶ୍ରୁତିବଦ୍ଧ । ଆମର ପ୍ରିୟ ମୁଖ୍ୟମନ୍ତ୍ରୀଙ୍କ ଉକ୍ତି 'ସୁସ୍ଥ ଓଡ଼ିଶା ସୁଖୀ ଓଡ଼ିଶା'କୁ ପାଥେୟ କରି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଆଗେଇ ଚାଲିଛି ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସ ପ୍ରକାଶ କରିଛନ୍ତି । ଓଡ଼ିଶା ହେଲଥ୍ ୟୁନିଭରସିଟି ଆନୁକୂଲ୍ୟରେ ଆୟୋଜିତ ଜାତୀୟ କର୍ମଶାଳା ବିଶ୍ୱବିଦ୍ୟାଳୟର ଏକ ଦୃଷ୍ଟିକୋଣ ଯୋଜନା ପ୍ରସ୍ତୁତ କରିବା ପାଇଁ ସାରା ଦେଶର ବିଶିଷ୍ଟ ଚିକିତ୍ସାବିତ୍, ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟର କୁଳପତି, ଇଣ୍ଡିଆନ୍ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସର ଡିନ୍ ବାଙ୍ଗାଲୁରୁ, ସ୍ୱାସ୍ଥ୍ୟ ବିଭାଗର ପ୍ରଶାସକ, ମେଡିକାଲ କଲେଜର ନିର୍ଦ୍ଦେଶକ, ଡିନ୍ ଏବଂ ପ୍ରିନ୍ସିପାଲ୍ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ମନ୍ତ୍ରୀ ଶ୍ରୀ ଦାସ କହିଲେ ଯେ ଏବେ ଓଡ଼ିଶାରେ ନୂଆକରି ୭ଟି ମେଡିକାଲ କଲେଜରେ ଏମ୍‌ବିବିଏସ୍ ପାଠ୍ୟକ୍ରମ ଚାଲୁରହିଛି। ଆଗରୁ ୩ଟି ସରକାରୀ ମେଡିକାଲ କଲେଜ ଥିଲା। ଏବେ ୧୦ଟି ମେଡିକାଲ କଲେଜ ସହିତ ହୋମିଓପାଥି, ଆୟୁର୍ବେଦ ଓ ଅନ୍ୟାନ୍ୟ ପାଠ୍ୟକ୍ରମ ଚାଲୁରହିଛି। ଏବେ ଏହିସବୁ ଅନୁଷ୍ଠାନଗୁଡ଼ିକ ଗୋଟିଏ ସ୍ଥାନରେ ଓଡ଼ିଶା ହେଲଥ୍ ୟୁନିଭରସିଟି ମଧ୍ୟରେ ରହିବେ। ଏହା ଦ୍ୱାରା ଗୋଟିଏ ୟୁନିଫର୍ମ ଷ୍ଟାଣ୍ଡାର୍ଡର ମେଡିକାଲ ଶିକ୍ଷା ପ୍ରଚଳିତ ହେବ । ନିୟମିତ ତାଲିମ, ସମୟାନୁଯାୟୀ ପରୀକ୍ଷା ଓ ଫଳ ପ୍ରକାଶ ହେବ। ଏହା ସହ ଗବେଷଣା ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବ। ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣର ଅଧ୍ୟକ୍ଷ ସୁବ୍ରତ ବାଗ୍‌ଚୀଙ୍କ ଦ୍ୱାରା ପରିଚାଳିତ ଏହି କର୍ମଶାଳାରେ ଡିଏମ୍ଇଟି ପ୍ରଫେସର ଡା. ରମାରମଣ ମହାନ୍ତି, ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟର ଓଏସ୍‌ଡି ପ୍ରଫେସର ଡା. ଦତେଶ୍ୱର ହୋତା ପ୍ରମୁଖ ଯୋଗଦେଇଥିଲେ। ଏହି କର୍ମଶାଳାରେ କିଟ୍ ୟୁନିଭରସିଟିର ପ୍ରୋ-ଚାନ୍‌ସେଲର ପଦ୍ମଶ୍ରୀ ପ୍ରଫେସର ସୁବ୍ରତ ଆଚାର୍ଯ୍ୟ, ଗୌହାଟୀ ହେଲଥ୍ ୟୁନିଭରସିଟିର ଭାଇସ୍ ଚାନସେଲର ପ୍ରଫେସର ଧ୍ରୁବଜ୍ୟୋତି ବୋରା, ଇଣ୍ଡିଆନ୍ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ, ବାଙ୍ଗାଲୁରୁର ଡିନ୍ ପ୍ରଫେସର ଉଷା ବିଜୟରାଘବନ୍, ମହାରାଷ୍ଟ୍ରର ଡିଏମ୍ଇଟି ପ୍ରଫେସର ଦିଲ୍ଲୀପ ଗୋବିନ୍ଦରାଓ ମହିସେକର, ୱେଷ୍ଟବେଙ୍ଗଲ ହେଲଥ୍ ୟୁନିଭରସିଟିର ଭାଇସ୍ ଚାନ୍‌ସେଲର ପ୍ରଫେସର ଶୁହ୍ରିତା ପଲ, ମହାରାଷ୍ଟ୍ର ହେଲଥ୍ ୟୁନିଭରସିଟିର ଡିନ୍ ପ୍ରଫେସର ସଚିନ ମୁନ୍ତେ, କେରଳ ହେଲଥ୍ ୟୁନିଭରସିଟିର ଭାଇସ୍ ଚାନ୍‌ସେଲର ପ୍ରଫେସର ମୋହନନ୍ କୁନୁମାଲ୍, ଆନ୍ଧ୍ରପ୍ରଦେଶ ହେଲଥ୍ ୟୁନିଭରସିଟିର ଭାଇସ୍ ଚାନ୍‌ସେଲର ପ୍ରଫେସର ଶ୍ୟାମ ପ୍ରସାଦ ପିଗିଲାମ୍ ପ୍ରମୁଖ ଯୋଗଦେଇଥିଲେ ।

# ଓଡ଼ିଆଙ୍କୁ ଭଲପାଇବା ଓ ଓଡ଼ିଆ ସଂସ୍କୃତିର ମୂଳମନ୍ତ୍ରକୁ ମୋଦି ସାରା ଦେଶରେ ପରିଚିତ କରୁଛନ୍ତି : ସମୀର ମହାନ୍ତି

ଭୁବନେଶ୍ୱର,୨୯/୦୮ (ନି.ପ୍ର): ଆଜି ଦେଶବାସୀଙ୍କୁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି 'ମନ୍ କି ବାତ୍' ୯୨ତମ ସଂସ୍କରଣରେ ସମ୍ବୋଧନ କରିଛନ୍ତି । ଏହି କାର୍ଯ୍ୟକ୍ରମ ଦ୍ୱାରା ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ରାଷ୍ଟ୍ରନିର୍ମାଣ ଓ ସମାଜ ମଙ୍ଗଳ ପ୍ରସଙ୍ଗରେ ଆଲୋଚନା କରିବା ସହ ସାଧାରଣ ଜୀବନ ବାସ କରୁଥିବା ଲୋକମାନଙ୍କ ଅକୁହା କଥା ଆଦିକୁ ପ୍ରକାଶ କରିଥାନ୍ତି, ଯାହାକି ବାସ୍ତବ ଜୀବନରେ ବେଶ ପ୍ରତିଫଳିତ ହୋଇଥାଏ ବୋଲି ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି । ରାଜ୍ୟ ସଭାପତି ଶ୍ରୀ ମହାନ୍ତି ରବିବାର ଭୁବନେଶ୍ୱରର ସାଙ୍ଗଠନିକ ଜିଲ୍ଲା ଖଣ୍ଡଗିରି ମଣ୍ଡଳ ୱାର୍ଡ ନଂ-୨୩ ଘାଟିକିଆ ଦୁର୍ଗା ପୂଜା ମଣ୍ଡପଠାରେ ସ୍ଥାନୀୟ ବାସିନ୍ଦା ଏବଂ ଦଳୀୟ କାର୍ଯ୍ୟକର୍ତାଙ୍କ ଗହଣରେ 'ମନ୍ କି ବାତ୍' କାର୍ଯ୍ୟକ୍ରମ ଶୁଣିଛନ୍ତି । 'ମନ୍ କି ବାତ୍'ରେ ଯଶସ୍ୱୀ ମୋଦିଜୀ ତ୍ରିରଙ୍ଗା ଯାତ୍ରା, ଅମୃତ ସରୋବର ଓ ମିଲେଟ ମିଶନ ବା ମାଣ୍ଡିଆକୁ ବର୍ଣ୍ଣନା କରିଛନ୍ତି। ଓଡ଼ିଶାର ଗାଁଠୁ ସହରର ଲୋକେ ଏହି ଖାଦ୍ୟ ଖାଇଥାନ୍ତି। ମାଣ୍ଡିଆ ପୋଷଣ ଯୁକ୍ତ ଖାଦ୍ୟ ହୋଇଥିବାରୁ ମୋଦିଜୀ ସମସ୍ତ ଜନସାଧାରଣ ଖାଇବାକୁ ଆହ୍ୱାନ କରିଥିବା ଶ୍ରୀ ମହାନ୍ତି କହିଛନ୍ତି। ମୋଦିଜୀ ମଧ୍ୟ ଗଣେଶ ଚତୁର୍ଥୀ ଓ ନୂଆଖାଇ ପର୍ବ ଅବସରରେ ଶୁଭକାମନା ଓ ଶୁଭେଚ୍ଛା ଜ୍ଞାପନ କରିଥିବା ଶ୍ରୀ ମହାନ୍ତି କହିଛନ୍ତି।ଓଡ଼ିଶାରେ ପ୍ରତ୍ୟେକ ଜିଲ୍ଲାରେ ୭୫ଟି ଅମୃତ ସରୋବର ହେଉଛି ଓ ଜଳ ସଂରକ୍ଷଣ କଥା 'ମନ କି ବାତ୍' କାର୍ଯ୍ୟକ୍ରମରେ କହିଛନ୍ତି। ମୋଦିଜୀଙ୍କ ଲାଗି ଦେଶର ସବୁ ପ୍ରାନ୍ତରେ ଅମୃତ ମହୋତ୍ସବର ଅମୃତ ଧାରା ପ୍ରବାହିତ ହେଉଛି ଓ ଅମୃତ ମହୋତ୍ସବ ଓ ସ୍ୱାଧୀନତା ଦିବସରୁ ଜନସାଧାରଣ ଦେଶର ସମ୍ମିଳୀତ ସାମର୍ଥ୍ୟ ଓ ହୃଦୟଙ୍ଗମତାର ଚେତନା ପାଇଛନ୍ତି। ଓଡ଼ିଶାବାସୀଙ୍କ ପକ୍ଷରୁ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କୁ ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି ଧନ୍ୟବାଦ ଜ୍ଞାପନ କରିଛନ୍ତି। ମୋଦିଜୀ ଓଡ଼ିଆଙ୍କ ପ୍ରତି ଭଲପାଇବା ଓ ବିଶେଷ କରି ଓଡ଼ିଆ ସଂସ୍କୃତିର ମୂଳମନ୍ତ୍ରକୁ ମୋଦି ସାରା ଦେଶରେ ପରିଚିତ କରାଉଛନ୍ତି ଯାହା ସାଢ଼େ ଚାରିକୋଟି ଓଡ଼ିଆ ଗର୍ବ ଅନୁଭବ କରୁଛନ୍ତି ବୋଲି ଶ୍ରୀ ମହାନ୍ତି କହିଛନ୍ତି। ଆଜି ବିଜେପିର ସମସ୍ତ ଜିଲ୍ଲାର କାର୍ଯ୍ୟକର୍ତା ଓ ନେତୃବୃନ୍ଦମାନେ ନିଜ ନିଜ ଅଂଚଳର ସ୍ଥାନୀୟ ବାସିନ୍ଦାଙ୍କ ସହ 'ମନ୍ କି ବାତ୍' କାର୍ଯ୍ୟକ୍ରମକୁ ଶୁଣିଛନ୍ତି । ସାଂସଦ, ବିଧାୟକ, ନିର୍ବାଚନ ଜନପ୍ରତିନିଧି, ଦଳୀୟ ଅଧିକାରୀବୃନ୍ଦ ଇତ୍ୟାଦି ପ୍ରଧାନମନ୍ତ୍ରୀଙ୍କ 'ମନ୍ କି ବାତ୍' କାର୍ଯ୍ୟକ୍ରମ ଶୁଣିଥିଲେ। ୪୮୦୦ରୁ ଉର୍ଦ୍ଧ୍ୱ ସ୍ଥାନରେ କାର୍ଯ୍ୟକର୍ତାମାନେ ପ୍ରଧାନମନ୍ତ୍ରୀଙ୍କ 'ମନ୍ କି ବାତ୍' ଶୁଣିଥିଲେ।

## ରାଜ୍ୟରେ ଆଜି ୨୨୧ କରୋନା ସଂକ୍ରମିତ ଚିହ୍ନଟ

ଭୁବନେଶ୍ୱର,୨୯/୦୮ (ନି.ପ୍ର): ଆଜି ବି ରାଜ୍ୟରେ ୩ ଶହ ତଳେ ରହିଛି ଦୈନିକ କରୋନା ସଂକ୍ରମଣ। ଗତକାଲି ୨୫୭ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବା ବେଳେ ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୨୨୧ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୧୨୯ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ୯୨ ଜଣ ପଜିଟିଭ ସ୍ଥାନୀୟ ସଂକ୍ରମଣରୁ ଚିହ୍ନଟ ହୋଇଛନ୍ତି। ଏଥିମଧ୍ୟରେ ୩୧ ଜଣ ୧୮ ବର୍ଷରୁ କମ୍ ବୟସର ଶିଶୁ- କିଶୋର ଥିବା ଜଣାଯାଇଛି। ଆଜି ରାଜ୍ୟର ୨୩ଟି ଜିଲ୍ଲାରୁ ୨୨୧ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୫୮ ଜଣ ଚିହ୍ନଟ ହୋଇଛନ୍ତି। ଏନେଇ ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୧, ବାଲେଶ୍ୱର ଜିଲ୍ଲାରୁ ୩, ବରଗଡ଼ରୁ ୨, ବଲାଙ୍ଗୀରରୁ ୧୪ ଜଣ, ବୌଦ୍ଧରୁ ୨, କଟକରୁ ୧୨ ଜଣ, ଦେବଗଡ଼ରୁ ୨ ଜଣ, ଯାଜପୁରରୁ ୬ ଜଣ, ଝାରସୁଗୁଡ଼ାରୁ ୪, କଳାହାଣ୍ଡି ଜିଲ୍ଲାରୁ ୧୦ ଜଣ, କନ୍ଧମାଳରୁ ୩ ଜଣ, କେନ୍ଦ୍ରାପଡ଼ାରୁ ୧, ଖୋର୍ଦ୍ଧା ଜିଲ୍ଲାରୁ ୫୮, କୋରାପୁଟରୁ ୧,ମୟୂରଭଞ୍ଜରୁ ୫ ଜଣ, ନବରଙ୍ଗପୁରରୁ ୧୩ ଜଣ, ନୟାଗଡ଼ ଜିଲ୍ଲାରୁ ୩ ଜଣ, ନୂଆପଡ଼ାରୁ ୯, ପୁରୀରୁ ୧ ଜଣ, ରାୟଗଡ଼ାରୁ ୩, ସମ୍ବଲପୁରରୁ ୧୫ ଜଣ, ସୋନପୁରରୁ ୪, ସୁନ୍ଦରଗଡ଼ରୁ ୩୮ ଜଣ ଓ ଷ୍ଟେଟପୁଲରୁ ୧୪ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଏପର୍ଯ୍ୟନ୍ତ ରାଜ୍ୟରେ ୧୩, ୨୭, ୧୫୦ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେହିପରି ୧୩,୧୫, ୯୨୯ ଜଣ ସୁସ୍ଥ ହୋଇଛନ୍ତି। ଏବେ ବି ୧୯୯୪ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି।

# ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେସନ ପକ୍ଷରୁ ଜଳ ସୁରକ୍ଷା ଜାତୀୟ ଆଲୋଚନାଚକ୍ର ଓ ପରିବେଶ ରତ୍ନ ସମ୍ମାନ ପ୍ରଦାନ ଉତ୍ସବ

ଭୁବନେଶ୍ୱର,୨୯/୦୮ (ନି.ପ୍ର): ଅଗ୍ରଣୀ ସାମାଜିକ ଅନୁଷ୍ଠାନ ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେସନ ଅଫ୍ ଏଜୁକେଶନାଲ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ସ୍ଥାନୀୟ ଜୟଦେବ ଭବନରେ 'ଜଳ ବଂଚାଅ, ପ୍ରତ୍ୟେକ ଜଳବିନ୍ଦୁ ମହତ୍ୱପୂର୍ଣ୍ଣ' ଶୀର୍ଷକ ଏକ ଜାତୀୟସ୍ତର ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଚ୍ଚଶିକ୍ଷା ମନ୍ତ୍ରୀ ଇଂ ରୋହିତ ପୂଜାରୀ କହିଲେ ଯେ, ପ୍ରାକୃତିକ ସମ୍ପଦ ଜଳର ଉପଲବ୍ଧତା ଦିନକୁ ଦିନ କମିବାରେ ଲାଗୁଛି। ଏହି ପରିପ୍ରେକ୍ଷୀରେ ଜଳର ସଠିକ୍ ପରିଚାଳନା ଓ ସଂରକ୍ଷଣ ସାରା ପୃଥିବୀବାସୀଙ୍କ ପାଇଁ ଏକ ଆହ୍ୱାନ ସୃଷ୍ଟି କରିଛି।

ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ବିତ୍ତ ଉପଦେଷ୍ଟା ତଥା ଅତିରିକ୍ତ ସଚିବ ମନୋରଞ୍ଜନ ମହାପାତ୍ର କହିଲେ ଯେ, ଜଳର ଉପାଦେୟତା ସଭିଏଁ ଅନୁଭବ କରୁଥିଲେ ମଧ୍ୟ ତାହାର ସଠିକ ବିନିଯୋଗ ତଥା ସଂରକ୍ଷଣ ପାଇଁ ଆବଶ୍ୟକୀୟ ଧ୍ୟାନ ଦେଉ ନାହାଁନ୍ତି। ଏଣୁ ରାଜ୍ୟର ବିଭିନ୍ନ ସାମାଜିକ ସଂଗଠନ ତଥା ପରିବେଶପ୍ରେମୀ ଓ ଜନସାଧାରଣ ନିଷ୍ଠାପର ଭାବେ ଆଗେଇ ଆସି ଜଳ ସଂରକ୍ଷଣକୁ ଲୋକାଭିମୁଖୀ କରିବାକୁ ମତ ଦେଇଥିଲେ। ଭୁବନେଶ୍ୱର ସହରାଂଚଳ ବନଖଣ୍ଡ ଅଧିକାରୀ ଅଜିତ କୁମାର ଶତପଥୀ ଯୋଗଦେଇ ପରିବେଶର ଗୁରୁତ୍ୱପୂର୍ଣ୍ଣ ପ୍ରଭାଗ ଜଳର ଆବଶ୍ୟକତା, ଉପଯୋଗିତା ସମ୍ବନ୍ଧରେ ତଥ୍ୟ ରଖିବା ସହ ବୈଜ୍ଞାନିକ ପ୍ରଣାଳୀ ଆଧାରରେ ସଠିକ୍ ସଞ୍ଚାଳନ କରିବା ଏକ ସମୟ ଉପଯୋଗୀ ଆହ୍ୱାନ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଜଳ ସୁରକ୍ଷା ସମ୍ପର୍କିତ ଏକ ସ୍ମାରକୀ ସଙ୍କଳନ 'ଇକୋ କନେକ୍ଟ-୨୦୨୨' ଏବଂ 'ଜବ୍ ସର୍ଚ୍ଚ ସିକ୍ରେଟ' ଶୀର୍ଷକ ଏକ ପୁସ୍ତକ ଉନ୍ମୋଚିତ ହୋଇଥିଲା। ଏଥିସହିତ ନିଷ୍ଠାପର ଭାବେ କାର୍ଯ୍ୟ କରୁଥିବା ବ୍ୟକ୍ତିବିଶେଷ ତଥା ଅନୁଷ୍ଠାନକୁ 'ପରିବେଶ ରତ୍ନ' ସମ୍ମାନରେ ଅଳଙ୍କୃତ କରାଯାଇଥିଲା ଏବଂ ଜୀବନବ୍ୟାପୀ ସମାଜସେବା ଓ ପରିବେଶ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରୁଥିବା ଇଂ ବିପିନ ବିହାରୀ ନାୟକଙ୍କୁ ଜୀବନବ୍ୟାପୀ ସାଧନା ସମ୍ମାନରେ ସମ୍ମାନିତ କରାଯାଇଥିଲା।

ଅନୁଷ୍ଠାନର ଅଧ୍ୟକ୍ଷ ଡଃ ବିପିନ ବିହାରୀ ମିଶ୍ର କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ଦଳର ମହତ୍ତ୍ୱ ତଥା ଉପଲବ୍ଧତା ବୃଦ୍ଧି ପାଇଁ ଅନୁଷ୍ଠାନ ପକ୍ଷରୁ ଗ୍ରହଣ କରାଯାଉଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ଡଃ ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ଯୁବ କଂଗ୍ରେସର ଦୁଇ ଦିନିଆ ପ୍ରଶିକ୍ଷଣ ଶିବିର ପ୍ରତିଜ୍ଞା ଉଦ୍‌ଘାଟିତ

ଭୁବନେଶ୍ୱର,୨୯/୦୮ (ନି.ପ୍ର): ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସର ଦୁଇଦିନିଆ ପ୍ରଶିକ୍ଷଣ ଶିବିର 'ପ୍ରତିଜ୍ଞା' ଆଜି ବରଗଡ଼ ଜିଲ୍ଲା ପାଇକମାଳ ନୃସିଂହନାଥ ପୀଠରେ ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟ ସଭାପତି ଡ. ସ୍ମୃତି ରଞ୍ଜନ ଲେଙ୍କାଙ୍କ ନେତୃତ୍ୱରେ ଆୟୋଜିତ ଏହି ପ୍ରଶିକ୍ଷଣ ଶିବିରର ଉଦ୍‌ଘାଟନ ଦିବସରେ ସର୍ବପ୍ରଥମେ ନୃସିଂହନାଥ ପୀଠରେ ସଫାଇ କରାଯାଇଥିଲା। ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ସଭାପତି ଡ. ସ୍ମୃତି ରଞ୍ଜନ ଲେଙ୍କାଙ୍କ ଉପସ୍ଥିତିରେ ପୂର୍ବତନ ବିଧାୟକ ସତ୍ୟଭୂଷଣ ସାହୁ ପତାକା ଉତୋଳନ କରି ଶିବିରର ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଅଧିବେଶନରେ ଅତିଥିଭାବେ ଅଖିଳ ଭାରତ କଂଗ୍ରେସ କମିଟିର ପୂର୍ବତନ ସମ୍ପାଦକ ଡ. ବିଶ୍ୱଭୂଷଣ ମହାନ୍ତି, ବିଧାୟକ ଅଧିରାଜ ପାଣିଗ୍ରାହୀ, ନୂଆପଡ଼ା ଜିଲ୍ଲା କଂଗ୍ରେସ କମିଟି ସଭାପତି ଘସିରାମ ମାଝୀ, ଯୁବନେତା ନିପନ ଦାସ ପ୍ରମୁଖ ଯୋଗ ଦେଇ କଂଗ୍ରେସର ବିଚାରଧାରାକୁ ଆଗାମୀପିଢ଼ୀ ପାଖରେ ପହଂଚାଇବା ଦାୟିତ୍ୱ ଯୁବ କଂଗ୍ରେସର ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଅଖିଳ ଭାରତୀୟ ଯୁବ କଂଗ୍ରେସର ପ୍ରଶିକ୍ଷଣ ବିଭାଗର ମୁଖ୍ୟ ସନ୍ତୋଷ କୁଲକୁଣ୍ଡା, ଅଖିଳ ଭାରତୀୟ ଯୁବ କଂଗ୍ରେସର ରାଷ୍ଟ୍ରୀୟ ସମ୍ପାଦକ ତଥା ଓଡ଼ିଶା ପ୍ରଭାରୀ ଶେଷ ନାରାୟଣ ଓଝା, ସହ ପ୍ରଭାରୀ ଅଭିନବ ସିଦ୍ଧାର୍ଥ ଭଗତ, ସୁମିତ ବଶିଷ୍ଟ, ଚୈତନ୍ୟ କ୍ରିଷ୍ଣା ରେଡ୍ଡୀ ପ୍ରମୁଖ ଯାଗଦେଇ ପ୍ରଥମ ଦିନର ବିଭିନ୍ନ ଅଧିବେଶନକୁ ସମ୍ବୋଧିତ କରିଥିଲେ।

# ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟର ରୂପରେଖ ନେଇ ମାନସମନ୍ଥନ

ଭୁବନେଶ୍ୱର,୨୯/୦୮ (ନି.ପ୍ର): ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟର ଏକ ଦୃଷ୍ଟିକୋଣ ଯୋଜନା ପ୍ରସ୍ତୁତ କରିବା ପାଇଁ ଦେଶର ବିଶିଷ୍ଟ ଚିକିତ୍ସାବିତ୍, ବିଭିନ୍ନ ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟର କୁଳପତି, ବେଙ୍ଗାଲୁରସ୍ଥିତ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସର ଡିନ୍, ସ୍ୱାସ୍ଥ୍ୟ ବିଭାଗର ପ୍ରଶାସକ, ମେଡିକାଲ କଲେଜର ନିର୍ଦ୍ଦେଶକ, ଡିନ୍ ଏବଂ ପ୍ରିନସିପାଲ୍ ?ମାନେ ଯୋଗଦେଇ ଆଲୋଚନା କରିଛନ୍ତି। ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟର ସାଂଗଠନିକ ଢାଞ୍ଚା, ଅଭିନବ ପାଠ୍ୟକ୍ରମର ବିକାଶ, ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରର ଉତ୍କର୍ଷ କେନ୍ଦ୍ର ସହ ଅନୁସନ୍ଧାନ ଏବଂ ସହଯୋଗ, ବିଶ୍ୱବିଦ୍ୟାଳୟ କାର୍ଯ୍ୟର ଡିଜିଟାଇଜେସନ୍, ଅଧ୍ୟାପନା କ୍ଷେତ୍ରରେ ବିକାଶ, ଆଭ୍ୟନ୍ତରୀଣ ସହଯୋଗ ଏବଂ ପ୍ରତିଷ୍ଠିତ ମହାବିଦ୍ୟାଳୟର ଭୂମିକା ସମ୍ପର୍କରେ ଏହି କର୍ମଶାଳାରେ ଆଲୋଚନା ହୋଇଥିଲା।

ଏହି କାର୍ଯ୍ୟକ୍ରମକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସ ଉଦ୍‌ଘାଟନ କରି କହିଛନ୍ତି ଯେ, ରାଜ୍ୟରେ ଦୀର୍ଘ ଦିନରୁ ଏକ ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟର ଆବଶ୍ୟକତା ଥିଲା। ଯାହା ଏବେ ପୂରଣ ହେବାକୁ ଯାଉଛି। ଏହା ଦେଶର ୧୭ତମ ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟ ହେବ। ରାଜ୍ୟରେ ଆଗରୁ ୩ଟି ସରକାରୀ ମେଡିକାଲ କଲେଜ ଥିଲା। ଏବେ ୭ଟି ନୂଆ କଲେଜ ହେବା ପରେ ୧୦ଟି ମେଡିକାଲ କଲେଜରେ ଏମ୍‌ବିବିଏସ୍ ପାଠ୍ୟକ୍ରମ ଚାଲୁଛି। ଏହାସହ ହୋମିଓପାଥି, ଆୟୁର୍ବେଦ ଓ ଅନ୍ୟାନ୍ୟ ପାଠ୍ୟକ୍ରମ ଚାଲୁଛି। ଏବେ ଏହିସବୁ ଅନୁଷ୍ଠାନଗୁଡ଼ିକ ଗୋଟିଏ ସ୍ଥାନରେ ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ ମଧ୍ୟରେ ରହିବ। ଏହାଦ୍ୱାରା ଗୋଟିଏ ୟୁନିଫର୍ମ ଷ୍ଟାଣ୍ଡାର୍ଡର ମେଡିକାଲ ଶିକ୍ଷା ପ୍ରଚଳିତ ହେବ। ନିୟମିତ ତାଲିମ, ସମୟାନୁଯାୟୀ ପରୀକ୍ଷା ଓ ଫଳ ପ୍ରକାଶ ପାଇବ। ଏହାସହ ଗବେଷଣା ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବ ବୋଲି ଶ୍ରୀ ଦାସ କହିଛନ୍ତି।

ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣର ଅଧ୍ୟକ୍ଷ ସୁବ୍ରତ ବାଗ୍‌ଚୀଙ୍କ ଦ୍ୱାରା ପରିଚାଳିତ ଏହି କର୍ମଶାଳାରେ ଡିଏମ୍ଇଟି ପ୍ରଫେସର ଡା. ରମାରମଣ ମହାନ୍ତି, ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟର ଓଏସ୍‌ଡି ପ୍ରଫେସର ଡା. ଦତ୍ତେଶ୍ୱର ହୋତା, କିଟ୍ ବିଶ୍ୱବିଦ୍ୟାଳୟର ପ୍ରୋ-ଚାନସେଲର ପ୍ରଫେସର ସୁବ୍ରତ ଆଚାର୍ଯ୍ୟ, ଗୌହାଟୀ ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଧ୍ରୁବଜ୍ୟୋତି ବୋରା, ବେଙ୍ଗାଲୁରସ୍ଥିତ ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସର ଡିନ୍ ପ୍ରଫେସର ଉଷା ବିଜୟ ରାଘବନ୍, ମହାରାଷ୍ଟ୍ରର ଡିଏମ୍ଇଟି ପ୍ରଫେସର ଦିଲ୍ଲୀପ ଗୋବିନ୍ଦରାଓ ମହିସେକର, ପଶ୍ଚିମବଙ୍ଗ ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶୁହ୍ରିତା ପଲ୍, ମହାରାଷ୍ଟ୍ର ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟର ଡିନ୍ ପ୍ରଫେସର ସଚିନ୍ ମୁନ୍ତେ, କେରଳ ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ମୋହନନ୍ କୁନୁମାଲ୍, ଆନ୍ଧ୍ରପ୍ରଦେଶ ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶ୍ୟାମପ୍ରସାଦ ପିଗିଲାମ୍ ପ୍ରମୁଖ ଯୋଗଦେଇଥିଲେ।

# ବରଗଡ଼ ଓ ସୋନପୁର ଜିଲ୍ଲାରେ 'ଅହିଂସା ରଥ'

ଭୁବନେଶ୍ୱର,୨୯/୦୮ (ନି.ପ୍ର): ଆଜାଦି କା ଅମୃତ ମହୋତ୍ସବ ଅବସରରେ ସ୍ୱାଧୀନତା ସଂଗ୍ରାମୀଙ୍କ ବୀର ଗାଥାକୁ ମନେ ପକାଇବା ପାଇଁ ସାରା ରାଜ୍ୟରେ ଅହିଂସା ରଥ ପରିକ୍ରମା କରୁଛି । ଆଜି ଏହି କ୍ରମରେ ସୁବର୍ଣ୍ଣପୁର ଜିଲ୍ଲାର ଡୁଙ୍ଗୁରୁପାଲି ବ୍ଲକ୍ ର ସ୍ୱାଧୀନତା ସଂଗ୍ରାମୀଙ୍କ ଶହୀଦ ସ୍ତମ୍ଭ ସମ୍ମୁଖରେ ଅହିଂସା ରଥକୁ ବିଡ଼ିଓ ତ୍ରିପୁରା ମହାନନ୍ଦ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ଛାତ୍ରଛାତ୍ରୀ, ସ୍ଥାନୀୟ ପଞ୍ଚାୟତ ସମିତି ସଦସ୍ୟ ଓ ଜନସାଧାରଣ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ଚରଖା ବଂଟାଯିବା ସହ ଦେଶାତ୍ମବୋଧକ ଭିଡ଼ିଓ ସୋ ଆୟୋଜିତ ହୋଇଥିଲା । ଉଲୁଣ୍ଡା ଗ୍ରାମ ପଂଚାୟତର ଦକ୍ଷିଣିପାଲି ଗ୍ରାମର ହକି ଷ୍ଟାଡିୟମ୍ ଠାରେ ସରପଞ୍ଚ ପ୍ରବୀଣ ଦେହେରି ଏବଂ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଉପସ୍ଥିତିରେ ଅହିଂସା ରଥକୁ ସ୍ୱାଗତ କରାଯିବା ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପରେ ପ୍ରଜା ଆନ୍ଦୋଳନର ଗ୍ରାମ ସିନ୍ଧୁରପୁରଠାରେ ବିନ୍‌କା ବ୍ଲକ୍ ଅଧ୍ୟକ୍ଷ, ବିଡ଼ିଓ ଏବଂ ସ୍ୱାଧୀନତା ସଂଗ୍ରାମୀ ବନମୁକୁନ୍ଦ ନାୟକଙ୍କ ପୁତ୍ର ଏବଂ ସିନ୍ଧୁରପୁର ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ଉପସ୍ଥିତ ରହି ଅହିଂସା ରଥକୁ ସ୍ୱାଗତ କରିବା ସହ ବିଭିନ୍ନ ଦେଶାତ୍ମବୋଧକ କାର୍ଯ୍ୟକ୍ରମ ସହ ସଭା ଅନୁଷ୍ଠିତ ହୋଇଥିଲା । ତରଭା ଏନ୍‌ଏସି ଅଫିସ ଛକଠାରେ ଏନ୍‌ଏସି ଅଧ୍ୟକ୍ଷ, ବିଡ଼ିଓ, ତରଭା ଅଂଚଳର ସ୍ୱାଧୀନତା ସଂଗ୍ରାମୀଙ୍କ ପରିବାରର ସଦସ୍ୟ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ଅତିରିକ୍ତ ତହସିଲଦାର, ସ୍କୁଲ ଛାତ୍ରଛାତ୍ରୀ, ବରିଷ୍ଠ ନାଗରିକବୃନ୍ଦ, ପ୍ରେସ୍ ପ୍ରତିନିଧିମାନେ ଉପସ୍ଥିତ ରହି ଅହିଂସା ରଥକୁ ଭବ୍ୟ ସ୍ୱାଗତ କରିଥିଲେ। ଗାନ୍ଧିଜୀଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ ସହ ଦେଶାତ୍ମବୋଧକ ସଂଗୀତ ଓ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା।

ସେହିପରି ବରଗଡ଼ର ଅତାବିରାଠାରେ ବିଧାୟିକା ଶ୍ରୀମତୀ ସ୍ନେହାଙ୍ଗିନୀ ଛୁରିଆ ଅହିଂସା ରଥକୁ ସ୍ୱାଗତ କରିଥିଲେ। ବରଗଡ଼ ଜିଲ୍ଲାପାଳ ମନିଷା ବାନାର୍ଜୀ, ଆରକ୍ଷୀ ଅଧୀକ୍ଷକ, ଜିଲ୍ଲା ଗ୍ରାମ ଉନ୍ନୟନ କର୍ତ୍ତୃପକ୍ଷର ପ୍ରକଳ୍ପ ନିର୍ଦ୍ଦେଶକ ସବୁଜ ପତାକା ଦେଖାଇ ରଥକୁ ସ୍ୱାଗତ ଜଣାଇଥିଲେ । ପ୍ରଶାସନ ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଚଳିତ ୨୮ରୁ ୩୦ ତାରିଖ ପର୍ଯ୍ୟନ୍ତ ଏହି ରଥ ବରଗଡ଼ ଜିଲ୍ଲାର ବିଭିନ୍ନ ସ୍ଥାନ ପରିକ୍ରମା କରିବ। ଅତାବିରାଠାରେ କୁଲୁଣ୍ଡା ସ୍ୱାଧୀନତା ସଂଗ୍ରାମୀ ହୃଷିକେଶ ନାୟକଙ୍କ ପତ୍ନୀ ଶ୍ରୀମତୀ ପଞ୍ଚମୀ ନାୟକ ଅହିଂସା ରଥକୁ ସ୍ୱାଗତ ଜଣାଇଥିଲେ।

ଅହିଂସା ରଥ ଆଜି ଉଭୟ ଜିଲ୍ଲାର ବିଭିନ୍ନ ଅଂଚଳ ଗସ୍ତ କରିବା ସମୟରେ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ସ୍ଥାନୀୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଉଲ୍ଲେଖଯୋଗ୍ୟ ଯେ ଅହିଂସା ରଥ ଦ୍ୱାରା ପ୍ରସାରିତ ଭିଡ଼ିଓ ବାର୍ତା ସମାଜର ବିଭିନ୍ନ ବର୍ଗର ଲୋକଙ୍କୁ ଅନୁପ୍ରାଣିତ କରୁଛି।

# ‘ଗେଟ୍ ୱେ ଅଫ ଓଡିଶା’ ଜଳେଶ୍ୱରର ବିକାଶହିଁ ପୌର ପରିଷଦର ଲକ୍ଷ୍ୟ

## ମାଷ୍ଟର ପ୍ଲାନ ଓ ସଂସ୍କୃତି ଭବନ ନିର୍ମାଣ ଲାଗି ସରକାରଙ୍କ ସବୁଜ ସଂକେତ



ଜଳେଶ୍ୱର, ୨୯/୮(ନିପ୍ର) : ରାଜ୍ୟର ପ୍ରବେଶପଥ (ଗେଟ୍ ୱେ ଅଫ ଓଡିଶା) ଜଳେଶ୍ୱର ବିକାଶ ଲାଗି ପୌରପରିଷଦ ଗତ ୧୦୦ ଦିନ ମଧ୍ୟରେ ବିଭିନ୍ନ କାର୍ଯ୍ୟ ଶେଷ କରିଥିବା ବେଳେ ଆସନ୍ତା ଦିନରେ ମାଷ୍ଟର ପ୍ଲାନ, ସଂସ୍କୃତି ଭବନ ନିର୍ମାଣ, ଆଧୁନିକ ଶବ ସତ୍କାର ଗୃହ ନିର୍ମାଣ ଲାଗି ସରକାରଙ୍କ ସବୁଜ ସଂକେତ ମିଳିଥିବା ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ବହୁ ପାରିଷଦବର୍ଗଙ୍କ ଉପସ୍ଥିତିରେ ଅଧ୍ୟକ୍ଷ କହିଛନ୍ତି । ଜଳେଶ୍ୱର ମ୍ୟୁନିସିପାଲଟିର ନୂତନ ପରିଷଦ ଗଠନର ୧୦୦ ଦିନ ପୁରିଥିବା ବେଳେ ଇତି ମଧ୍ୟରେ ଭକ୍ତକବି ଦୀନକୃଷ୍ଣଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ଶିଶୁ ଉଦ୍ୟାନର ନବିକରଣ ଲାଗି ମୁକ୍ତା ଯୋଜନାରେ ୨୧ଲକ୍ଷ, ସହର ତଳି ଅଂଚଳରୁ ଜଳ ନିଷ୍କାସନ ଲାଗି ମହାନାଳ ଖନନରେ ୧୩ଲକ୍ଷ, ଜିକେଭଟ୍ଟର ହସ୍ପିଟାଲରେ ରୋଗୀ ପ୍ରତିକ୍ଷାଳୟ ଲାଗି ୩ଲକ୍ଷ୬୦ହଜାର ଓ ପ୍ରାୟ ୨ହଜାର ନୂତନ ଷ୍ଟ୍ରିଟ୍ ଲାଇଟ୍ ଲାଗିଥିବା ସଂପର୍କରେ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରାଯାଇଛି । ପୌର ଅଧ୍ୟକ୍ଷ ପ୍ରତୀପ କୁମାର ପ୍ରଧାନ, ଉପାଧ୍ୟକ୍ଷା ପୁଷ୍ପପ୍ରିୟା କାମିଳା, ବିଜେଡି ନଗର ସଭାପତି ସୁରଜିତ ଘୋଷ, ଯୁବ ସଭାପତି ଆନନ୍ଦ କର, ଛାତ୍ର ସଭାପତି ସୁରଜ ଚୌରାସିଆ, ପର୍ଯ୍ୟଟନ ମନ୍ତ୍ରୀ ପ୍ରତିନିଧି ସତ୍ୟ ରଂଜନ ଦାସମହାପାତ୍ର ଏହି ସାମ୍ବାଦିକ ସମ୍ମିଳନୀରେ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ । ଆସନ୍ତା ୧ବର୍ଷ ମଧ୍ୟରେ ୩କୋଟି ୨୯ଲକ୍ଷ ଅଟକଳ ମୂଲ୍ୟରେ ଶାନ୍ତିଆଠାରେ ସ୍ମାର୍ଟ ଶବ ସତ୍କାର ଗୃହ, ସ୍ମାର୍ଟ ପାର୍କ, ମୁଖ୍ୟମନ୍ତ୍ରୀଙ୍କ ଘୋଷିତ ଆର୍‌ବାନ୍ ହେଲ୍‌ଥ ୱେଲନେସ୍ ସେଣ୍ଟର, ରାଜ୍ୟକୁ ପ୍ରବେଶ ପଥରେ ୨ଟି ସ୍ୱାଗତ ତୋରଣ, ଷ୍ଟେସନ ବଜାରଠାରେ ଏକ ଭେଣ୍ଡିଂ ଜୋନ୍ ଓ ଆଧୁନୀକ ଶୌଚାଳୟ, ବିଭିନ୍ନ ସ୍ଥାନରେ ମୁକ୍ତ ଆକାଶ ଜିମ୍, ଆହାର କେନ୍ଦ୍ରର ନିଜସ୍ୱ ରୋଷେଇ ଘର, ଶିଶୁ ଉଦ୍ୟାନରେ ଭକ୍ତକବି ଦୀନକୃଷ୍ଣଙ୍କ ପ୍ରତିମୂର୍ତ୍ତି ସ୍ଥାପନ, ବିଭିନ୍ନ ସ୍ଥାନରେ କଂକ୍ରିଟ ବ୍ୟାଞ୍ଚ ନିର୍ମାଣ କାର୍ଯ୍ୟ ଟେଣ୍ଡର ଅପେକ୍ଷାରେ ଥିବା ସେ କହିଛନ୍ତି । ମଳ ଉପଚାର କେନ୍ଦ୍ର ଲାଗି ୨.୫ କୋଟି ଟଙ୍କାର ଏକ ପ୍ରକଳ୍ପ ହେବାକୁ ଯାଉଥିବା ସଂପର୍କରେ ସେ ସୂଚନା ଦେଇଥିଲେ । ସେହିପରି ନଗର ଉନ୍ନୟନ ନିର୍ଦ୍ଦେଶକଙ୍କ ଚିଠି ନଂ ୨୨୦୫ ତା ୯-୬-୨୨ ଅନୁଯାୟୀ ନୂତନ ପୌର କାର୍ଯ୍ୟାଳୟ ନିର୍ମାଣ ଲାଗି ୩ କୋଟି ୩୫ ଲକ୍ଷ ଟଙ୍କାର ଡିପିଆର ପ୍ରସ୍ତୁତ ହୋଇଥିବା, ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ ପାତ୍ରଙ୍କ ପ୍ରଚେଷ୍ଟାରେ ସହରରେ ଏକ ସଂସ୍କୃତି ଭବନ ନିର୍ମାଣ ହେବା, ୩ଟି ଛୋଟ ମିନି ପାର୍କ, ପରିତ୍ୟକ୍ତ ସ୍ଥାନର ବିକାଶ, ସର୍ବୋପରି ଶୃଙ୍ଖଳିତ ସହର ବିକାଶ ଲାଗି ଏକ ମାଷ୍ଟର ପ୍ଲାନ ତିଆରି କରାଯାଉଥିବା ସେ କହିଥିଲେ । ସେହିପରି ୧୬ନଂ ୱାର୍ଡ ମଣିପାଟଣାକୁ ବିଧାୟକ ପାଣ୍ଠିରୁ ୪୦ଲକ୍ଷ ଟଙ୍କା ବ୍ୟୟରେ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲୁଥିବା ବେଳେ ଆଗାମୀ ଦିନରେ ରାସ୍ତା ନିର୍ମାଣ ଶେଷ କରାଯାଇ ଆଲୋକି କରଣ କରାଯିବ ବୋଲି କହିଥିଲେ । ଓଡିଶାର ପ୍ରବେଶ ପଥ ଜଳେଶ୍ୱର ବିକାଶ ଲାଗି ପ୍ରଚେଷ୍ଟା ଜାରି ରହିଥିବା ସଂପର୍କରେ ଶ୍ରୀ ପ୍ରଧାନ ବହୁ ତଥ୍ୟ ଉପସ୍ଥାପନ କରିଥିଲେ ।

## ସର୍ପାଘାତରେ ମହିଳାଙ୍କ ମୃତ୍ୟୁ



ନୀଳଗିରି,୨୭/୦୮ (ନି.ପ୍ର): ଘରେ ଶୋଇଥିବା ସମୟରେ ମାଟି କାନ୍ଥରୁ ଏକ ତମ୍ପ ବାହାରି ମହିଳାଙ୍କୁ ଚୋଟ ମାରି ଜୀବନ ନେବା ଘଟରାରେ ଅଂଚଳରେ ଶୋକର ଛାୟା ଖେଳି ଯାଇଛି ।ସୂଚନା ଅନୁଯାୟୀ ଔପଦା ବ୍ଲକ ବାଉଁଶବଣିଆ ପଂଚାୟତର ଛୋଟକାନପୁର ଗାଁର ଦେବେନ୍ଦ୍ର ରାଉତଙ୍କ ସ୍ତ୍ରୀ ବାସନ୍ତୀ(୪୨) ଦିପ୍ରହର ସମୟରେ ଘରେ ଶୋଇଥିଲେ। ଏହି ଅବସ୍ଥାରେ ଘରଟି ମାଟି କାନ୍ଥ ହୋଇଥିବାରୁ ଗାତରୁ ଏକ ତମ୍ପ ବାହାରି ସମ୍ପୃକ୍ତ ମହିଳାଙ୍କୁ ଚୋଟ ମାରିଥିଲା। ମହିଳାଙ୍କ ଚିତ୍କାର ଶୁଣି ପରିବାର ଲୋକ ଦେଖିଲା ବେଳକୁ ସାପଟି କାନ୍ଥରେ ଥିବା ଗାତ ଭିତରେ ଗଳି ଯାଇଥିଲା। ସଂଗେ ସଂଗେ ପରିବାର ଲୋକେ ବାସନ୍ତୀକୁ ନୀଳଗିରି ଡାକ୍ତରଖାନା ନେଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଖବର ପ୍ରଚାରିତ ହେବା କ୍ଷଣି ପରିବାର ଓ ଗାଁରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଥିଲା।

## ବିଦ୍ୟୁତ ଆଘାତରେ ଯୁବକଙ୍କ ମୃତ୍ୟୁ



ବସ୍ତା, ୨୯/୦୮ (ନି.ପ୍ର): ବସ୍ତା ବ୍ଲକ ଅନ୍ତର୍ଗତ ସାହାଡ଼ା ପଞ୍ଚାୟତ ର ସାହାଡ଼ା ଗ୍ରାମର ଅମୁଲ୍ୟ ବର ଙ୍କ ପୁଅ ଚନ୍ଦ୍ରକାନ୍ତ ବର (୨୨) ସମୋବାର ବିଦ୍ୟୁତ ଆଘାତ ମୃତ୍ୟୁ ହୋଇଯାଇଛି କ୍ଷ ସୂଚନା ରୁ ପ୍ରକାଶ ଚନ୍ଦ୍ରକାନ୍ତ ବର ସକାଳ ସମୟ ରେ ବିଲକୁ କାମ କରିବା ପାଇଁ ଯାଇଥିଲେ । ବିଲ କାମସାରି ଘରକୁ ଫେରି ଆସିଲା ବେଳକୁ ଘର ପଖରେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସିଥଲେ ଏବଂ ସେଠାରେ ସଂଜ୍ଞାହୀନ ହୋଇ ପଡିଯାଇଥିଲେ । ପରିବାର ଲୋକ ସେଠାରେ ସଂଜ୍ଞାହୀନ ଅବସ୍ଥାରେ ଉଦ୍ଧାର କରି ବସ୍ତା ଡାକ୍ତରଖାନା କୁ ଆଣିଥିଲେ ମାତ୍ର ଡାକ୍ତର ତାଙ୍କୁ ମୃତ୍ ଘୋଷଣା କରିଥିଲେ । ତେବେ ଚନ୍ଦ୍ରକାନ୍ତ ପରିବାର ଅତ୍ୟନ୍ତ ଗରିବ ହୋଇଥିବାରୁ ଗ୍ରାମର ଗ୍ରାମବାସୀ ମାନେ ସରକାରୀ ସହାୟତା ପାଇଁ ଦାବୀ କରିଛନ୍ତି । ଏହି ଖବର ହେବା ପରେ ବରିଷ୍ଠ ସମାଜ ସେବୀ ଅଞ୍ଜନ ଦଣ୍ଡପାଟ ସରପଞ୍ଚ ଜଗବନ୍ଧୁ ବର ତାଙ୍କଘରକୁ ଯାଇ ପରିବାର ଲୋକଙ୍କୁ ସାନ୍ତନା ଦେଇଥିଲେ ଉକ୍ତ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ପୁଲିସ ପହଞ୍ଚି ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛନ୍ତି ।

## ବନ୍ୟାଞ୍ଚଳର ସରପଂଚ/ ସଦସ୍ୟଙ୍କ କ୍ଷତି ତାଲିକାକୁ ଦିଆଯାଉ ଗୁରୁତ୍ୱ

ଜଳେଶ୍ୱର, ୨୯/୮(ନିପ୍ର) : ସୁବର୍ଣ୍ଣରେଖା ବନ୍ୟାପରେ କ୍ଷତିଗ୍ରସ୍ତ ଅଂଚଳର ମରାମତି ଓ ସହାୟତା ଲାଗି ସ୍ଥାନୀୟ ସରପଂଚ ଓ ସଦସ୍ୟ ଦେଇଥିବା ତାଲିକାକୁ ଗୁରୁତ୍ୱ ଦେବାକୁ ଆଜି ଜଳେଶ୍ୱର ବିଡିଓଙ୍କଠାରେ କେତେକ ନିର୍ବାଚିତ ପ୍ରତିନିଧି ଦାବି ଜଣାଇଛନ୍ତି । ବନ୍ୟା କ୍ଷୟକ୍ଷତି ରିପୋର୍ଟ (ଏଫଡିଆର୍) ଅନୁମୋଦନ ପୂର୍ବରୁ ନିର୍ବାଚିତ କେତେକ ସରପଂଚ ଓ ସଦସ୍ୟଙ୍କୁ ଉପେକ୍ଷା କରାଯିବାର ଅଭିଯୋଗ ହୋଇଛି । ଏଥିନେଇ ଖୁଲୁଡା, ଦକ୍ଷିଣ ପ୍ରହରାଜପୁର, ସର୍ଦ୍ଧରବନ୍ଧ, ସୁଗୋର ସମିତି ସଦସ୍ୟ ଏବଂ କାଳିକ, ଆରୁହା, ଚମାରଗାଁ, ସମ୍ପତ୍ତିଆ ଓ ବର୍ତ୍ତନାର ସରପଂଚ ଓ ସମିତି ସଦସ୍ୟ ଏଥିନିମନ୍ତେ ଜଳେଶ୍ୱର ବିଡିଓଙ୍କ ନିକଟରେ ଅଭିଯୋଗ ବାଢିଛନ୍ତି । ବିଭିନ୍ନ ନୈବିଦୁର୍ବିପାକରେ ପଂଚାୟତ ସ୍ତରୀୟ ନିର୍ବାଚିତ ପ୍ରତିନିଧିଙ୍କ ଠାରୁ ଏପରି କ୍ଷୟକ୍ଷତି ବିବରଣୀ ନିଆଯାଉଥିବା ବେଳେ ଏବେ ଏହାକୁ ଉପେକ୍ଷା କରାଗଲେ ଦୃଢ ପ୍ରତିବାଦ କରାଯିବ ବୋଲି ଲିଖିତଭାବେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଓ ଜିଲାପାଳଙ୍କୁ ଜଣାଇଛନ୍ତି ।

## ଓଡିଶା ଆଦିବାସୀ ଅଧିକାର ମଂଚ ପକ୍ଷରୁ ଆର୍‌ଡବ୍ଲ୍ୟୁଏସ୍‌ଏସ୍ କାର୍ଯ୍ୟାଳୟରେ ଧାରଣା

ଜଳେଶ୍ୱର, ୨୯/୮(ନିପ୍ର) : ସୁଗୋ ପଂଚାୟତର ବାଣିଦା ଗାଁ ଆଦିବାସୀ-ହରିଜନ ସୁରକ୍ଷା ମଂଚ ପକ୍ଷରୁ ଆଜି ଆର୍‌ଡବ୍ଲୁଏସ୍‌ଏସ୍ କାର୍ଯ୍ୟାଳୟ ସମ୍ମୁଖରେ ପିଇବାପାଣି ଲାଗି ଧାରଣା ଦିଆଯାଇଥିଲା । ସେମାନେ ବସବାସ କରୁଥିବା ସ୍ଥାନରେ ଏକ ପ୍ରକଳ୍ପ ଖନନ ଲାଗି ୨୦୧୮ ମସିହାରେ ଅର୍ଥ ଜମା କରାଇଥିଲେ ମଧ୍ୟ ବିଭାଗ ପକ୍ଷରୁ ତାହା କାର୍ଯ୍ୟକାରୀ କରାଯାଇନଥିଲା । ଏହି ପ୍ରକଳ୍ପକୁ ପ୍ରସ୍ତାବିତ ସ୍ଥାନରେ କରାନଯାଇ ଅନ୍ୟତ୍ର କରାଯାଉଥିବାରୁ ଆଦିବାସୀ-ହରିଜନ ସୁରକ୍ଷା ମଂଚ ପକ୍ଷରୁ ବିରୋଧ କରାଯାଇଛି । ଆଜି ଏ ସମ୍ପର୍କରେ ଜଳେଶ୍ୱର ଆର୍‌ଡବ୍ଲୁଏସ୍‌ଏସ୍ ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯିବା ସହିତ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ବ୍ଲକ ଅଧ୍ୟକ୍ଷ ମାନସ ଜେନା, ଉପାଧ୍ୟକ୍ଷା ସଂଜିତା ସେନାପତି, ଜିଲାପରିଷଦ ଉପାଧ୍ୟକ୍ଷା ଅନୁସୂୟା ପ୍ରଧାନ ପ୍ରମୁଖଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ଦାବିପତ୍ର ପ୍ରଦାନ କରିଛନ୍ତି । ଆଜିର ଏହି ବିକ୍ଷୋଭରେ ମଦନ ମାହାଲି, ରାମ ଦଳେଇ, କୁନା ଟୁଡୁ, ସୁକୁଲ ମୁର୍ମୁ, ସଂଜୟ ଜେନା, ରୁହ୍ୟା ଟୁଡୁ, ସୁକୁଲ ହେମ୍ବ୍ରମ, ମହେଶ୍ୱର ସରେନ୍, ପଲ୍ଟୁ ଦାସ, ବିନୟ ମହାନ୍ତି, ତନୁଜ ମହାନ୍ତି, ଧନଞ୍ଜୟ ମହାପାତ୍ର, ପ୍ରବିର ମହାନ୍ତି ଓ ଗୌରୀଶଂକର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

## ଜବରଦଖଲ ଉଚ୍ଛେଦକୁ ବିରୋଧ

କଟକ,୨୯/୦୮ (ନି.ପ୍ର): କଟକ ସିଡ଼ିଏ ପେଟାନାଳ ଅଂଚଳରେ ଜବରଦଖଲ ଉଚ୍ଛେଦକୁ ବିରୋଧ କରିଛନ୍ତି ସ୍ଥାନୀୟ ଲୋକେ । ଯାହାକୁ ନେଇ ଆଜି ସେଠାରେ ଉତେଜନା ପ୍ରକାଶ ପାଇଛି । ସେମାନଙ୍କୁ ପ୍ରଥମେ ଥଇଥାନ ପରେ ଉଚ୍ଛେଦ କରାଯାଉ ବୋଲି ଦାବି କରିଛନ୍ତି ଅଂଚଳବାସୀ ।

## ବଲାଙ୍ଗୀର ଓ ବରଗଡ଼ ଜିଲ୍ଲାରେ ‘ଅହିଂସା ରଥ’

ଭୁବନେଶ୍ୱର, ୨୯/୦୮ (ନି.ପ୍ର): ସ୍ୱାଧୀନତାର ସଂଦେଶ ତଥା ମହାତ୍ମା ଗାନ୍ଧୀଙ୍କ ସତ୍ୟ, ଶାନ୍ତି ଓ ଅହିଂସା ମହାମନ୍ତ୍ରରେ ରାଜ୍ୟବାସୀଙ୍କୁ ଉଦ୍‌ବୁଦ୍ଧ କରିବା ଉଦ୍ଦେଶ୍ୟରେ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ପ୍ରାୟୋଜିତ ‘ଅହିଂସା ରଥ’ ଆଜି ବଲାଙ୍ଗୀର ଓ ବରଗଡ଼ ଜିଲ୍ଲାର ବିଭିନ୍ନ ସ୍ଥାନ ପରିକ୍ରମା କରିଛି । ଆଜି ଅହିଂସା ରଥକୁ ବଲାଙ୍ଗୀର ଜିଲ୍ଲାର ବୈରାସରଠାରେ ଅତିରିକ୍ତ ଜିଲ୍ଲାପାଳ (ଜେନେରାଲ) ଲମ୍ବୋଦର ଧାରୁଆ ଏବଂ ଅତିରିକ୍ତ ଜିଲ୍ଲାପାଳ (ରେଭେନ୍ୟୁ) ମହେନ୍ଦ୍ର ମହାପାତ୍ର, ଜିଲ୍ଲା ପରିଷଦର ସିଡିଓ ତଥା ଇଓ ସୁଶାନ୍ତ ସିଂ, ବିଡ଼ିଓ ପୁଇଁନ୍ତଳା ଯୁଧିଷ୍ଠିର ନାଏକ, ଉପଜିଲ୍ଲାପାଳ କୁମାର ନାଗଭୂଷଣ ଏବଂ ପଞ୍ଚାୟତ ସମିତି ସଭ୍ୟ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଏବଂ ଛାତ୍ରଛାତ୍ରୀମାନେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ବଲାଙ୍ଗୀର ସରକାରୀ ମହିଳା ମହାବିଦ୍ୟାଳୟଠାରେ ଅହିଂସା ରଥ ପହଞ୍ଚିବା ପରେ ଅତିରିକ୍ତ ଜିଲ୍ଲାପାଳ ମହେନ୍ଦ୍ର ମହାପାତ୍ର, ମୁନିସିପାଲିଟିର ସମସ୍ତ କାଉନ୍‌ସିଲର, ମହିଳା ମହାବିଦ୍ୟାଳୟର ପ୍ରିନ୍ ?ସିପାଲ୍ ?, ଛାତ୍ରଛାତ୍ରୀ, କର୍ମଚାରୀ ଏବଂ ମୁନିସିପାଲିଟିର ଅଧକ୍ଷା ଲିକା ସାହୁ ଉପସ୍ଥିତ ରହି ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ସେଠାରେ ବିଭିନ୍ନ ଦେଶାତ୍ମବୋଧକ କାର୍ଯ୍ୟକ୍ରମ ପରିବେଷଣ ପରେ ପିପି ଏକାଡେମୀ ବଲାଙ୍ଗୀରଠାରେ ରଥକୁ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର, ଜିଲ୍ଲା ପରିଷଦ ସଭାପତି ଦେବକୀ ସାହୁ, ଜିଲ୍ଲାପାଳ ଚଂଚଳ ରଣା ଏବଂ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ସାମାଜିକ ସଂଗଠନର କର୍ମକର୍ତ୍ତା ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ବୁଣାକାରମାନଙ୍କୁ ଚରଖା ବଣ୍ଟନ ସହିତ ଦେଶାତ୍ମବୋଧକ କାର୍ଯ୍ୟକ୍ରମ ଓ ସଭା ଅନୁଷ୍ଠିତ ହୋଇଥିଲା । କୁରୁଲ ଉଚ୍ଚବିଦ୍ୟାଳୟ ଏବଂ ପୁଇଁତଳା ବ୍ଲକ୍ ର ମହିମୁଣ୍ଡା ଗ୍ରାମରେ ସ୍ୱାଗତ ସମ୍ବର୍ଦ୍ଧନା ସହ ଲୋଇସିଂହା ମହାବିଦ୍ୟାଳୟଠାରେ ବିଧାୟକ ମୁକେଶ ମହାଲିଙ୍ଗ, ବିଡ଼ିଓ ଏବଂ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ଅହିଂସା ରଥକୁ ସ୍ୱାଗତ ଜଣାଇଥିଲେ । ସେହିପରି ବରଗଡ଼ ଜିଲ୍ଲାର ସୋହେଲା ବ୍ଲକ୍ ର ଦାଶମିଲେ ଏବଂ ସ୍ୱାଧୀନତା ସଂଗ୍ରାମୀ ଗ୍ରାମ ପାନିମୋରା, ସ୍ୱାଧୀନତା ସଂଗ୍ରାମୀ ପାର୍ବତୀ ଗିରିଙ୍କ ଗ୍ରାମ ସମଲେଇପଦରଠାରେ ଅହିଂସା ରଥକୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ସେଠାରେ ବିଭିନ୍ନ ଦେଶାତ୍ମବୋଧକ କାର୍ଯ୍ୟକ୍ରମ, ଭିଡ଼ିଓ ସୋ ଆୟୋଜିତ ହୋଇଥିବାବେଳେ ବହୁସଂଖ୍ୟାରେ ଛାତ୍ରଛାତ୍ରୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ଜନସାଧାରଣ ଉପସ୍ଥିତ ରହି ସ୍ୱାଧୀନତାର ଉଚ୍ଛ୍ୱାସକୁ ଉପଭୋଗ କରିଥିଲେ ।

## ସେପ୍ଟେମ୍ବର ୬ରେ କଳା ଦିବସ ପାଳିବ କୁଡୁମୀ ସେନା



ବାରିପଦା, ୨୯/୦୮ (ନି.ପ୍ର): ବିଗତ ୧୯୫୦ ମସିହା ସେପ୍ଟେମ୍ବର ୬ ତାରିଖରେ କୁଡୁମୀ ଜାତିକୁ ଭାରତ ସରକାର ଜନଜାତି ତାଲିକାରୁ ବାଦ ଦେଇଥିଲେ । ତେଣୁ କୁଡୁମୀ ଜାତି ପ୍ରତି ହୋଇଥିବା ଏହି ଐତିହାସିକ ଅନ୍ୟାୟ ବିରୁଦ୍ଧରେ ଜୈମୁନି କୁମାର ମହାନ୍ତଙ୍କ ନେତୃତ୍ୱରେ କୁଡୁମୀ ସେନା ପକ୍ଷରୁ ବିଗତ ଏକ ଦଶନ୍ଧି ଧରି ପଲ୍ଲୀ ଠାରୁ ଦିଲ୍ଲୀ ପର୍ଯ୍ୟନ୍ତ ସେପ୍ଟେମ୍ବର ୬ ତାରିଖ ଦିନଟିକୁ କଳା ଦିବସ ଭାବେ ପାଳନ କରାଯାଇ ଆସୁଛି । ଏହି ମର୍ମରେ ଚଳିତ ବର୍ଷ ମଧ୍ୟ କଳା ଦିବସ ପାଳନ କରିବା ପାଇଁ ବାରିପଦା ହୋଟେଲ ସ୍ୱସ୍ତିକ ସମ୍ମିଳନୀ କକ୍ଷ ଠାରେ ଆଜି ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ଏହି ବୈଠକରେ କୁଡୁମୀ ସେନାର ମୟୁରଭଞ୍ଜ, ବାଲେଶ୍ୱର, କେନ୍ଦୁଝର ଓ ଯାଜପୁର ଜିଲ୍ଲାର ବହୁ ନେତୃ ସ୍ଥାନୀୟ ବ୍ୟକ୍ତି ବିଶେଷ ଯୋଗ ଦେଇଥିଲେ । ପୂର୍ବ ବର୍ଷ ଭଳି ଚଳିତ ବର୍ଷ ମଧ ଆସନ୍ତା ସେପ୍ଟେମ୍ବର ୬ ତାରିଖ ଦିନ କୁଡୁମୀ ବହୁଳ ଜିଲ୍ଲାର ସଦର ମହକୁମା ଗୁଡିକରେ କଳା ଦିବସ ପାଳନ କରାଯିବା ସହ କୁଡୁମୀ ସେନାର ଏକ ପ୍ରତିନିଧି ଦଳ ଦିଲ୍ଲୀ ଯାଇ ସେଠାରେ ମଧ କଳା ଦିବସ ପାଳନ କରିବ ବୋଲି ଜଣାଯାଇଛି । ସେହିପରି କୁଡୁମୀ ଜାତିର ଅନ୍ୟତମ ମହାନ ପର୍ବ କରମ ପୂଜା ଦିନଟିକୁ ରାଜ୍ୟ ସରକାର ଛୁଟି ଦିବସ ଭାବେ ଘୋଷଣା କରିବାକୁ କୁଡୁମୀ ସେନା ପକ୍ଷରୁ ଦାବୀ କରାଯାଇଛି । କୁଡୁମୀ ଜାତି ପ୍ରତି ରାଜ୍ୟ ସରକାର ବେଶ ଯତ୍ନବାନ ଥିବା ପ୍ରଚାର କରାଯାଉଥିବା ବେଳେ, ସରକାରଙ୍କର କେତେ ଆନ୍ତରିକତା ରହିଛି ଏଥିରୁ ଜଣାପଡିବ ବୋଲି କୁଡୁମୀସେନା ପକ୍ଷରୁ କୁହାଯାଇଛି । କୁଡୁମୀ ଜାତିକୁ ଆଦିବାସୀ ତାଲିକାଭୁକ୍ତ କରାଯିବା ପାଇଁ ଦଶବର୍ଷ ଧରି ଚାଲିଥିବା ଆନ୍ଦୋଳନକୁ ଅଧିକ ବ୍ୟାପକ କରାଯିବ ବୋଲି ମଧ କୁହାଯାଇଛି । ବୈଠକରେ କୁଡୁମୀ ସେନା ର ପ୍ରତିଷ୍ଠାତା ସଭାପତି ଜୈମୁନି କୁମାର ମହାନ୍ତ, ଉପସଭାପତି ଉପେନ୍ଦ୍ର ମହାନ୍ତ, ରାଜ୍ୟ ସମ୍ପାଦକ ବିବେକାନନ୍ଦ ମହାନ୍ତ, ଜୟକୃଷ୍ଣ ମହାନ୍ତ, ରାଜ୍ୟ ମହିଳା ସଭାପତି ସୁଜାତା ମହାନ୍ତ, ଜିଲ୍ଲା ସଭାପତି ଡମ୍ବୁରୁଧର ମହାନ୍ତ, ସାଇରାମ ମହାନ୍ତ, ବିଶ୍ୱନାଥ ମହାନ୍ତ, ବୀରେନ୍ଦ୍ର ମହାନ୍ତ, ଘନ ମହାନ୍ତ, ମହିଳା ସେନାର ସସ୍ମିତା ମହାନ୍ତ, ଅଂଜଳି ମହାନ୍ତ, ସୌଭାଗ୍ୟ ମହାନ୍ତ, ସବିତା ମହାନ୍ତ ଛାତ୍ର ସଭାପତି ରଂଜନ ମହାନ୍ତ, ଗୌତମ ମହାନ୍ତ, ବାଲେଶ୍ୱର ଜିଲ୍ଲା ସଭାପତି ନିରଂଜନ ମହାନ୍ତ, ଯାଜପୁର ଜିଲ୍ଲାର ପଂଚାନନ ମହାନ୍ତ, କେଉଁଝର ଜିଲ୍ଲାର କୈଳାସ ମହାନ୍ତ ପ୍ରମୁଖ ଯୋଗଦେଇ ଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ରାଜନୈତିକ ପୃଷ୍ଠପୋଷକତା ବିନା....

ପୃଷ୍ଠପୋଷକତା ଅଥବା ଶିଳ୍ପପତିଙ୍କର ପ୍ରଚ୍ଛନ୍ନ ସହାୟତାରେ ଖବରକାଗଜମାନ ପ୍ରକାଶ ପାଇଥାଏ । ଅଥଚ ଗୋଟିଏ ଉପକୂଳବର୍ତ୍ତୀ ଜିଲ୍ଲା ସଦର ମହକୁମାରେ ଦୁଇ ସାରସ୍ୱତ ଦମ୍ପତ୍ତି ନାନା ସରକାରୀ କଟକଣା ସତ୍ତ୍ୱେ ଦୈନିକ ସମ୍ବାଦପତ୍ରକୁ ଯେପରି ପରିଚାଳନା କରିଆସିଛନ୍ତି ତାହା ଅନ୍ୟମାନଙ୍କ ପାଇଁ ପ୍ରେରଣା ଯୋଗାଉଛି ବୋଲି କହିଥିଲେ ।

ଅନ୍ୟତମ ଅତିଥି ଡ. ଜ୍ଞାନୀ ଦେବାଶିଷ ମିଶ୍ର ନିଜର ବକ୍ତବ୍ୟରେ କହିଥିଲେ ଆଧୁନିକ କଥାସାହିତ୍ୟର ଏହି ପୁଣ୍ୟଭୂମି ବାଲେଶ୍ୱର ଫକୀରମୋହନଙ୍କ ଠାରୁ ଏଯାବତ୍ ବହୁ ସଫଳ ସ୍ରଷ୍ଟା ଓଡ଼ିଆ ବାଣୀଭଣ୍ଡାରକୁ ଋଦ୍ଧିମନ୍ତ କରି ସମଗ୍ର ଓଡ଼ିଆ ସାହିତ୍ୟ ଜଗତକୁ ଉଲ୍ଲେଖନୀୟ ଅବଦାନ ରଖିଆସିଛି, ଯାହା ଅନ୍ୟମାନଙ୍କ ପାଇଁ ଉଦାହରଣ । ଅନ୍ୟମାନଙ୍କ ମଧ୍ୟରେ ଶ୍ରୀମତୀ ସୁବାସିନୀ ଜେନା, କବି କାଳୀପଦ ପଣ୍ଡା ଓ ଉଦଳାର ନଗରପାଳ ପ୍ରମିଳା ପଣ୍ଡା ପ୍ରମୁଖ ଓଡିଆ ସାହିତ୍ୟରେ ଧ୍ୱନି ପ୍ରତିଧ୍ୱନି ଓ ସାଗରିକାର ନିରବଚ୍ଛିନ ସାଧନାକୁ ଭୂୟସୀ ପ୍ରଶଂସା କରିବା ସହ ଏହାର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ ।

ଏହି ଅବସରରେ ଡ. ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟ, ଡ. ମଣୀନ୍ଦ୍ର କୁମାର ମେହେର, ଅଶ୍ୱିନୀ କୁମାର ଦଣ୍ଡପାଟ, ଯଶୋଧାରା ଦାସ, ଡ. ରାଧାରଂଜନ ପଟ୍ଟନାୟକ, ପୀତାମ୍ବର ଦାସ, ଡ. ଭାଗବତ ପ୍ରସାଦ ଦାସ, ଜୟନ୍ତୀ ବିଶ୍ୱାଳ ବେହୁରିଆ, ପ୍ରୀତିଲେଖା ଦାସ, ନଳିନୀକାନ୍ତ ଦାସ, ଯୋଗେନ୍ଦ୍ର ଆଞ୍ଚଳିକ ମହାବିଦ୍ୟାଳୟର ଅଧକ୍ଷା ଶ୍ରୀମତୀ ମିନତୀରାଣୀ ବେହେରାଙ୍କୁ ଧ୍ୱନି ପ୍ରତିଧ୍ୱନି ଓ ସାଗରିକା ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଉତ୍ସବରେ କବି ପ୍ରଦୀପ୍ତ କୁମାର ମିଶ୍ର ଅତିଥିଙ୍କୁ ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ କରିଥିବା ବେଳେ ଶ୍ୱେତାଲିସା ଶୁଭଦର୍ଶିନୀ ଓ ନୃତ୍ୟ ସଂଗୀତ କଳା ମନ୍ଦିରର କଣ୍ଠଶିଳ୍ପୀମାନେ ସଂଗୀତ ପରିବେଷଣ କରିଥିଲେ । ଏଥି ପୂର୍ବରୁ ଆୟୋଜିତ କବିତା ପାଠୋତ୍ସବରେ ସୁଶ୍ରୀ ଗୀତାଶ୍ରୀ ପ୍ରିୟମ୍ବଦା, ସୁଶ୍ରୀ ସତ୍ୟଭାମା ମୁଦୁଲି ଓ ଗଗନ ସେଠୀ କାର୍ଯ୍ୟକ୍ରମ ସଂଚାଳନା କରିଥିବା ବେଳେ ବହୁ କବି ନିଜର ସ୍ୱରଚିତ କବିତା ପାଠ କରିଥିଲେ । ଶେଷରେ ସୃଷ୍ଟିଧର ପରିଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ଅଗ୍ନିଶମବାହିନୀରେ ଗଢାହେବ....

ବାହିନୀକୁ ତୁରନ୍ତ କୌଣସି ବିପର୍ଯ୍ୟୟ ପ୍ରଶମନ କାର୍ଯ୍ୟରେ ନିୟୋଜିତ କରିବା ପାଇଁ ଆବଶ୍ୟକ ଆଧୁନିକ ଦକ୍ଷତା ଥିବା ଏକ ସ୍ୱତନ୍ତ୍ର ଫୋର୍ସର ଆବଶ୍ୟକତା ରହିଛି ବୋଲି ଉପସ୍ଥାପନାରେ କୁହାଯାଇଥିଲା । ଏହି ବାହିନୀକୁ ସମସ୍ତ ପ୍ରକାର ଆଧୁନିକ ଯନ୍ତ୍ର ଓ ଅନ୍ୟାନ୍ୟ ସୁବିଧା ଯୋଗାଇ ଦେଇ ଏକ ଦକ୍ଷ କୌଶଳ ସଂପନ୍ନ ଷ୍ଟ୍ରାଇକିଂ ଫୋର୍ସ ଭାବରେ ବିକଶିତ କରାଯିବ ବୋଲି ବୈଠକ ରେ ନିଷ୍ପତ୍ତି ହୋଇଥିଲା । ଏହି ବୈଠକକୁ ମୁଖ୍ୟମନ୍ତ୍ରୀଙ୍କ ସଚିବ (ଫାଇଭ-ଟି) ଭି କେ ପାଣ୍ଡିଆନ ସଞ୍ଚାଳନା କରିଥିଲେ । ଅଗ୍ନିଶମ ବିଭାଗର ଡିଜି ସନ୍ତୋଷ ଉପାଧ୍ୟୟ ପ୍ରସ୍ତାବ ସମ୍ପର୍କରେ ଉପସ୍ଥାପନା କରିଥିଲେ ।ଆଲୋଚନାରେ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ସଂଜୀବ ଚୋପ୍ରା ଓ ଅତିରିକ୍ତ ଡିଜି ସୌମ୍ୟା ମିଶ୍ର ପ୍ରମୁଖ ଭାଗ ନେଇଥିଲେ ।

## ବହୁରୂପୀ ଏଣ୍ଡୁଅ ବିକ୍ରି ଅଭିଯୋଗରେ....

ବନ ବିଭାଗ ଜାଣି ପାରି ଟିମ୍ ଗଠନ କରି ସେମାନଙ୍କ ସହ ଡିଲ୍ କରିଥିଲେ। ଏନେଇ ବନ ଅଧିକାରୀ ମାନସ ରଞ୍ଜନ ମହାନ୍ତି କହିଛନ୍ତି, ବହୁରୂପୀ ଏଣ୍ଡୁଅ ବନ୍ୟଜନ୍ତୁ ହୋଇଥିବା ବେଳେ ଏହାକୁ ବିକ୍ରି କରିବା ଦଣ୍ଡନୀୟ ଅପରାଧ। ଏହି ରାକେଟ କେବେଠୁ ଚାଲିଛି, ଏଥିରେ ଆଉ କିଏ କିଏ ସମ୍ପୃକ୍ତ ଅଛନ୍ତି ତାହାର ତଦନ୍ତ ଚାଲିଛି। ଏଥିସହ ଏହାର କିଛି ଔଷଧୀୟ ଗୁଣ ଅଛି କି କ’ଣ ତାହାର ମଧ ତଦନ୍ତ ଚାଲିଛି।

## ବିଧାନସଭାରେ ଫ୍ଲୋର ଟେଷ୍ଟ....

ନୀତିରେ ଦୁର୍ନୀତି ଅଭିଯୋଗ ଭିତରେ ବିଜେପି ଦିଲ୍ଲୀ ସରକାର ଭାଙ୍ଗିବାକୁ ଚେଷ୍ଟା କରୁଥିବା ଆପ କରୁଛି ଅଭିଯୋଗ । ଏହା ଭିତରେ ଦଳରେ କୌଣସି ଫାଟ ନଥିବା ପ୍ରମାଣ କରିବାକୁ ଯାଇ ବିଶ୍ୱାସ ପ୍ରସ୍ତାବ ଉପସ୍ଥାପନ କରିଛନ୍ତି ଅରବିନ୍ଦ କେଜ୍ରିୱାଲ । ଗତ ସପ୍ତାହରେ ଆପର ବୈଠକରେ ୫୩ ବିଧାୟକ ସାମିଲ ହୋଇଥିବାବେଳେ ୭ଜଣ ପହଞ୍ଚିନଥିଲେ । ଏହା ପରେ ବିଜେପି ଆପ ସରକାରଙ୍କ ବହୁମତ ନଥିବା କହିଥିଲା । ଯାହାର ଜବାବ ଦେବାକୁ ଯାଇ ଦିଲ୍ଲୀ ବିଧାନସଭାରେ ଶକ୍ତି ପ୍ରଦର୍ଶନ କରିଛନ୍ତି କେଜ୍ରିୱାଲ ।

## ବାଲିଅନ୍ତା ବ୍ଲକରେ ଖୋର୍ଦ୍ଧା ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣି

ଭୁବନେଶ୍ୱର,୨୯/୦୮ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ସୋମବାର ବାଲିଅନ୍ତା ବ୍ଲକ ଗସ୍ତ କରି ବ୍ଲକର ବିଭନ୍ନ ଅଂଚଳରୁ ଆସିଥିବା ଜନସାଧାରଣଙ୍କର ଅଭିଯୋଗ ଶୁଣାଣି ପୂର୍ବକ ସେସବୁର କାର୍ଯ୍ୟନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ମୋଟ ୧୫୨ ଟି ଅଭିଯୋଗ ଗ୍ରହଣ କରାଯାଇଥିବା ସ୍ଥଳେ ୧୪୬ ଅଭିଯୋଗବ୍ୟକ୍ତିଗତ ସମସ୍ୟା ସଂପର୍କିତ ଥିଲା ଓ ୬ ଟି ଅଭିଯୋଗ ସାମୁହିକ ଗ୍ରାମ୍ୟ ସମସ୍ୟା ସଂପର୍କିତ ରହିଥିଲା । ୧୬ ଟି ଅଭିଯୋଗର ତତ୍କାଳ ଫଏସଲା କରାଯାଇଥିଲା । ଜିଲ୍ଲା ରେଡ୍ କ୍ରସ ପାଣ୍ଠିରୁ ୧୩ ହଜାର ଟଙ୍କା ସହାୟତା ରାଶି ବିଭିନ୍ନ ସହାୟତା ଆବଶ୍ୟକ କରୁଥିବା ଯୋଗ୍ୟ ହିତାଧିକାରୀଙ୍କୁ ପ୍ରଦାନ କରାଯାଇଥିବା ବେଳେ ଗୃହୀତ ଅନ୍ୟ ଅଭିଯୋଗଗୁଡିକୁ ସଂପୃକ୍ତ ଅଧିକାରୀମାନଙ୍କ ନିକଟକୁ ପ୍ରେରଣ କରାଯାଇ ଶୀଘ୍ର କାର୍ଯ୍ୟାନୁଷ୍ଠାନ ନିମନ୍ତେ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗଗୁଡିକ ମୁଖ୍ୟତଃ ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା, ବିଭିନ୍ନ ଚିକିତ୍ସା ସହାୟତା, ବାଲିଘାଟ ଶ୍ରମିକଙ୍କ ସମସ୍ୟାଆଦି ସଂପର୍କରେ ଗୃହୀତ ହୋଇଥିଲା । ବ୍ଲକ ଅଂଚଳର ବିଭିନ୍ନ ରାସ୍ତାରେ ଥିବା ଜଳ ନିଷ୍କାସନ ବ୍ୟବସ୍ଥା ସମାଧାନ ସଂପର୍କରେ ଆସିଥିବା ଅଭିଯୋଗ ସଂପର୍କରେ ଜିଲ୍ଲାପାଳ ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀଙ୍କୁ ସଂପୃକ୍ତ ସ୍ଥାନ ପରିଦର୍ଶନ କରି ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ ।

## ରାଷ୍ଟ୍ରିୟ ଖେଳ ଦିବସ ଉପଲକ୍ଷେ ଜଳେଶ୍ୱର ଭାଜପା ପକ୍ଷରୁ ଖେଳାଳୀଙ୍କୁ ସମ୍ବର୍ଦ୍ଧିତ



ଜଳେଶ୍ୱର, ୨୯/୮(ନିପ୍ର) : ରାଷ୍ଟ୍ରିୟ ଖେଳ ଦିବସ ଉପଲକ୍ଷେ ଜଳେଶ୍ୱର ଭାଜପା ପକ୍ଷରୁ ଜଣେ କ୍ରୀଡାବିତ୍‌ଙ୍କ ସମ୍ବର୍ଦ୍ଧିତ କରାଯାଇଛି । ଜଳେଶ୍ୱର ମ୍ୟୁନିସିପାଲଟିର ଶାନ୍ତିଆ ଗ୍ରାମର ସେବତୀ ସିଂ ବିଭିନ୍ନ ଖେଳରେ କୃତିତ୍ୱ ଅର୍ଜନ କରିଥିବା ବେଳେ ୨୦୧୪ ମସିହାରେ ଷ୍ଟେଟ୍ ଏଥଲେଟିକ୍ ମିଟ୍‌ରେ ୩ କି.ମି. ଦୌଡରେ ୩ୟ ସ୍ଥାନ ଅଧିକାର କରି ରାଜ୍ୟ ଓ ଜଳେଶ୍ୱରର ଗୌରବ ଆଣିଥିଲେ । ହେଲେ ଏଯାଏ ତାଙ୍କୁ ରାଜ୍ୟ କିମ୍ବା କେନ୍ଦ୍ର ସରକାରଙ୍କ ପକ୍ଷରୁ କୌଣସି ନିଯୁକ୍ତି ମିଳିନଥିବା ବେଳେ ଆଜି ଜଳେଶ୍‌ବର ବିଜେପି ପକ୍ଷରୁ ଜାତୀୟ ପତାକା ଓ ଚାରାଗଛ ଦେଇ ସମ୍ବର୍ଦ୍ଧିତ କରାଯାଇଛି । ଆଜିର ଏହି କାର୍ଯ୍ୟକ୍ରମରେ ଫାଲଗୁନୀ ପାଣିଗ୍ରାହୀ, ବରିଷ୍ଠ ନେତା ଅରୁଣ ବେଜ, କାଉନ୍‌ସିଲର ଶିବନାରାୟଣ ମହାପାତ୍ର, ଚନ୍ଦନ ଦାସ, ଅନନ୍ତ ଦାସ, ଗଦାଧର ସିଂ, ସୁମତି ରଣା, ରଂଜନ ପାତ୍ର, ଦେବଯାନୀ ଅଣ୍ଡିଆ, କିରଣ ଜେନା ପ୍ରମୁଖ ସାମିଲ ଥିଲେ ।

## ମେଜର ଧ୍ୟାନଚାନ୍ଦଙ୍କୁ ଜୟନ୍ତୀରେ ସ୍ମରଣ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୯/୦୮ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜୟନ୍ତୀ ଅବସରରେ ମେଜର ଧ୍ୟାନଚାନ୍ଦଙ୍କୁ ଶ୍ରଦ୍ଧାଂଜଳି ଅର୍ପଣ କରିଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ ଜାତୀୟ କ୍ରୀଡା ଦିବସ ଭାବେ ପାଳନ କରା ଯାଉଥିବା ମେଜର ଧ୍ୟାନଚାନ୍ଦଙ୍କ ଜୟନ୍ତୀରେ ଶ୍ରଦ୍ଧାଂଜଳି । ତାଙ୍କର କୁହୁକ ଦକ୍ଷତା କାରଣରୁ ଏହି ହକିର ଜାଦୁକର ସାରା ବିଶ୍ୱର କ୍ରୀଡାପ୍ରେମୀ ମାନଙ୍କୁ ପ୍ରଭାବିତ କରିଥିଲେ ।


## ଦକ୍ଷିଣପୂର୍ବ ରେଳପଥ-ଟେଣ୍ଡର

ଇ-ଟେଣ୍ଡରଗୁଡ଼ିକ ନିମ୍ନଲିଖିତ କାର୍ଯ୍ୟଗୁଡ଼ିକ ପାଇଁ ଭାରତର ରାଷ୍ଟ୍ରପତିଙ୍କ ତରଫରୁ ଏବଂ ବିଭାଗ ତରଫରୁ ଡିଭିଜନାଲ ମେକାନିକାଲ୍ ଇଞ୍ଜିନିୟର, ଦକ୍ଷିଣପୂର୍ବ ରେଲୱେ, ଖଡ଼ଗପୁର ଦ୍ୱାରା ଆମନ୍ତ୍ରିତ । ସିରିଏଲ୍ ନମ୍ବର ଏବଂ ବିଡ୍ ନମ୍ବର; ଏହାର ଅବସ୍ଥାନ ସହିତ କାର୍ଯ୍ୟର ନାମର ସଂକ୍ଷିପ୍ତ ବର୍ଣ୍ଣନା; କାର୍ଯ୍ୟର ଆନୁମାନିକ ମୂଲ୍ୟ; ଯଥାକ୍ରମେ ରୋଜଗାର କରନ୍ତୁ: (୧) GEM/ 2022/B/2466005, ତାରିଖ ୨୪.୦୮.୨୦୨୨; କୋଚଗୁଡ଼ିକର ଆଭ୍ୟନ୍ତରୀଣ ସଫା କରିବା, କ୍ରୁ-ବିଶ୍ରାମ କକ୍ଷ, କ୍ରୁ-ଲବି, ଏସ୍‌ଏସ୍‌ସି ଅଫିସ୍, ବାରିପଦାଠାରେ ଷ୍ଟାଫ୍ ରୁମ୍, ବାଙ୍ଗିରିପୋଷି, ଭଞ୍ଜପୁର ତିନିବର୍ଷ ପାଇଁ ଟ.୨୭,୪୬.୨୧୧/-; ଟ.୫୪,୯୨୪/- (୨)GEM/ 2022/B/2463663, ତାରିଖ ୨୩.୦୮.୨୦୨୨; ହାଲଦିଆ ଷ୍ଟେସନରେ କୋଚ୍ ସଫା କରିବା ଏବଂ ଜଳ ଦେବା, ହାଲଦିଆର ଅସୁସ୍ଥ ଲାଇନ ସଫା କରିବା ଏବଂ ଅସୁସ୍ଥ ରେଖା, ବି.ଏଚ୍ ୟାର୍ଡ ହଳଦିଆରେ ତିନିବର୍ଷ ପାଇଁ ପର୍ଯ୍ୟାୟକ୍ରମେ କାର୍ଯ୍ୟରେ ଯୋଗଦେବା; ଟ.୩୯,୭୨,୨୪୩/- ; ଟ ୭୯,୪୪୫/- । ଇ-ଟେଣ୍ଡର ବନ୍ଦ ହେବାର ତାରିଖ ୧୪.୦୯.୨୦୨୨ ଏବଂ ସମୟ: ୧୬.୩୦ ଘଣ୍ଟା । ପ୍ରତ୍ୟେକ ବିଷୟ ପାଇଁ ୱେବସାଇଟ୍: http:gem.gov.in (e marketplace) ଜେମ୍-ଟେଣ୍ଡର ନୋଟିସ ନଂ ଉପରେ ଉଲ୍ଲେଖିତ । http:gem.gov.in (e marketplace) ୱେବ୍‌ସାଇଟ୍‌ରେ ଡିଭିଜନାଲ ମେକାନିକାଲ ଇଞ୍ଜିନିୟର/ ଖଡ଼ଗପୁର ଅଫିସରେ ୨୪.୦୮.୨୦୨୨ (ସିରିଏଲ୍ ନଂ-୧ ପାଇଁ) ଏବଂ ୨୩.୦୮.୨୦୨୨ (ସିରିଏଲ୍ ନଂ-୨ ପାଇଁ)

(PR-523)

ବାଲେଶ୍ୱର, ମଙ୍ଗଳବାର, ୩୦ ଅଗଷ୍ଟ, ୨୦୨୨

ଧ୍ୱନି ପ୍ରତିଧ୍ୱନି



# ଚାହିଦାକୁ ଦୃଷ୍ଟିରେ ରଖି ଅଧିକ ବସ ଚଳାଚଳ କରିବାକୁ ପରିବହନ ମନ୍ତ୍ରୀଙ୍କ ପରାମର୍ଶ

ଭୁବନେଶ୍ୱର,୨୯/୦୮ (ନି.ପ୍ର): ଖାରବେଳ ଭବନସ୍ଥିତ ବାଣିଜ୍ୟ ଓ ପରିବହନ ବିଭାଗ ସମ୍ମିଳନୀ କକ୍ଷଠାରେ ସୋମବାର ପୂର୍ବାହ୍ନରେ ରାଜ୍ୟରେ ଜନସାଧାରଣଙ୍କ ଚାହିଦା ଅନୁଯାୟୀ ଅଧିକ ସଂଖ୍ୟକ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ବସ୍ ଚଳାଚଳ ଏବଂ ଆନ୍ତରାଜ୍ୟ ବସ୍ ଚଳାଚଳ ନେଇ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଶ୍ରୀମତୀ ଟୁକୁନି ସାହୁ ବୈଠକରେ ଅଧ୍ୟକ୍ଷତା କରି ଆନ୍ତଃରାଜ୍ୟ ବସ ଚଳାଚଳ ପାଇଁ ଯେଉଁସବୁ ପ୍ରସ୍ତାବ ରହିଛି ସେସବୁକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଏଥି ସହିତ ରାଜ୍ୟରେ ଲୋକଙ୍କ ଚାହିଦା ଅନୁଯାୟୀ ଗମନାଗମନ ନିମନ୍ତେ ପରିବହନ ବ୍ୟବସ୍ଥାର ସୁଦୃଢ଼ୀକରଣ ଉପରେ ସେ ଗୁରୁତ୍ୱ ଦେଇଛନ୍ତି । ବିଶେଷ କରି ଦକ୍ଷିଣାଂଚଳ ଓ ପଶ୍ଚିମାଂଚଳରେ ରାଜ୍ୟ ସଡ଼କ ପରିବହନ ପକ୍ଷରୁ ଅଧିକ ସଂଖ୍ୟକ ବସ ଚଳାଚଳ କରିବା ଉପରେ ସେ ପ୍ରାଧାନ୍ୟ ଦେଇଛନ୍ତି। ଏହି କ୍ରମରେ ବିଭିନ୍ନ ଅଂଚଳର ସ୍ଥିତି ଅନୁଧ୍ୟାନ କରିବା ନିମନ୍ତେ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏତଦ୍ ବ୍ୟତୀତ ରାଜ୍ୟର ଉତରାଂଚଳ ଯଥା: ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର ସମେତ ପୁରୀ ଜିଲ୍ଲାକୁ ମଧ୍ୟ ଦିନବେଳା ସରକାରୀ ବସ ଚଳାଚଳ ନେଇ ବୈଠକରେ ଆଲୋଚନା ହୋଇଥିଲା। ଏହା ଦ୍ୱାରା ରାଜ୍ୟର ଜନସାଧାରଣ ଗମନାଗମନ କ୍ଷେତ୍ରରେ ଅଧିକ ସୁବିଧା ପାଇପାରିବେ ବୋଲି ମନ୍ତ୍ରୀ ଶ୍ରୀମତୀ ସାହୁ ପ୍ରକାଶ କରିଛନ୍ତି। ବୈଠକରେ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ, ପରିବହନ ଆୟୁକ୍ତ ଅରୁଣ ବୋଥ୍ରା, ଓଏସ୍ଆରଟିସିର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଦୀପ୍ତେଶ ପଟ୍ଟନାୟକ ଏବଂ ବାଣିଜ୍ୟ ଓ ପରିବହନ ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ମେଜର ଧ୍ୟାନଚାନ୍ଦଙ୍କୁ ଶ୍ରଦ୍ଧାଂଜଳି ଜଣାଇଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୨୯/୦୮ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜାତୀୟ କ୍ରୀଡା ଦିବସ ଅବସରରେ ଶୁଭକାମନା ଜଣାଇବା ସହ ଧ୍ୟାନଚାନ୍ଦଙ୍କୁ ଜୟନ୍ତୀ ଅବସରରେ ଶ୍ରଦ୍ଧାଂଜଳି ଜଣାଇଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ - ଜାତୀୟ କ୍ରୀଡା ଦିବସର ଅଭିନନ୍ଦନ ଓ ମେଜର ଧ୍ୟାନଚାନ୍ଦଙ୍କ ଜୟନ୍ତୀରେ ଶ୍ରଦ୍ଧାଂଜଳି । ଗତ କିଛି ବର୍ଷ କ୍ରୀଡା ପାଇଁ ଖୁବ ଭଲ ରହିଛି । ଏହା ଆଗକୁ ମଧ୍ୟ ଜାରୀ ରହୁ । ସାରା ଭାରତରେ ଖେଳ ଲୋକପ୍ରିୟତା ହାସଲ କରୁ ।

## ପୂର୍ବତଟ ରେଳପଥ ପକ୍ଷରୁ ଜାତୀୟ କ୍ରୀଡା ଦିବସ ପାଳିତ

ଭୁବନେଶ୍ୱର,୨୯/୦୮ (ନି.ପ୍ର): ସମସ୍ତଙ୍କ ଜୀବନରେ କ୍ରୀଡ଼ା ତଥା ଦୈନନ୍ଦିନ କାର୍ଯ୍ୟକଳାପର ମହତ୍ୱ ବିଷୟରେ ସଚେତନତା ସୃଷ୍ଟି କରିବା ଏବଂ ହକି କିମ୍ବଦନ୍ତୀ ମେଜର ଧ୍ୟାନ ଚାନ୍ଦଙ୍କ ୧୧୭ ତମ ଜନ୍ମ ବାର୍ଷିକୀକୁ ସ୍ମରଣ କରିବା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ସୋମବାର ଏହାର ମୁଖ୍ୟ କାର୍ଯ୍ୟାଳୟରେ ଜାତୀୟ କ୍ରୀଡ଼ା ଦିବସ ପାଳନ କରାଯାଇଛି । ଏହି ଅବସରରେ ଯୋଗଦାନ କରି ପୂର୍ବତଟ ରେଳପଥର କାର୍ଯ୍ୟକାରୀ ମହାପ୍ରବନ୍ଧକ ଶରଦ କୁମାର ଶ୍ରୀବାସ୍ତବ କହିଛନ୍ତି ଯେ ଜାତୀୟ କ୍ରୀଡ଼ା ଦିବସ ଦେଶର କ୍ରୀଡ଼ା ନାୟକ ଏବଂ ସର୍ବଜୟୀ ଖେଳାଳି ମାନଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ହୋଇଛି ଏବଂ ଦେଶକୁ ସମ୍ମାନ ଆଣିବାରେ ସେମାନଙ୍କର ଅବଦାନ ତଥା ଉତ୍ସର୍ଗୀକୃତତାକୁ ସମ୍ମାନିତ କରାଯାଇଛି। କ୍ରୀଡ଼ାର ମୂଲ୍ୟବୋଧ: ଶୃଙ୍ଖଳା, ଦୃଢ଼ତା, କ୍ରୀଡ଼ାବିତ୍ ଆତ୍ମା, ଦଳଗତ କାର୍ଯ୍ୟ ଏବଂ ଜନସାଧାରଣଙ୍କୁ କ୍ରୀଡା ପ୍ରତି ଉତ୍ସାହ ଆଣିବା ଏବଂ ଏହାକୁ ସେମାନଙ୍କ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ଭାବରେ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଏହି ଦିନ ପାଳନ କରାଯାଉଛି । ରେଳ କର୍ମଚାରୀ ବିଶେଷ ଭାବେ ପୂର୍ବତଟ ରେଳପଥ କ୍ରୀଡ଼ାବିତ ଓ କ୍ରୀଡା କର୍ମକର୍ତାମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ଏବଂ ଜାତୀୟ କ୍ରୀଡ଼ା ଦିବସ ପାଳନ ପାଇଁ କ୍ରୀଡା / ଫିଟନେସ୍ କାର୍ଯ୍ୟକଳାପରେ ଅଂଶଗ୍ରହଣ କରିଥିଲେ ।

# ବାଲେଶ୍ୱରରେ ଆୟୁଷ ବିକାଶ ମଞ୍ଚ ଗଠିତ

ବାଲେଶ୍ୱର,୨୯/୦୮ (ନି.ପ୍ର): ସ୍ଥାନୀୟ ଡ୍ରାଇଭର ସଂଘ ଗୃହରେ ବିଧିବଦ୍ଧ ଭାବେ ଡା. ପୂର୍ଣ୍ଣଚନ୍ଦ୍ର ଜେନା ଏବଂ ଡା. ପ୍ରଭାତ ରଞ୍ଜନ ପ୍ରଧାନଙ୍କ ଯୁଗ୍ମ ଆବାହକତ୍ୱରେ ଆୟୋଜିତ ସାଧାରଣ ସଭାରେ ଆୟୁଷ ବିକାଶ ମଞ୍ଚ ଗଠିତ ହୋଇଯାଇଛି। ଆୟୁଷ (ଆୟୁର୍ବେଦ, ୟୁନାନୀ, ହୋମିଓପାଥି, ଯୋଗ ଓ ସିଦ୍ଧି) ଚିକିତ୍ସକ, ଔଷଧ ବିତରକ, ସମାଜସେବୀମାନଙ୍କ ଉପସ୍ଥିତିରେ ତଥା ଡା. ଅଜୟ କୁମାର ଷଣ୍ଢଙ୍କ ଅଧ୍ୟକ୍ଷତାରେ ବାଲେଶ୍ୱର ସହର ସମେତ ବ୍ଲକ ସ୍ତରରେ ଆୟୁଷ ଚିକିତ୍ସାର ସଠିକ୍ ପ୍ରଚାର ଓ ପ୍ରସାର, ବାଲେଶ୍ୱରରେ ଏକ ଆୟୁର୍ବେଦ ମେଡିକାଲ କଲେଜ୍ ପ୍ରତିଷ୍ଠା, ବାଲେଶ୍ୱର ସଦର ଜିଲ୍ଲା ହସ୍ପିଟାଲ୍‌ରେ ଆୟୁର୍ବେଦୀୟ ବହିଃ ଚିକିତ୍ସା, ସରକାରୀ ମଞ୍ଜୁରୀପ୍ରାପ୍ତ ୫୦ ଶଯ୍ୟା ବିଶିଷ୍ଟ ଆୟୁଷ ଚିକିତ୍ସାଳୟ ଟେଣ୍ଡର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା, ଫକୀରମୋହନ ବିଶ୍ୱ ବିଦ୍ୟାଳୟରେ ଯୋଗ ବିଭାଗ ଖୋଲିବା ସହ ସମସ୍ତ ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀମାନଙ୍କୁ ଯୋଗ ଶିକ୍ଷା ଦେବା ଓ ଆୟୁର୍ବେଦର ସାମଗ୍ରୀକ ବିକାଶର ଧାରାକୁ ଅଧିକ କ୍ରିୟାଶୀଳ କରିବା ଆଭିମୁଖ୍ୟ ନେଇ ଏହି ମଞ୍ଚ ଗଠିତ ହୋଇଥିବା କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି। ଆସନ୍ତା ସେପ୍ଟେମ୍ବର ୨ ତାରିଖ ଅପରାହ୍ନରେ ନବଗଠିତ ଆୟୁଷ ବିକାଶ ମଂଚ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ ପାଇଁ ଆଜିର ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ନବଗଠିତ ଆୟୁଷ ବିକାଶ ମଞ୍ଚର ଡା. ପୂର୍ଣ୍ଣଚନ୍ଦ୍ର ଜେନା ସଭାପତି, ଡା. ପ୍ରଭାକର ରଥ ଉପସଭାପତି, ହିମାଂଶୁ ଶେଖର ଦାସ ସମ୍ପାଦକ, ଡା. ପ୍ରଭାତ ରଞ୍ଜନ ପ୍ରଧାନ ସହ ସମ୍ପାଦକ, ଡା. ସୁଧାଂଶୁ ଶେଖର ଦାଶ କୋଷାଧ୍ୟକ୍ଷ, ଡା. ପ୍ରମୋଦ କୁମାର ରାଉତ, ଡା. ମଧୁସୂଦନ ଜେନା, ଡା. ଜୟନ୍ତ କୁମାର ପ୍ରଧାନ, ଡା. ସମାପିକା ପରିଡ଼ା ଓ ଡା. ଲକ୍ଷ୍ମୀକାନ୍ତ ହୋତାଙ୍କୁ କାର୍ଯ୍ୟକାରୀ ସଭ୍ୟ ତଥା ନିରଞ୍ଜନ ପରିଡ଼ା। ଅଭିରାମ ଦାସ, ପରମେଶ୍ୱର ପାତ୍ର, ଶ୍ୟାମସୁନ୍ଦର ଜେନା, ରବି କୁମାର ପାଣିଗ୍ରାହୀ ଓ ଅଶୋକ କୁମାର ଦାସଙ୍କୁ ଉପଦେଷ୍ଟା ଭାବେ ମନୋନୀତ କରାଯାଇଛି।

# ଶିକ୍ଷକ ସୋମନାଥ ସିଂହ ସମ୍ବର୍ଦ୍ଧିତ



ବାରିପଦା, ୨୯/୦୮ (ନି.ପ୍ର): ଭଂଜଦୂତ ଖବର କାଗଜର ପ୍ରତିଷ୍ଠାତା ସ୍ୱର୍ଗତ ବିତନୁ କୁମାର ନାୟକଙ୍କ ରାଜ୍ୟ ସ୍ତରୀୟ ଶ୍ରଦ୍ଧାଂଜଳି ଉତ୍ସବ ପାଳନ ଅବସରରେ ଭୁବନେଶ୍ୱର ବୁଦ୍ଧ ମନ୍ଦିର ପରିସରରେ ଆୟୋଜିତ ସଭାରେ ବାରିପଦାର କୃତୀ ଶିକ୍ଷକ ତଥା ସମାଜସେବୀ ସୋମନାଥ ସିଂହଙ୍କୁ ସମ୍ବର୍ଦ୍ଧିତ କରାଯାଇଛି ଓ ପ୍ରକାଶ ଥାଉକି ଶ୍ରୀ ସିଂହ ଜିଲ୍ଲା ତଥା ରାଜ୍ୟ ସ୍ତରରେ ଜଣେ ଆଦର୍ଶ ଶିକ୍ଷକ, ମଂଚ ପରିଚାଳକ, ରକ୍ତଦାତା, ମଂଚ ଅଭିନେତା ଓ ସମାଜସେବୀ ଭାବେ ବହୁବାର ପୁରସ୍କୃତ ହୋଇଛନ୍ତି ଓ ପଶୁ ପକ୍ଷୀ ଓ ପ୍ରକୃତି ପ୍ରେମୀ ଅନୁଷ୍ଠାନ ପ୍ରତିଷ୍ଠା କରି ବହୁ ଆହତ ପଶୁ ମାନଙ୍କର ଚିକିତ୍ସା କରାଇ ବେଶ ପ୍ରଶଂସିତ ହୋଇଛନ୍ତି ଓ ନିମ୍ନ ପରିବାର ତଥା ବହୁ ଅନୁଷ୍ଠାନ ସହିତ ଜଡିତ ହୋଇ ନିଜ ବିଦ୍ୟାଳୟ ଓ ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ କରି ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରକୃତି ମିତ୍ର ପୁରସ୍କାର ମଧ ପାଇଛନ୍ତି ଓ ପୂର୍ଣ୍ଣଚନ୍ଦ୍ର ପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭାବେ ଦାୟିତ୍ୱ ନେବା ପରେ ବିଦ୍ୟାଳୟର ରୂପରେଖ ବଦଳାଇବା ସହ ଛାତ୍ର ଛାତ୍ରୀଙ୍କ ପ୍ରତିଭାର ବିକାଶ ଦିଗରେ କାର୍ଯ୍ୟ କରି ଜିଲ୍ଲା ତଥା ରାଜ୍ୟ ସ୍ତରରେ ବିଦ୍ୟାଳୟକୁ ଏକ ସ୍ୱତନ୍ତ୍ର ପରିଚୟ ଦେଇ ପାରିଥିବାରୁ ତାଙ୍କୁ ଏହି ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ସମ୍ବର୍ଦ୍ଧିତ ହେବା ପରେ ଶ୍ରୀ ସିଂହଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି ।

# ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ



ଭଦ୍ରକ, ୨୯/୦୮ (ନି.ପ୍ର): ୨ ଭଣ୍ଡାରିପୋଖରୀବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗୀତା ଭଣ୍ଡାରିପୋଖରୀ ଉଚ୍ଚବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଆଗାମୀ ଜାତୀୟ କ୍ରୀଡା ଦିବସ ଉପଲକ୍ଷେ ସ୍ୱତନ୍ତ୍ର ଭାବେ ଆୟୋଜିତ ଏହି ପ୍ରତିଯୋଗୀତାକୁ ଗୋଷ୍ଠୀ ଶିକ୍ଷାଦକାରୀ ଅଧିର କୁମାର ତରାଇ ମୁଖ୍ୟଅତିଥି ଭାବେ କ୍ରୀଡା ପାତାକା ଉତ୍ତୋଳନ ସହ ଉଦଘାଟନ କରିଥିଲେ । ଏଥିରେ ପ୍ରଧାନଶିକ୍ଷକ ରବିନ୍ଦ୍ର କୁମାର ମହାରଣା, ସୁଦର୍ଶନ ସେଠୀ, ବିଶ୍ୱରଞ୍ଜନ ରଥ, ବି.ଆର.ସି.ସି. ଅକ୍ଷୟ କୁମାର ଜେନା, ଶିକ୍ଷା ସଂଯୋଜକ ରଞ୍ଜନ କୁମାର ମହାନ୍ତି, ପୁଷ୍ପକ ଭାରତୀ, କୈଳାସ ସାମଲ, ଉମାକାନ୍ତ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ । ବରିଷ୍ଠ ଓ କନିଷ୍ଠ ବର୍ଗରେ ୨୨ଟି ବିଦ୍ୟାଳୟର ୧୫୦ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ । 'ଛାତ୍ରଛାତ୍ରୀଙ୍କ କ୍ରୀଡା ଆବଶକତା' ଶୀର୍ଷକ ବିଷୟ ଉପରେ ତର୍କ, ରଚନା, ପ୍ରଗଳ୍ଭ ଭାଷଣ, ଚିତ୍ରାଙ୍କନ, ପୋଷ୍ଟର ପ୍ରସ୍ତୁତି ଆଦି ବିଭାଗରେ ବ୍ୟକ୍ତିଗତ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା । ସେହିପରି ଖୋ ଖୋ, ଭଲି, କବାଡି, ଯୋଗାସନ ଆଦି ବିଭାଗରେ ଦଳଗତ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା । ବ୍ଲକ କ୍ରୀଡା ସମ୍ପାଦକ ଜିତେନ୍ଦ୍ର କୁମାର ସାହୁ, ଆଶୁତୋଷ ଦାସ ପ୍ରମୁଖ କ୍ରୀଡା ପରିଚାଳନା କରିଥିଲେ । ପ୍ରତ୍ୟେକ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିତବା ପ୍ରତିଯୋଗୀ ଆଗାମୀ ରବିବାର ବି.ଏମ. ବାଗୁରାଇ ପରିସରରେ ହେବାକୁ ଥିବା ଜିଲ୍ଲାସ୍ତରୀୟ ପ୍ରତିଯୋଗୀତାରେ ଅଂଶଗ୍ରହଣ କରିବେ ବୋଲି ଜଣାଯାଇଛି । କ୍ରୀଡା ଶିକ୍ଷକ ଦେବାଶିଷ ଆଚାର୍ଯ୍ୟ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ପ୍ରଧାନଶିକ୍ଷୟତ୍ରୀ ତପଜା ସାହୁ ଧନ୍ୟବାଦ ଦେଇଥିଲେ ।

# ଗଜାନନଙ୍କ ପୂଜା ପାଇଁ ବାଲେଶ୍ୱରରେ ଚଳଚଞ୍ଚଳ ଗାଁ ଠୁ ସହର



ବାଲେଶ୍ୱର,୨୯/୦୮ (ନି.ପ୍ର): ବିଘ୍ନ ବିନାଶକ ଆଦ୍ୟପୂଜ୍ୟ ପ୍ରଭୁ ଗଜାନନଙ୍କ ପୂଜାକୁ ଆଉମାତ୍ର ଦିନଟିଏ ଥିବା ବେଳେ ସହରଠାରୁ ପୁରପଲୀ ପର୍ଯ୍ୟନ୍ତ ହୋଇ ଉଠିଛି ଚଳଚଞ୍ଚଳ। ଆସନ୍ତା ୩୧ ତାରିଖରେ ହେଉଥିବା ବିଦ୍ୟାଦାତା ଗଣପତିଙ୍କ ପୂଜା ପାଇଁ ସ୍କୁଲ କଲେଜ ପ୍ରଭୃତି ଶିକ୍ଷାନୁଷ୍ଠାନ ସମେତ ସରକାରୀ ବେସରକାରୀ କାର୍ଯ୍ୟାଳୟ ଏମିତିକି ବିଭିନ୍ନ କ୍ଲବ ପକ୍ଷରୁ ଚାଲିଛି ଜୋରଦାର ପ୍ରସ୍ତୁତି। ଇଲେକ୍ଟ୍ରିକ ମିସ୍ତ୍ରୀ ଓ କନା ଡେକୋରେଟରମାନେ ପୂଜା ମଣ୍ଡପ ତଥା ତରୋଣ ନିର୍ମାଣରେ ଦିନରାତି ଏକ କରି ଦେଇଥିବା ବେଳେ ଶିଳ୍ପୀମାନେ ଗଣେଶଙ୍କ ମୃଣ୍ମୟ ମୂର୍ତ୍ତିରେ ଶେଷ ସ୍ପର୍ଶ ଦେବାରେ ଲାଗିଛନ୍ତି। ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ସହରର ଘରୋଇ, ଶିକ୍ଷାନୁଷ୍ଠାନ ପୂଜା ପ୍ରସ୍ତୁତି ଠାରୁ ବିଭିନ୍ନ କ୍ଲବର ମଣ୍ଡପ ପ୍ରସ୍ତୁତି ଏକ ପ୍ରକାର ପ୍ରତିଯୋଗିତା ଭିତ୍ତିରେ ଚାଲିଥିବା ଲକ୍ଷ୍ୟ କରାଯାଇଛି। ଚଳିତ ବର୍ଷ ବାଲେଶ୍ୱର ସହରରେ ୫୦ରୁ ଊର୍ଦ୍ଧ୍ୱ କ୍ଲବ ପକ୍ଷରୁ ବିଭିନ୍ନ ପ୍ରକାର ଆଧୁନିକ ଡିଜାଇନର ଲମ୍ବୋଦରଙ୍କ ମୃଣ୍ମୟ ମୂର୍ତ୍ତି ପୂଜା ପାଇବାକୁ ଯାଉଥିବା ବେଳେ ଅଧିକାଂଶ ମଣ୍ଡପ ଓ ତରୋଣ ମୁମ୍ବାଇ ମଡେଲରେ ନିର୍ମାଣ ତିଆରି ଚାଲିଥିବା ଦେଖିବାକୁ ମିଳିଛି। ତେବେ ପାଣିଟାଙ୍କି ଛକଠାରୁ ଚିଡ଼ିଆ ପୋଲ ପର୍ଯ୍ୟନ୍ତ ବିଶେଷ କରି କନଭେଂଟ ସ୍କୁଲ ସମ୍ମୁଖ ରାସ୍ତାପାର୍ଶ୍ୱ ୩୮ରୁ ଅଧିକ କ୍ଲବଙ୍କ ଗଣେଶ ପୂଜା ବାଲେଶ୍ୱର ସହର ପାଇଁ ସର୍ବଦା ଗୁରୁତ୍ୱ ରଖିଆସିଛି। ପ୍ରଶାସନ ପକ୍ଷରୁ ଘୋଷିତ ଏହି ସାଇଲେନ୍ସ ଜୋନ ଅଞ୍ଚଳରେ ହେଉଥିବା ପୂଜାରେ ସାଉଣ୍ଡ ସିଷ୍ଟମକୁ ସମ୍ପୂର୍ଣ୍ଣ ବ୍ୟାନ କରାଯାଇଛି। ମାତ୍ର ବିଭିନ୍ନ ମଡେଲର ମୂର୍ତ୍ତି ଦେଖିବାକୁ ପ୍ରତିବର୍ଷ ଭିଡ଼ ହୋଇଥାଏ। କ୍ଲବ ଗୁଡ଼ିକର ବଡ଼ ବଡ଼ ଡିଜାଇନ ମୂର୍ତ୍ତି ଓ ଆକର୍ଷଣୀୟ ସାଜସଜା ପ୍ରସ୍ତୁତି ଏବେ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ଦେଖିବାକୁ ମିଳିଛି। ମହାମାରୀ କରୋନା କଟକଣା ପାଇଁ ଦୀର୍ଘ ୨ବର୍ଷ ଧରି ବିଧି ରକ୍ଷାରେ ଚାଲିଥିବା ପୂଜା ଏଥର ବେଶ ଧୁମଧାମରେ ହେବ ବୋଲି ସବୁ ମହଲରୁ ଆଶା ପ୍ରକାଶ ପାଇଛି। ଏନେଇ ଛାତ୍ରଛାତ୍ରୀ, କ୍ଲବ କର୍ମକର୍ତ୍ତା, ଡେକୋରେଟର ଏମିତିକି ମୂର୍ତ୍ତିକାରମାନେ ଉତ୍ସାହ ଉଦ୍ଦୀପନାରେ ପ୍ରସ୍ତୁତି ଜାରି ରଖିଛନ୍ତି। କରୋନା କଟକଣା ହଟିଯାଇଥିବାରୁ ଚଳିତ ବର୍ଷ ପୂଜା ପାଇଁ ମୂର୍ତ୍ତିକାରମାନେ ଦୀର୍ଘ ମାସେ ଧରି ଗଣେଶ ମୂର୍ତ୍ତି ତିଆରି କରିବାରରେ ଲାଗିଛନ୍ତି। ଅନୁଷ୍ଠାନ ମାନଙ୍କର ଅର୍ଡ଼ର ସାଙ୍ଗକୁ ସାଧାରଣତଃ ବିକ୍ରି ପାଇଁ ସେମାନେ ମୂର୍ତ୍ତି ତିଆରି କରିଥିବା କହିଛନ୍ତି। ଚଳିତ ବର୍ଷ ହଜାରେ ଟଙ୍କାରୁ ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ମୂଲ୍ୟରେ ମୂର୍ତ୍ତି ବିକ୍ରି ହେଉଥିବା ମୂର୍ତ୍ତିକାରମାନେ କହିଛନ୍ତି। ତେବେ ଯଦି ଅନୁକୂଳ ପାଗ ରହିବ ତାହାଲେ ଚଳିତ ବର୍ଷର ଗଣେଶ ପୂଜା ସମସ୍ତଙ୍କ ପାଇଁ ଆକର୍ଷଣୀୟ ହେବ ବିଭିନ୍ନ କ୍ଲବର କର୍ମକର୍ତ୍ତାମାନେ ଆଶା ପ୍ରକାଶ କରିଛନ୍ତି।

# ଆନନ୍ଦମାର୍ଗ ବିଦ୍ୟାଳୟରେ ଆଧ୍ୟାତ୍ମବାଦ ଆଲୋଚନାଚକ୍ର

ବାଲେଶ୍ୱର,୨୯/୦୮ (ନି.ପ୍ର): ସଦର ବ୍ଲକ ଅନ୍ତର୍ଗତ ଆକିନିଆଁ ଆନନ୍ଦମାର୍ଗ ବିଦ୍ୟାଳୟରେ ଏକ ବୌଦ୍ଧିକ ତଥା ଆଧ୍ୟାତ୍ମିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଆନନ୍ଦମାର୍ଗର କେନ୍ଦ୍ରୀୟ ସମ୍ପାଦକ ଆଚାର୍ଯ୍ୟ ପ୍ରିୟକୃଷ୍ଣାନନ୍ଦ ଅବଧୂତ ଏଥିରେ ବିଶେଷ ଅତିଥି ଭାବେ ଯୋଗଦେଇ ମାନବ ସମାଜର ସାମଗ୍ରିକ ବିକାଶ ପାଇଁ କର୍ମଯୋଗ ସାଙ୍ଗକୁ ଆଧ୍ୟାତ୍ମିକ ସାଧାନା ଏକାନ୍ତ ଆବଶ୍ୟକ ବୋଲି କହିଥିଲେ। ଉତ୍କଳ ସମାଜ ସମ୍ପାଦକ ଡ. ଭାସ୍କର ଚନ୍ଦ୍ର ଜେନାଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଫକୀର ମୋହନ ଜୁନିୟର କଲେଜ ଅଧ୍ୟକ୍ଷ ପ୍ରଦୀପ କୁମାର ରଣା ଓ ଅଧ୍ୟାପକ ଡ.ସନ୍ତୋଷ କୁମାର ରାଉତ ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗଦେଇ ମାନବ ସମାଜର ବିକାଶରେ ଅଧ୍ୟାତ୍ମବାଦ ଯୁଗେ ଯୁଗେ ଶ୍ରେଷ୍ଠତା ଲାଭ କରିଛି ବୋଲି ମତ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଚାର୍ଯ୍ୟ ମୁକ୍ତି ଚେତସାନନ୍ଦ, ଆଚାର୍ଯ୍ୟ ମହୀଦେବାନନ୍ଦ, ଆଚାର୍ଯ୍ୟ ଜପକୃଷ୍ଣାନନ୍ଦ ପ୍ରମୁଖ ଏଥିରେ ବିଶେଷ ବକ୍ତା ଭାବେ ଯୋଗଦେଇ ମାନବବାଦର ବିଭିନ୍ନ ତତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଆନନ୍ଦମାର୍ଗ ବିଦ୍ୟାଳୟର ମୁଖ୍ୟ ଉପଦେଷ୍ଟା ପରିକ୍ଷୀତ ଜେନା ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଜ୍ୟରେ ନୂଆ ୨୨୧ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୨୯/୦୮ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୨୨୧ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ୍ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୩୨୭୧୫୦ କୁ ବୃଦ୍ଧି ପାଇଛି । ନୂଆ ଚିହ୍ନଟ ୨୨୧ ଆକ୍ରାନ୍ତଙ୍କ ମଧ୍ୟରୁ ୧୨୯ ଜଣ କ୍ୱାରେଂଟାଇନ (ସଙ୍ଗରୋଧ)ରୁ ଏବଂ ୯୨ ଜଣ ଲୋକାଲ୍ କଂଟାକ୍ଟ (ସ୍ଥାନୀୟ ସମ୍ପର୍କ)ରୁ ରହିଛନ୍ତି । ସେହିପରି ୦ ରୁ ୧୮ ବର୍ଷ ମଧ୍ୟରେ ୩୧ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବା ନେଇ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ୍ କରି ସୂଚନା ଦିଆଯାଇଛି । ଅନ୍ୟପକ୍ଷରେ ନୂଆ ୨୦୫ ଜଣ ସୁସ୍ଥ ହେବା ପରେ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୩୧୫୯୨୯ ରେ ପହଂଚିଛି। ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୧୯୯୪ ରହିଛି । ରାଜ୍ୟରେ ଆଜି ଚିହ୍ନଟ ହୋଇଥିବା ୨୨୧ ସଂକ୍ରମିତଙ୍କ ମଧ୍ୟରୁ ଅନୁଗୁଳ ଜିଲ୍ଲାରେ ୧, ବାଲେଶ୍ୱର ଜିଲ୍ଲାରେ ୩, ବରଗଡ ଜିଲ୍ଲାରେ ୨, ବଲାଙ୍ଗିର ଜିଲ୍ଲାରେ ୧୪, ବୌଦ୍ଧ ଜିଲ୍ଲାରେ ୨, କଟକ ଜିଲ୍ଲାରେ ୧୨, ଦେବଗଡ ଜିଲ୍ଲାରେ ୨, ଯାଜପୁର ଜିଲ୍ଲାରେ ୬, ଝାରସୁଗୁଡ଼ା ଜିଲ୍ଲାରେ ୪, କଳାହାଣ୍ଡି ଜିଲ୍ଲାରେ ୧୦, କନ୍ଧମାଳ ଜିଲ୍ଲାରେ ୩ ଜଣ, କେନ୍ଦ୍ରାପଡ଼ା ଜିଲ୍ଲାରେ ୧ ଏବଂ ଖୋର୍ଦ୍ଧା ଜିଲ୍ଲାରେ ୫୮ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି କୋରାପୁଟ ଜିଲ୍ଲାରେ ୧, ମୟୁରଭଞ୍ଜ ଜିଲ୍ଲାରେ ୫, ନବରଙ୍ଗପୁର ଜିଲ୍ଲାରେ ୧୩, ନୟାଗଡ ଜିଲ୍ଲାରେ ୩, ନୂଆପଡ଼ା ଜିଲ୍ଲାରେ ୯, ପୁରୀ ଜିଲ୍ଲାରେ ୧, ରାୟଗଡ଼ା ଜିଲ୍ଲାରେ ୩, ସମ୍ବଲପୁର ଜିଲ୍ଲାରେ ୧୫, ସୋନପୁର ଜିଲ୍ଲାରେ ୪, ସୁନ୍ଦରଗଡ ଜିଲ୍ଲାରେ ୩୫ ଓ ଷ୍ଟେଟ ପୁଲରେ ୧୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି।

# ବିପୁଳ ଗଞ୍ଜେଇ ସହ ଦୁଇ କାର ଜବତ୍ : ୪ ଗିରଫ



ଜଳେଶ୍ୱର, ୨୯/୮(ନିପ୍ର) : ଓଡିଶାର ଗଜପତି ଜିଲାରୁ ପଶ୍ଚିମବଂଗ ଅଭିମୁଖେ ବ୍ୟାପକ ଗଂଜେଇ ଚୋରାରେ ଚାଲାଣ ହେଉଥିବା ଜାଣି ଆଜି କେନ୍ଦ୍ରୀୟ ଅବକାରୀ ବିଭାଗର ଗୁଇନ୍ଦା ସଂସ୍ଥା ଓ ବାଲେଶ୍ୱର ଅବକାରୀ ବିଭାଗ ପକ୍ଷରୁ ୬୦ନଂ ଜାତୀୟ ରାଜପଥର ସୁବର୍ଣ୍ଣରେଖା ପୋଲ ନିକଟ ରାଜଘାଟ ବଜାରରେ ଜାଲ ବିଛାଇ ରଖିଥିଲେ। ଏକ ୧୫ଜଣିଆ ଟିମ୍ ଛକି ରହିଥିବା ବେଳେ ଟାଟା ଧଳା ସଫାରୀ ଓଡି୦୨ଡି-୨୮୩୫ ଓ ଇଣ୍ଡିଗୋ ଓଡି ୦୧ବି ୪୭୭୯ରେ ଯାଉଥିବା ବିପୁଳ ପରିମାଣର ଗଞ୍ଜେଇ ପ୍ୟାକେଟ ଜବତ୍ କରିବାରେ ସଫଳ ହୋଇଛନ୍ତି । ଅନ୍ୟଏକ ୪ ଚକିଆ ଯାନ ଗଞ୍ଜେଇ ସହିତ ଫେରାର ହୋଇ ଯାଇଥିବା ଅବକାରୀ ବିଭାଗ ସୂତ୍ରରୁ ପ୍ରକାଶ । ଏଥିରେ ୪ଜଣଙ୍କୁ ଗିରଫ କରିଥିବା ଜଣାଯାଇଛି । ଅବକାରୀ କମିଶନର ଆଶିଷ ସିଂଙ୍କ ନିର୍ଦ୍ଦେଶରେ ଉପକମିଶନର ରଜତ୍ କୁମାର ପ୍ରହରାଜ, ଜିଲା ଅଧିକ୍ଷକ ସୁକାନ୍ତ ପାଢୀ, ଉପଅଧିକ୍ଷକ ପ୍ରତାପ ଦାସ, ଗୁଇନ୍ଦା ଆଇଆଇସି ସତ୍ୟଜିତ୍ ଖଟୁଆ, ଜଳେଶ୍ୱର ଅବକାରୀ ଓଆଇସି ଦେବେନ୍ଦ୍ର ବେହେରା, ପ୍ରଶାନ୍ତ କୁମାର ସିଂଭୋଇ, ଭଗବାନ ମହାନନ୍ଦିଆ ପ୍ରମୁଖ ଏହି ଚଢାଉ କରିଥିଲେ । ଧରା ପଡିଥିବା ଗଂଜେଇର ଆନୁମାନିକ ମୂଲ୍ୟ ୧୦ ଲକ୍ଷ ଟଙ୍କା ହେବ ବୋଲି ଅନୁମାନ କରାଯାଉଛି ।

# ରାସ୍ତା କାମକୁ ନେଇ ଚାଲିଛି ରାଜନୀତି



ବସ୍ତା, ୨୯/୦୮ (ନି.ପ୍ର): ବସ୍ତା ଥାନା ବରୁଣଗଡିଆ ପଞ୍ଚାୟତ ଗୋହିରାଗଡ଼ିଆ ଗ୍ରାମରେ ଆଜି ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲ । ପଞ୍ଚାୟତ ର ସରପଞ୍ଚ କରୁଣାକର ମଲ୍ଲିକ,ସମିତିସଭ୍ୟ ରମାକାନ୍ତ ସେଠି,ନାଏବ ସରପଞ୍ଚ ପ୍ରତିନିଧି ଅରୁଣ କୁମାର ବେହେରା, ଉପସ୍ଥିତ ଥିଲେ। ଗୋହୀରାଗଡିଆ ଗ୍ରାମରେ ପଞ୍ଚଦଶ ଅର୍ଥ କମିଶନ ରେ ତିନିଲକ୍ଷ ଟଙ୍କା କାର୍ଯ୍ୟକୁ ନେଇ ଏହି ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ପୂର୍ବରୁ ଏହି ଗ୍ରାମରେ ତିନି ଲକ୍ଷ ଟଙ୍କା ବ୍ୟୟରେ ରାସ୍ତା ନିର୍ମାଣ ପାଇଁ ସରକାର ଙ୍କ ଦ୍ୱାରା ବିଜ୍ଞପ୍ତି ପ୍ରକାଶ ପାଇଥିଲା। ପରେ ବ୍ଲକ୍ କନିଷ୍ଠ ଯନ୍ତ୍ରୀ ଗତ ମାସ ଏହି ଗ୍ରାମରେ ପହଞ୍ଚି ରାସ୍ତା ନିର୍ମାଣ ପାଇଁ ସ୍ଥାନ ନିରୂପଣ କରିଥିଲେ। ବିଭାଗୀୟ ଅଧିକାରୀ ଙ୍କ ନାମରେ କାର୍ଯ୍ୟଥିବା ବେଳେ କନିଷ୍ଠ ଯନ୍ତ୍ରୀ ଗ୍ରାମରେ କିଛି ଲୋକଙ୍କୁ ଦାୟୀତ୍ୱ ଦେଇ କାମ ଆରମ୍ଭ ହେବା ଆରମ୍ଭରେ ହଠାତ୍ ବ୍ଲକ୍ ତରଫରୁ ଉକ୍ତକାର୍ଯ୍ୟ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ଚିଠି ହୋଇଥିବା ସାମ୍ବାଦିକ ସମ୍ମିଳନିରେ ପ୍ରକାଶ କରିଥିଲେ। ପରେ ସରପଞ୍ଚ ଜିଲ୍ଲାପାଳଙ୍କ ଯୁଗ୍ମଅଭିଯୋଗ ଶୁଣାଣୀ ରେ କ୍ଷେତ୍ର ପରିଦର୍ଶନକରି କାର୍ଯ୍ୟ କରିବାପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ମାତ୍ର ଉକ୍ତ କାର୍ଯ୍ୟକୁ ବିଧାୟକ ସ୍ଥାନ ଅନୁଧ୍ୟାନକରି ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିବା ବେଳେ କିଭଳି ଗୋହିରାଗଡ଼ିଆ ରେ କରାଗଲା ଅଭିଯୋଗରେ ପୂର୍ବତନ ସରପଂଚ ବିଡ଼ିଓ ଙ୍କୁ ଦାବି ଜଣାଇଥିଲେ ଏବଂ ବର୍ତ୍ତମାନର ସରପଞ୍ଚଙ୍କ ବିରୋଧରେ ଟିପଣି ଦେଇଥିଲେ। ଏହାକୁ ନେଇ ସରପଞ୍ଚ ଶ୍ରୀ ମଲ୍ଲିକ ସାମ୍ବାଦିକ ସମ୍ମିଳନୀ କରି ଜଣାଇଥିଲେ । ପ୍ରକାଶ ଥାଉକି ନୂତନ ଭାବେ ସରପଞ୍ଚ ଗତ ମାର୍ଚ୍ଚ ମାସ ୧୩ ତାରିଖ ରେ ଦାୟିତ୍ୱ ନେଇଥିଲେ ହେଲେ ପୂର୍ବରୁଅର୍ଜୁନି ଗ୍ରାମରାସ୍ତା ବିପଦ ସଂଙ୍କୁଳ ଅବସ୍ଥାରେ ଥିବାବେଳେ ପୂର୍ବତନ ସରପଞ୍ଚ ଲିପିକା ରାଉଳ ଗ୍ରାମବାସୀଙ୍କ ଅଭିଯୋଗ କ୍ରମେ କାର୍ଯ୍ୟାଦେଶ ପାଇଁ ବିଭାଗିୟ ଯନ୍ତ୍ରୀଙ୍କୁ କହି ଏଷ୍ଟିମେଣ୍ଟ ଦେଇଥିଲେ । ହେଲେ ପଞ୍ଚାୟତ ନିର୍ବାଚନରେ ଅନ୍ୟଦଳର ସରପଞ୍ଚ ହେବାପରେ କିଛି ଅସାଧୁ ବ୍ୟକ୍ତିଙ୍କ ପ୍ରଲୋଚନାରେପଡି ଏହିଭଳି ହିନ ମନ୍ତବ୍ୟ ଦେଉଛନ୍ତି ବୋଲି କିଶୋର ରାଉଳ ଓ ଅର୍ଜୁନି ଗ୍ରାମର ବାସୀନ୍ଦା ପ୍ରକାଶ କରିଛନ୍ତି ।

# ବାରିପଦାରେ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ

## ମୋଟ ୪୮ ଟି ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି



ବାରିପଦା, ୨୯/୦୮ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ଚଳିତ ଜୁଲାଇ ମାସର ପଂଚମ ସୋମବାର ତା.୨୯.୦୮.୨୦୨୨ ରିଖରେ ଜିଲ୍ଲା ସଦରମହକୁମା ବାରିପଦାରେ ମିଳିତ ଜନ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ, ମୟୂରଭଞ୍ଜ ଶ୍ରୀ ବିନୀତ ଭରଦ୍ୱାଜ୍, ଭା.ପ୍ର.ସେ. ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ, ମୟୂରଭଞ୍ଜ ଶ୍ରୀ ରଷିକେଷ ଦ୍ୟାନଦେଓ ଖିଲାରୀ, ଭା.ପୋ.ସେ. ଙ୍କ ତତ୍ୱାବଧାନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଫେସିଲିଟେସନ୍ କେନ୍ଦ୍ର ଠାରେ ଅନୁଷ୍ଠିତ ଉକ୍ତ ମିଳିତ ଜନ ଅଭିଯୋଗ ଶୁଣାଣୀ ଶିବିରରେ ଜନସାଧାରଣ ଙ୍କ ଠାରୁ ଗୃହୀତ ହୋଇଥିବା ମୋଟ ୪୮ ଟି ବିଭିନ୍ନ ଆପତି ଅଭିଯୋଗର ସମସ୍ୟା ସଂପର୍କୀତ ଶୁଣାଣୀ ହୋଇଥିଲା। ଏଥିରେ ୪୩ ଟି ଅଭିଯୋଗ ପତ୍ର ବ୍ୟକ୍ତିଗତ ଓ ୫ ଟି ଆପତି ଅଭିଯୋଗ ପତ୍ର ଗ୍ରାମବାସୀଙ୍କ ସାମୂହିକ ବିଭିନ୍ନ ସମସ୍ୟା ସଂପର୍କୀତ ଅଭିଯୋଗ ଉପରେ ଶୁଣାଣି ହୋଇଥିବାବେଳେ ୪ଟି ଅଭିଯୋଗର ତତ୍କାଳ ସମାଧାନ ହୋଇଥିଲା। ଶିବିରରେ ଶୁଣାଣୀ ହୋଇଥିବା ଅଭିଯୋଗ ବିଷୟ ପ୍ରସଙ୍ଗ ସମସ୍ୟା ଉପରେ ସଂପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ସବିଶେଷ ତଦନ୍ତ କରି ତଥା ଅନୁଧାନ ପୂର୍ବକ ବିହୀତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଜିଲ୍ଲାପାଳ ଶ୍ରୀ ଭରଦ୍ୱାଜ୍ ନିର୍ଦ୍ଦେଶ ଦେଇଥିଲେ। ଅନୁଷ୍ଠିତ ଉକ୍ତ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ବାରିପଦା ଅନ୍ୟା ଦାସ ଭାପ୍ରସେ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ରୂପଭାନୁ ମିଶ୍ର, ପ୍ରମୁଖ ସମେତ ବିଭିନ୍ନ ବିଭାଗ ଜିଲ୍ଲାସ୍ତରୀୟ ପଦାଧିକାରୀ, ବାରିପଦା ଉପଖଣ୍ଡ ର ସମସ୍ତ ତହସିଲଦାର, ବି.ଡି.ଓ. ଏବଂ ସଂପୃକ୍ତ ଲାଇନ ବିଭାଗ ଅଧିକାରୀ ମାନେ ଉପସ୍ଥିତ ଥିଲେ। ଜିଲ୍ଲା ଜରୁରୀ ଅଧିକାରୀ ତଥା ପିଜିସେଲ୍ ନୋଡାଲ୍ ଅଧିକାରୀ,ଡେପୁଟି କଲେକ୍ଟର ସୁଜୟ କୁମାର ପତି ଏବଂ ସଂପୃକ୍ତ ବିଭାଗ କର୍ମଚାରୀ ମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଦ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Managing & Executive Editor : Srustidhar Parida
❐ Editor: Sairindhree Sahoo